


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-126 •SUNDAY •2 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୬ •ରବିବାର •୨ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


## ମନ୍ଦିରରେ ଦଳାଚକଟା
# ୧୨ ଶ୍ରଦ୍ଧାଳୁ ମୃତ





**୨୫ରୁ ଊର୍ଦ୍ଧ୍ୱ ଲୋକ ଆହତ**

■ **ଶ୍ରୀକାକୁଲମ, ୧।୧୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟାରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଭକ୍ତଙ୍କ ମଧ୍ୟରେ ମଧ୍ୟରେ ୮ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ଏକକାଳୀନ ଦର୍ଶନ ପାଇଁ ୫ ହଜାର ଲୋକଙ୍କର ବ୍ୟବସ୍ଥା ଥିବା ବେଳେ ଆଜି ପ୍ରାୟ ୨୫ ହଜାର ଲୋକଙ୍କର ସମାଗମ ହୋଇଥିଲା। ଭିଡ଼ ଅସମ୍ଭାଳ ହୋଇପଡ଼ିବାରୁ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଥିବା କୁହାଯାଉଛି। ରାଜ୍ୟ ସରକାର ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଆନ୍ଧ୍ର ▶ପୃଷ୍ଠା-୭

## ଆଖିବୁଜିଲେ ପାତ୍ରପୁର ଝିଅ ରୁପା

■ **ପାତ୍ରପୁର, ୧।୧୧ (ସମିସ):** ଆନ୍ଧ୍ରପ୍ରଦେଶ ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ପ୍ରାଣ ହରାଇଥିବା ୧୨ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ଅଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୁଡ଼ିପଦର ଗ୍ରାମର ଆର. ଦିଲେଶଙ୍କ ଝିଅ ଆର. ରୁପା (୨୧)। ଗ୍ରାମର କିଛି ଲୋକଙ୍କ ସହ ରୁପା ଉକ୍ତ ମନ୍ଦିରକୁ ଯାଇଥିଲେ। ସେଠାରେ ଦଳାଚକଟାରେ ରୁପାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ସାଂସଦ ▶ପୃଷ୍ଠା-୭

## ବିଶ୍ୱକପ୍ ଫାଇନାଲ ଆଜି

ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଫାଇନାଲରେ ବିଜୟୀ ଦଳ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିବ।

ଅଧିକ ବିବରଣୀ ପୃଷ୍ଠା-୧୨




### ଏମିତି ବି ଆସେ ମୃତ୍ୟୁ ...

## ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ




**ଅଳ୍ପକେ ବର୍ତ୍ତିଗଲେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ**

■ **ବୋଲଗଡ଼, ୧।୧୧ (ସମିସ):** ଏମିତି ବି ଆସେ ମୃତ୍ୟୁ! ବସ୍ ଚଳାଉ ଚଳାଉ ହୃଦ୍‌ଘାତରେ ଟଳିପଡ଼ିଲେ ଚାଳକ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ବଜାରଠାରେ ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ମୃତ ବସ୍ ଚାଳକ ହେଲେ, ସ୍ଥାନୀୟ ଗୋଡ଼ିଆଳି ଗ୍ରାମର ସୁବଳ ମାର୍ଥାଙ୍କ ପୁଅ ଶରତ ଚନ୍ଦ୍ର ମାର୍ଥା (୫୫)। ତାଙ୍କ ଘର ଗୋଡ଼ିଆଳି ଗ୍ରାମରେ। ଦୀର୍ଘ ବର୍ଷ ହେଲା ସେ ସପରିବାରେ ଚୂଡ଼ା ଗ୍ରାମରେ ରହି ଆସୁଥିଲେ। ଅପରପକ୍ଷେ, ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, 'ବିଶାଖା' (ଓଡି-୦୨ ଏବି ୦୫୯୯) ନାମକ ବସ୍‌ଟି ମହିଳା, ପୁରୁଷ ଓ ଛୋଟ ଛୁଆଙ୍କ ସମେତ ପ୍ରାୟତଃ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ସୋରଡ଼ା ଭଞ୍ଜନଗର ଅଭିମୁଖେ ଯାଉଥିଲା। ବୋଲଗଡ଼ ଷ୍ଟାଣ୍ଡରେ ଗାଡ଼ିଟି ରହଣି ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

## ନେପାଳ ସୀମାରୁ ମାଷ୍ଟରମାଇଣ୍ଡ ଶଙ୍କର ଗିରଫ




**ଗିରଫଦାରୀ ସଂଖ୍ୟା ୧୨୪ ଛୁଇଁଲା**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ କ୍ରାଇମ୍‌ବ୍ରାଞ୍ଚ ଶନିବାର ବିଳମ୍ବିତ ରାତିରେ ଉତ୍ତରାଖଣ୍ଡରୁ ଗିରଫ କରିଛି। ଉତ୍ତରାଖଣ୍ଡ-ନେପାଳ ସୀମାବର୍ତ୍ତୀ ଏକ ଅଞ୍ଚଳରୁ ଶଙ୍କରଙ୍କୁ ଗିରଫ କରାଯାଇଛି। ଚାକିରି କେଳେଙ୍କାରୀ ସାମ୍ନାକୁ ଆସିବା ପରଠାରୁ ସେ ଫେରାର୍ ଥିଲା। ଏକାଧିକ ଠିକଣା ବଦଳାଇ ଶେଷରେ ଉତ୍ତରାଖଣ୍ଡରେ ଲୁଚିଥିଲା। ଏଠାରୁ ସେ ନେପାଳ ଖସିଯିବାକୁ ମଉକା ଖୋଜୁଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାଙ୍କର ଗୁପ୍ତ ଠିକଣା ଉପରେ ଚଢ଼ଉ କରିଥିଲା। ପରେ ତାକୁ ସେଠାରୁ ଗିରଫ କରାଯାଇଛି। ନେପାଳରୁ ସେ ଦୁବାଇ ଖସିଯିବାକୁ ଯୋଜନା କରୁଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି। ଶଙ୍କରଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବ। ଚାକିରି ବିକ୍ରି ମାମଲାର ପର୍ଦ୍ଦାଫାସ କରିବାକୁ କ୍ରାଇମ୍‌ବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରିଛି। ଏହି ମାମଲାରେ ଶଙ୍କର ଗିରଫ ହେବା ପରେ ଗିରଫଦାରୀ ସଂଖ୍ୟା ମୋଟ ୧୨୪ରେ ପହଞ୍ଚିଛି।

ଏହି ଜାଲିଆତି କିପରି ହେଲା। କେଉଁ ପର୍ଯ୍ୟାୟରେ କେଉଁମାନେ ତାଙ୍କ ସହ ସାମିଲ ହୋଇ ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବାକୁ ଷଡଯନ୍ତ୍ର ରଚିଥିଲେ। ଗିରଫ ହୋଇଥିବା ଆଶାୟୀଙ୍କୁ ବିଶାଖାପାଟଣା ରଖିବା ପାଇଁ କିଏ ▶ପୃଷ୍ଠା-୭

## ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ



■ **ଭୁବନେଶ୍ୱର, ୧।୧୧ (ସମିସ):** ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ଓ ଜୀବନ ଜୀବନବ୍ୟାପୀ ସାଧନା ପାଇଁ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରୁ ଆୟୋଜିତ ହେବାକୁ ଥିବା ଦୁଇଦିନିଆ 'ତୃତୀୟ ସୋଆ ସାହିତ୍ୟ ଉତ୍ସବ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ସ୍ୱରୂପ, ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସୋଆ 'ପ୍ରାଚୀନ'ର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର୍ ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

### ଚନ୍ଦକାରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ

## ରାଜଧାନୀରେ ବି ଗୁଣିଗାରେଡ଼ି ପାଇଁ ହତ୍ୟା

■ **ଭୁବନେଶ୍ୱର, ୧।୧୧ (ସମିସ):** ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାରୁ ପରଦା ହଟିଛି। ୨୪ଘଣ୍ଟା ଭିତରେ ମୃତକଙ୍କୁ ଚିହ୍ନଟ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ମୃତକ ହେଉଛନ୍ତି, ପିତାଗାଡ଼ିଆ ଗାଁର ବଳରାମ ଦେଓଗାମ୍ (୭୨)। ତାଙ୍କୁ ହତ୍ୟା କରି ପୋତିଦେଇଥିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫରେଷ୍ଟ ୱାଚମ୍ୟାନ କହ୍ନେଇ ହେମ୍ବ୍ରମ (୨୭) ଓ ରାମ ସାମଦା (୨୫)। ଗୁଣିଗାରେଡ଼ି ସନ୍ଦେହରେ ବଳରାମଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୁକ୍ତ ଦ୍ୱୟ ପ୍ରକାଶ କରିଛନ୍ତି। ସେମାନଙ୍କର ଏଭଳି ସ୍ୱୀକାରୋକ୍ତି ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି। ପଛୁଆ ଓ ଦୁର୍ଗମ ଅଞ୍ଚଳରେ ଘଟୁଥିବା ଏଭଳି ବୀଭତ୍ସ କାଣ୍ଡ ରାଜଧାନୀକୁ ଛୁଇଁଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।



**ଧରାପଡ଼ିଲେ ଦୁଇ ଅଭିଯୁକ୍ତ**

**'ବାପାଙ୍କ ମୃତ୍ୟୁ ପାଇଁ ସେ ଦାୟୀ'**

ପୁଲିସ ସୂଚନାନୁସାରେ, ଗତ ସେପ୍ଟେମ୍ବରରେ ବଳରାମଙ୍କ ନାତୁଣୀ ତଥା ରାମଚରଣଙ୍କ ଝିଅର ଏକୋଇଶିଆକୁ କହ୍ନେଇର ବାପା ପର୍ଶୁରାମ ହେମ୍ବ୍ରମ ଯାଇଥିଲେ। ସେଠାରୁ ସାରି ଫେରିବା ବେଳେ ବଳରାମଙ୍କ ଘର ଠାରୁ ମାତ୍ର ୫୦ ▶ପୃଷ୍ଠା-୭

## ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗେଇଲା ଓଡ଼ିଶା

### ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍‌ର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ



**୨୦୦୦ କୋଟି ନିବେଶ, ୧୦୦୦ ନିଯୁକ୍ତି**

**ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ହବ୍ ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

**ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍': ଅଶ୍ୱିନୀ ବୈଷ୍ଣବ**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୂର୍ବ ସରକାର ଆରମ୍ଭ କରିଥିବା ସେମିକଣ୍ଡକ୍ଟର ଯାତ୍ରା କ୍ଷେତ୍ରରେ ଓଡ଼ିଶା ଶନିବାର ଆଉ ପାଦେ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ସମାରୋହରେ ଯୋଗ ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ(ବୃତ୍ତିଧାରୀ)ଙ୍କୁ ନିଯୁକ୍ତି ମିଳିବ ବୋଲି ▶ପୃଷ୍ଠା-୭




# ରାଜସ୍ଥାନରେ ଶହେବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା



ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ରାଜସ୍ଥାନରେ ଦୀର୍ଘ ୧୦୮ ବର୍ଷ ପରେ ଚଳିତ ବର୍ଷ ସର୍ବାଧିକ ବର୍ଷା ହୋଇଛି । ୨୦୨୫ରେ ସର୍ବାଧିକ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ପୂର୍ବରୁ ୧୯୧୭ରେ ମୌସୁମୀ ଋତୁରେ ସର୍ବାଧିକ ୮୪୪.୨ ମିମି ବର୍ଷା ହୋଇଥିଲା । କିନ୍ତୁ ଏବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୭୧୫.୨ ମିମି ବର୍ଷା ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି । ଏଥିସହ ଇତିହାସରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି । ୧୯୦୧ ପରେ ଅର୍ଥାତ ୧୨୫ ବର୍ଷ ପରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି । ରାଜ୍ୟରେ ହାରାହାରି ବର୍ଷା ୪୩୫.୬ ମିମି ଥିବା ବେଳେ ଏଥର ୬୪ ପ୍ରତିଶତ ଅଧିକ ବର୍ଷା ହୋଇଛି । ରାଜସ୍ଥାନରେ ଗତ ୧୫ ବର୍ଷ ମଧ୍ୟରେ ୫ଥର ଅସାଧାରଣ ଭାବେ ସର୍ବାଧିକ ବର୍ଷା ହୋଇଛି ଓ ଏହା ରାଜ୍ୟର ଶ୍ରେଷ୍ଠ-୧୦ ସର୍ବକାଳୀନ ରେକର୍ଡରେ ସାମିଲ ହୋଇଛି । ପୂର୍ବରୁ ୧୯୦୮ରୁ ୧୯୭୫ ମଧ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷାଠାରୁ ଅଧିକ ୫ ଥର ଯଥା ୧୯୦୮, ୧୯୧୭, ୧୯୪୪, ୧୯୭୩ ଓ ୧୯୭୫ରେ ହୋଇଥିଲା । କିନ୍ତୁ ୨୦୧୧ ଓ ୨୦୨୫ ମଧ୍ୟରେ ବର୍ଷାର ରେକର୍ଡ ବାରମ୍ବାର ଭାଙ୍ଗିଥିଲା । ୨୦୧୧, ୨୦୧୯, ୨୦୨୨, ୨୦୨୪ ଓ ୨୦୨୫ରେ ବର୍ଷାର ରେକର୍ଡ ଟପ୍-୧୦ ତାଲିକାରେ ସାମିଲ ହୋଇଛି । ପୁଣି ପ୍ରଥମଥର ପାଇଁ ୧୧୭ ବର୍ଷର ମଧ୍ୟରେ ରାଜସ୍ଥାନରେ କ୍ରମାଗତ ଦୁଇବର୍ଷ ହରାହାରିଠାରୁ ଅଧିକ ବର୍ଷା ହୋଇଛି ।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି ଯେ ଗତ ୪ ମାସ ହେଲା ରାଜ୍ୟରେ କ୍ରମାଗତ ବର୍ଷା ହେବାରେ ଲାଗିଛି । ନଭେମ୍ବର ମାସରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି ।

## ଟ୍ରମ୍ପଙ୍କୁ କ୍ଷମା ମାଗିଲେ କାନାଡ଼ା ପ୍ରଧାନମନ୍ତ୍ରୀ କାର୍ଣ୍ଣି

ସଓଲ, ୧।୧୧(ଏଜେନ୍ସି): କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି । ଫଳରେ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଶେଷ ବୋଲି ଅନୁମାନ କରାଯାଉଛି । ଏକ ବିବାଦୀୟ ବିଜ୍ଞାପନ କାରଣରୁ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା । ଏଥିରେ ପୂର୍ବତନ ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ପୁରୁଣା ଭାଷଣକୁ ବ୍ୟବହାର କରି ଟାରିଫ୍ ବିରୋଧରେ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଥିଲା । ଦକ୍ଷିଣ କୋରିଆର ଗୁଆନଝୁ ସହରରେ ସାମ୍ବାଦିକମାନଙ୍କ ସହ କଥା ହେବା ବେଳେ କାର୍ଣ୍ଣି ଟ୍ରମ୍ପଙ୍କୁ କ୍ଷମା ମାଗିବା କଥା କହିଛନ୍ତି । ସେ ରାଗିବା ସହ ମୋ ଉପରେ ଅସନ୍ତୋଷ ଜାହିର କରିଥିଲେ । ଯଦି ଆମେରିକା ପ୍ରସ୍ତୁତ ହେବ ତେବେ ବାଣିଜ୍ୟ ନେଇ ପୁଣି କଥାବାର୍ତ୍ତା ଆରମ୍ଭ କରିବାକୁ କାନାଡ଼ା ରାଜି ଅଛି ବୋଲି ସେ କହିଛନ୍ତି । ଏହି ବିବାଦୀୟ ବିଜ୍ଞାପନ କାନାଡାର ଓଣ୍ଟାରିଓ ରାଜ୍ୟ ସରକାର ପ୍ରସାରଣ କରିଥିଲେ । ଏଥିରେ ଟାରିଫ ଆମେରିକା ପାଇଁ କ୍ଷତିକାରକ ବୋଲି ରେଗାନ କହୁଥିବାର ଦେଖାଯାଇଥିଲା । ଏଥିରେ ଟ୍ରମ୍ପ ରାଗି ଯାଇଥିଲେ । ଫଳରେ ସେ କାନାଡା ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଲାଗୁ କରିଥିଲେ । ଫଳରେ କାନାଡା ଉପରେ ଆମେରିକାର ଟାରିଫ ୩୫ରୁ ୪୫ ପ୍ରତିଶତରେ ପହଞ୍ଚିଥିଲା । ଭାରତ ଓ ବ୍ରାଜିଲ ପରେ ଏହା ତୃତୀୟ ସର୍ବାଧିକ ଟାରିଫ ବିବେଚିତ ହେଉଛି ।

## ଅପରେସନ ସିନ୍ଦୂର ହେଉଛି ଧର୍ମଯୁଦ୍ଧ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୫୩ ବର୍ଷ ପରେ ନିଜ ପିଲାବେଳର ବିଦ୍ୟାଳୟ ପରିଦର୍ଶନରେ ମଧ୍ୟପ୍ରଦେଶର ସତନା ଗସ୍ତରେ ଯାଇଛନ୍ତି । ପିଲାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରକୁ ଏକ ଧର୍ମ ଯୁଦ୍ଧର ଆଖ୍ୟା ଦେଇଛନ୍ତି । ଏହା ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେ କେବେ କୌଣସି ନିର୍ଦ୍ଦୋଷ ନାଗରିକଙ୍କର କ୍ଷତି ପହଞ୍ଚାଇନାହୁଁ । ନମାଜ କିମ୍ବା କୌଣସି ଧାର୍ମିକ ପ୍ରାର୍ଥନା ସମୟରେ ଆମେ କେବେବି ଆକ୍ରମଣ କରିନାହୁଁ ବୋଲି ସେ କହିଛନ୍ତି । ୧୯୭୧ ଯୁଦ୍ଧ ସମୟରେ ସେ ଏହି ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲେ । ଦୀର୍ଘ ୫୬ ବର୍ଷ ପରେ ନିଜ ପିଲା ବେଳର ସ୍କୁଲରେ ପହଞ୍ଚି ସେ ଭାବପ୍ରବଣ ହୋଇ ପଡ଼ିଥିଲେ । ଅପରେସନ ସିନ୍ଦୂର ପୂରା ଦେଶକୁ ଏକାଠି କରିବା ସହ ଗୋଟିଏ ସୂତ୍ରରେ ବାନ୍ଧିଥିଲା । ଟେକନିକ୍ ଓ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଏହି ମିଶନ ସଫଳ ହୋଇଥିଲା ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ । ଗତ ମେ ୭ରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଠିକଣାକୁ ମିସାଇଲ ମାଡ କରି ଧ୍ୱଂସ କରିଥିଲା । ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ । ସରକାର ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଅପରେସନ ସିନ୍ଦୂର ବୋଲି କହିଥିଲେ ।

## ୩୦ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଫେରାଇଲା ଇସ୍ରାଏଲ

ତେଲ ଅଭିଭ୍, ୧।୧୧(ଏଜେନ୍ସି): ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଇସ୍ରାଏଲ ୩୦ଜଣ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଗାଜାକୁ ଫେରାଇଛି ବୋଲି ଖାନ୍ ୟୁନିସ ସ୍ଥିତ ନାସେର ମେଡିକାଲ କମ୍ପ୍ଲେକ୍ସ ତରଫରୁ କୁହାଯାଇଛି । ପଣବନ୍ଦୀ ପ୍ରତିବଦଳ ଚୁକ୍ତି ଅନୁସାରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି ବୋଲି କୁହାଯାଇଛି । ପ୍ରଥମେ ଜଣେ ମୃତ ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ ୧୫ ଜଣ ପାଲେଷ୍ଟାଇନ୍‌ଙ୍କୁ ଫେରାଇବାର ଚୁକ୍ତି ହୋଇଥିଲା । ଏଥିସହ ଇସ୍ରାଏଲ ଗାଜାକୁ ମୋଟ୍ ଉପରେ ୨୨୫ ଜଣ ନାଗରିକଙ୍କୁ ମୃତ ବା ଜୀବିତ ଅବସ୍ଥାରେ ଫେରାଇ ସାରିଛି । ରେଡ୍ କ୍ରସ୍ ଏହି ମୃତଦେହଗୁଡ଼ିକୁ ନାସେର ଆଣିଥିଲା । ଅକ୍ଟୋବର ୧୦ରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୨୦୨୩ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ହାମାସ ଏପର୍ଯ୍ୟନ୍ତ ଇସ୍ରାଏଲ ୨୦ଜର ପଣବନ୍ଦୀଙ୍କୁ ଫେରାଇ ସାରିଛି । ହମାସ ମଧ୍ୟ ଥାଇଲାଣ୍ଡ ଓ ନେପାଳ ଜଣେ ନାଗରିକଙ୍କୁ ଫେରାଇଥିଲା । ଅବଶ୍ୟ ପୂର୍ବରୁ ହମାସ ଅସ୍ତ୍ରବିରତି ଚୁକ୍ତି ଉଲ୍ଲଂଘନ କରୁଛି ବୋଲି ଇସ୍ରାଏଲ ଅଭିଯୋଗ କରି ଗାଜାରେ ଆକ୍ରମଣ କରିଥିଲା ଓ ଏଥିରେ ୩୦ ଜଣ ମୃତ୍ୟୁବରଣ କରିଥିଲେ ।

## ସାଉଦିରେ ପୁଲିସ ଗୁଳିରେ ଭାରତୀୟ ମୃତ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଝାଡ଼ଖଣ୍ଡରୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ସାଉଦି ଆରବ ଯାଇଥିବା ଜଣେ ଭାରତୀୟ ଯୁବକ ଗୁଳିମାଡ଼ରେ ନିହତ ହୋଇଛନ୍ତି । ସାଉଦି ଆରବରେ ପୁଲିସ ଓ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଗ୍ୟାଙ୍ଗ୍ ମଧ୍ୟରେ ଗୁଳିଚାଳନା ଚାଲଥିବା ବେଳେ ଏହି ଯୁବକଙ୍କ ଦେହରେ ଭୁଲରେ ଗୁଳି ବାଜିଥିଲା । ଘଟଣାସ୍ଥଳରେ ଯୁବକଙ୍କର ମୃତ୍ୟୁ ହୋଇଥିଲା । ଏହି ଯୁବକଙ୍କ ଘର ହେଉଛି ଝାଡ଼ଖଣ୍ଡ ଗିରିଡିହରେ । ପୁଲିସ ଓ ଗ୍ୟାଙ୍ଗ୍ ମଧ୍ୟରେ ଗୁଳି ବିନମୟ ବେଳେ ଏହି ଯୁବକ ଫସି ଯାଇଥିଲେ ଓ ଭୁଲ୍‌ରେ ଗୁଳି ବାଜିବା କାରଣରୁ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି । ଏ ସଂକ୍ରାନ୍ତରେ ଝାଡଖଣ୍ଡ ଶ୍ରମ ବିଭାଗର ଅଧିକାରୀ ମାନେ ଭାରତୀୟ ଦୂତାବାସ ଓ ସାଉଦି ଆରବର ଜେଦ୍ଦା ପୁଲିସ ସହ ଯୋଗାଯୋଗ କରିଛନ୍ତି । ମୃତ୍ୟୁ ପୂର୍ବରୁ ସମ୍ପୃକ୍ତ ଯୁବକ ନିଜ ପତ୍ନୀ ଓ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ମେସେଜ ଦେଇଥିଲେ । ଗୁଳି ବିନିମୟରେ ଫସିଯାଇଛି ଓ ଆହତ ହୋଇଛି ବୋଲି ଯୁବକ ଜଣକ ଉଲ୍ଲେଖ କରିଥିଲେ ।

### ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କ ବିରୋଧରେ ଠକେଇ ଅଭିଯୋଗ

# ବ୍ୟାଙ୍କରୁ ଠକି ନେଲେ ୪,୪୪୦ କୋଟି

ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଆମେରିକାର ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏକ କମ୍ପାନୀ ଅଚାନକ ଚର୍ଚ୍ଚାକୁ ଆସି ଯାଇଛି । ଏହି କମ୍ପାନୀ ଶହେ କି ଦୁଇ ଶହ ନୁହେଁ, ପ୍ରାୟ ୫୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୪,୪୦୦ କୋଟି ଟଙ୍କା ଠକି ନେଇଛି । ଏହି ଦୁର୍ନୀତି ଠକେଇ ବିବାଦର କେନ୍ଦ୍ରରେ ଭାରତୀୟ ବଂଶୋଦ୍ଭବ ସିଇଓ ବଙ୍କିମ ବ୍ରହ୍ମଭଟ୍ଟ ଅଛନ୍ତି । ସେ ଆମେରିକାରେ ବ୍ରଡ୍‌ବ୍ୟାଣ୍ଡ ଟେଲିକମ ଏବଂ ବ୍ରିଜଭଏସର ମାଲିକ ମଧ୍ୟ । ତାଙ୍କ ବିରୋଧରେ ବଡ଼ ଅଭିଯୋଗ ଲାଗିଛି । ସେ ଆମେରିକା କମ୍ପାନୀ ବ୍ଲାକରକ୍‌ର ପ୍ରାଇଭେଟ କ୍ରେଡିଟ ୟୁନିଟ ଏଚ୍‌ପିଏସ ଇନ୍‌ଭେଷ୍ଟମେଣ୍ଟ ପାର୍ଟନର୍ସ ଏବଂ ଫ୍ରାନ୍ସର ବିଏନପି ପିରିବାସ ଭଳି ଗ୍ଲୋବାଲ ବ୍ୟାଙ୍କକୁ ଠକି ଦେଇଛନ୍ତି ।






ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ବିଶ୍ୱର ସବୁଠାରୁ ବଡ଼ ନିବେଶ କମ୍ପାନୀ ମଧ୍ୟରୁ ଅନ୍ୟତମ ବ୍ଲାକରକ୍ ଇଙ୍କର ଏକ ଶାଖା ଏବଂ ଅନ୍ୟ କିଛି ଋଣ ଦେଇଥିବା କମ୍ପାନୀ ବ୍ରହ୍ମଭଟ୍ଟଙ୍କଠାରୁ ଏହି ଅର୍ଥ ଫେରସ୍ତ ଚାହୁଁଛନ୍ତି । ବଙ୍କିମ ଜାଲ୍ ଟେଲିକମ ସମ୍ପତ୍ତି, ଇନ୍‌ଭଏସ, ଇମେଲ ଏବଂ ଠିକା ପ୍ରସ୍ତୁତ କରି ଋଣ ନେଇଥିବା ଅଭିଯୋଗ ହୋଇଛି । ଅସଲି ଟେଲିକମ୍ କ୍ଲାଇଣ୍ଟ ଭଳି ଭେକ ୱେବସାଇଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଅଡିଟର୍ସ ଏବଂ ଋଣଦାତାଙ୍କୁ ଅନ୍ଧାରରେ ରଖିବା ପାଇଁ ଏପରି କରାଯାଇଥିଲା । ଗତ ଦୁଇ ବର୍ଷରେ ଯାଞ୍ଚ ପାଇଁ କରାଯାଇଥିବା ପ୍ରତ୍ୟେକ ଇମେଲ ଜାଲ୍ ଥିଲା । ୨୦୧୮ ରୁ ଏହି କଳା କାରନାମା ଚାଲିଥିଲା । ମୋଟ ଋଣ ପରିମାଣ ୫୦୦ ନିୟୁତ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ୨୦୨୪ରେ ବଙ୍କିମଙ୍କ ଋଣ ଠକେଇ ବିଷୟରେ ଜଣା ପଡିଥିଲା । ଏହା ପରେ ତାଙ୍କ କମ୍ପାନୀଗୁଡିକ ଏବଂ ସେ ନିଜେ ଦେବାଳିଆ ହୋଇଯାଇଥିଲେ । ଏହି କାରବାରରେ ଫ୍ରାନ୍ସ ବ୍ୟାଙ୍କ ବିଏନପି ପରିବାସର ମଧ୍ୟ ଭୂମିକା ଥିଲା । ଏହି ବ୍ୟାଙ୍କ ବ୍ଲାକରକ୍‌ର ସହଯୋଗୀ ଗୋଷ୍ଠୀ ଏଚିପିଏସ ଇନଭେଷ୍ଟମେଣ୍ଟ ପାଟନର୍ସକୁ ବଙ୍କିମଙ୍କୁ ଋଣ ଦେବାରେ ସହାୟତା କରିଥିଲା । ତେବେ ବିଏନପି ପକ୍ଷରୁ ଏ ନେଇ କୌଣସି ଟିପ୍ପଣୀ ଦିଆଯାଇ ନାହିଁ ।

୨୦୨୪ ଜୁଲାଇରେ ଏଚ୍‌ପିଏସର ଜଣେ କର୍ମଚାରୀ କଷ୍ଟମର ଇମେଲ ଆଡ୍ରେସରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ । ପୁନଃ ଯାଞ୍ଚ ପରେ ବେଲ୍‌ଜିଆନ ଟେଲିକମ୍ କମ୍ପାନୀ ବିଆଇସିଏସ ପକ୍ଷରୁ କୁହାଯାଇଥିଲା ଯେ ବ୍ରିଜଭଏସ ସହ କମ୍ପାନୀର କୌଣସି ଚୁକ୍ତି ହୋଇନାହିଁ । କମ୍ପାନୀ ନାମରେ ଜାଲିଆତି ହୋଇଥିବା ସ୍ପଷ୍ଟ କରାଯାଇଥିଲା । ଏହା ପରେ ଡିଲଏଟ ଏବଂ ସିବିଆଇଜେଡ୍ ଯାଞ୍ଚରେ କଷ୍ଟମର ଡାଟା, ଇନଭଏସ ଏବଂ ଠିକା ସବୁ କିଛି ଜାଲ୍ ଥିବା ଜଣାପଡ଼ିଥିଲା । ଋଣଦାତା ଯୋଗାଯୋଗ କରିବା ପରେ ବ୍ରହ୍ମଭଟ୍ଟ କଲ୍ ଏବଂ ଇମେଲ ବନ୍ଦ କରିଦେଇଥିଲେ । ତାଙ୍କର ନ୍ୟୁୟର୍କ ସ୍ଥିତ ଅଫିସ ବନ୍ଦ ଥିବାବେଳେ ଘର ଖାଲି ଥିଲା । ତେବେ ମହଙ୍ଗା କାର୍‌ଗୁଡିକ ଘର ବାହାରେ ଛିଡ଼ା ହୋଇଥିଲା । ସେ ଭାରତ କିମ୍ବା ମରିସସ୍ ପଳାୟନ କରିଥିବା କୁହାଯାଉଛି । ୨୦୨୪ ଅଗଷ୍ଟରେ ବ୍ରଡବ୍ୟାଣ୍ଡ ଟେଲିକମ, ବ୍ରିଜଭଏସ, କ୍ୟାରିଅକ୍ସ କ୍ୟାପିଟାଲ ୨ ଏବଂ ବିବି କ୍ୟାପିଟାଲ ଏସପିଭି ଦେବାଳିଆ ହୋଇ ଯାଇଥିଲା । ଅଗଷ୍ଟ ୧୨ରେ ବ୍ରହ୍ମଭଟ୍ଟ ବ୍ୟକ୍ତିଗତ ଦେବାଳିଆ ପାଇଁ ଆବେଦନ କରିଥିଲେ । ତେବେ ବ୍ରହ୍ମଭଟ୍ଟଙ୍କ ଓକିଲ ସବୁ ଅଭିଯୋଗକୁ ଭ୍ରମାତ୍ମକ ଏବଂ ଆଧାରହୀନ କହିଛନ୍ତି । କମ୍ପାନୀର ବ୍ୟବସାୟ ବୈଧ ଥିଲା ଏବଂ ଯାଞ୍ଚ ଅଧୁରା ଥିବା କୁହାଯାଇଥିଲା ।

## ଭାଗ୍ୟ ଖୋଲିଦେଲା ଲଟେରି , ୧୧ ବର୍ଷର ପିଲା ଏବେ କୋଟିପତି



ଲୁଧିଆନା, ୧।୧୧ (ଏଜେନ୍ସି): ପଞ୍ଜାବ ଲୁଧିଆନାରେ ଜଣେ ଶିଶୁଙ୍କ ଭାଗ୍ୟ ଅଚାନକ ଖୋଲିଯାଇଛି । ସେ ୧୧ ବର୍ଷ ବୟସରେ କୋଟିପତି ପାଲଟି ଯାଇଛନ୍ତି । ଏହାକୁ ନେଇ ପରିବାର ସଦସ୍ୟ ବହୁତ ଖୁସି ଅଛନ୍ତି । ଘରେ ବ୍ୟାଣ୍ଡବାଜା ବାଜୁଛି । ଲୋକେ ଖୁସିରେ ନାଚୁଛନ୍ତି । ସମସ୍ତେ ଏହି ଶିଶୁକୁ ଭାଗ୍ୟଶାଳୀ କହୁଛନ୍ତି । ଏହି ଶିଶୁ ପାଇଁ ହିଁ ଘରେ ବସି ବସି ଲକ୍ଷ୍ମୀ ଆସିଥିଲେ । ଏହି ଶିଶୁର ନାମ ଆରବ । ସେ ହୋସିୟାରପୁରର ମୂଳ ବାସିନ୍ଦା । ଏବେ ସେ ମାମୁ କରନଙ୍କ ସହ ଲୁଧିଆନାର ହେବୋୱାଲରେ ରହୁଛନ୍ତି । ସେ ଶୁକ୍ରବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ । ଏହି ସମୟରେ ଲଟେରି ଦୋକାନରେ ଭିଡ଼ ଲାଗିଥିବା ଦେଖିବାକୁ ପାଇଥିଲେ । ତେଣୁ ସେ ମାମୁଁଙ୍କୁ ଲଟେରି ଟିକଟ କିଣିବାକୁ କହିଥିଲେ । କିନ୍ତୁ ମାମୁ ମନା କରିବାରୁ ସେ ଜିଦ୍ କରିଥିଲେ । ଶେଷରେ ଆରବଙ୍କ ନାମରେ ମାମୁ ଏକ ଟିକଟ କିଣି ଦେଇଥିଲେ । ଏହା ଦୋକାନର ଶେଷ ଟିକଟ ମଧ୍ୟ ଥିଲା । ଏବେ ଫଳାଫଳ ଘୋଷଣା ହେବା ପରେ ଆରବ କୋଟିଏ ଟଙ୍କା ପୁରସ୍କାର ଜିତିଥିବା ଘୋଷଣା କରାଯାଇଥିଲା । ଏହା ଶୁଣି ପରିବାର ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ । ଗାଁ ଏବଂ ପଡ଼ିଶାରେ ମିଠା ବାଣ୍ଟି ଥିଲେ ।

## ହାଇଦ୍ରାବାଦ ବିମାନକୁ ବୋମା ଧମକ

ହାଇଦରାବାଦ୍, ୧।୧୧(ଏଜେନ୍ସି): ହାଇଦରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆରଜିଆଇଏ) ଶନିବାର ଏକ ଇ-ମେଲ ଜରିଆରେ ବୋମା ଧମକ ପାଇଥିଲା । ସାଉଦି ଆରବର ଜେଦ୍ଦାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ମାନବ ବୋମା ଥିବା ଏହି ମେଲ୍‌ରେ ଦାବି କରାଯାଇଥିଲା । ଧମକ ମିଳିବା ପରେ ଏହି ବିମାନ ହାଇଦରାବାଦ ଯିବା ବଦଳରେ ମୁମ୍ବାଇ ଯାଇ ସୁରକ୍ଷିତ ଭାବେ ଅବତରଣ କରିଥିଲେ । ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିଛି । ଏଲ୍‌ଟିଟିଇ-ଆଇଏସ୍ଆଇ କାର୍ଯ୍ୟକର୍ତ୍ତାମାନେ ୧୯୮୪ ଭଳି ବୋମା ବିସ୍ଫୋରଣ ଘଟାଇବାକୁ ଯୋଜନା କରିଛନ୍ତି ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା । ବିମାନ ବନ୍ଦର ସହିତ ଜଡିତ ସବୁ କର୍ମକର୍ତ୍ତାଙ୍କୁ ଏ ନେଇ ସଜାଗ କରାଯାଇଥିଲା ଓ ବିମାନର ଗତିପଥକୁ ମୁମ୍ବାଇକୁ ବଦଳାଯାଇଥିଲା ।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା

## ମହିଳାଙ୍କଠୁ ୪୭ କୋଟିର କୋକେନ୍ ଜବତ

ମୁମ୍ବାଇ, ୧।୧୧(ଏଜେନ୍ସି): ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଡାଇରେକ୍ଟୋରେଟ ଅଫ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଅଧିକାରୀମାନେ ଜଣେ ମହିଳାଙ୍କଠାରୁ ୪୭ କୋଟି ଟଙ୍କାର କୋକେନ ତଥା ନିଶାଦ୍ରବ୍ୟ ଜବତ କରିଛନ୍ତି । ଶନିବାର ଶ୍ରୀଲଙ୍କା ରାଜଧାନୀ କଲମ୍ବୋରୁ ଆସି ମୁମ୍ବାଇରେ ପହଞ୍ଚିବା ପରେ ଏହି ମହିଳା ଯାତ୍ରୀଙ୍କଠାରୁ ୪ କେଜି ୭୦ ଗ୍ରାମର କୋକେନ ଜବତ କରାଯାଇଥିଲା । ଏହି ନିଶାଦ୍ରବ୍ୟକୁ ସେ କଫି ପ୍ୟାକେଟ୍‌ରେ ଅତି ଚତୁରତାର ସହ ଛୁପାଇ ଆଣିଥିଲେ । ଜବତ ହୋଇଥିବା ଏହି ପ୍ୟାକେଟଗୁଡିକ ବିଦେଶରୁ ମୁମ୍ବାଇ ଆସି ପହଞ୍ଚିଥିଲା । ଯାଞ୍ଚ ଅବସରରେ ଡିଆରଆଇ ଟିମ୍‌ର ସନ୍ଦେହ ଉପୁଜିଥିଲା । ଏହାପରେ ପ୍ୟାକେଟଗୁଡିକର ସ୍କାନିଂ କରାଯାଇଥିଲା ଓ ଡ୍ରଗ୍ସ ଥିବା ଜଣାପଡ଼ିଥିଲା । ଏହି ମାମଲାରେ ଡିଆରଆଇ ଅଧିକାରୀମାନେ ୫ ଜଣଙ୍କୁ ଗିରଫ କରିଛନ୍ତି । ଏମାନଙ୍କ ମଧ୍ୟରେ ଦୁଇଜଣ ଯାତ୍ରୀ ଓ ୩ ଜଣ ସହଯୋଗୀ ସାମିଲ ରହିଛନ୍ତି । ଅଭିଯୁକ୍ତମାନେ ଏହି ନିଶାଦ୍ରବ୍ୟଗୁଡିକୁ ବିମାନ ବନ୍ଦର ବାହାରକୁ ନେବା ପାଇଁ ପ୍ରୟସା କରୁଥିଲେ । ଏହି ମାମଲା ସହିତ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲଣକାରୀ ନେଟ୍‌ୱର୍କ ଜଡିତ ରହିଛି ବୋଲି ପଚରାଉଚରା ପରେ ଜଣାପଡ଼ିଛି । ଜବତ ହୋଇଥିବା କୋକେନର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୪୭ କୋଟି ଟଙ୍କା ବୋଲି କୁହାଯାଇଛି । ସବୁ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

### ଫେରିଲା ୧୫୦ ବର୍ଷର ପରମ୍ପରା 'ଦରବାର ମୁଭ୍'

## ଜମ୍ମୁରୁ ପୁଣି ଚାଲିବ ସରକାର

ଶ୍ରୀନଗର, ୧।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ୧୫୦ ବର୍ଷ ତଳର 'ଦରବାର ମୁଭ' ପରମ୍ପରା ପ୍ରତ୍ୟାବର୍ତ୍ତନ କରିଛି । ୪ ବର୍ଷ ପରେ ପୁଣି ଜମ୍ମୁରୁ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ପରିଚାଳିତ ହେବ । ଆଗାମୀ ଶୀତ ଋତୁକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି । ଶୁକ୍ରବାର ସବୁ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ ସବୁ ଜିନିଷପତ୍ର ଓ କର୍ମଚାରୀ ଶ୍ରୀନଗରରୁ ଜମ୍ମୁ ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଜମ୍ମୁରୁ ହିଁ ସବୁ ସରକାରୀ କାର୍ଯ୍ୟ ନଭେମ୍ବର ୩ରୁ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ, ସିଭିଲ ସଚିବାଳୟ ସହିତ ସବୁ ଅନ୍ୟ ବିଭାଗର ମୋଟ ୩୯ଟି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଜମ୍ମୁକୁ ପଠାଯିବ । ସେହିପରି ୪୭ ବିଭାଗର କାର୍ଯ୍ୟାଳୟ ତମ୍ବୁରେ ଚାଲିବ । ଏହି ବିଭାଗଗୁଡିରେ ୩୩ ପ୍ରତିଶତ କର୍ମଚାରୀ କିମ୍ବା ୧୦ ଜଣ ଅଧିକାରୀଙ୍କ ସହ କାର୍ଯ୍ୟ କରିବେ । ଶୀତ ଯିବା ପରେ ଗ୍ରୀଷ୍ମ ଆରମ୍ଭ ହେବା ପରେ ଏହି ଅସ୍ଥାୟୀ କାର୍ଯ୍ୟାଳୟଗୁଡିକ ପୁଣି ଶ୍ରୀନଗରକୁ ସ୍ଥାନାନ୍ତର ହେବ । ଏହି ପରମ୍ପରା ୧୫୦ ବର୍ଷ ହେବ ଚାଲିଆସୁ ଥିଲେ ମଧ୍ୟ ୨୦୨୧ରେ ଉପ-ରାଜ୍ୟପାଳ ବନ୍ଦ କରିଦେଇଥିଲେ । କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପୁଣିଥରେ ଏହି ପରମ୍ପରାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଫଳରେ ୬ ଲକ୍ଷ କର୍ମଚାରୀ ଏବେ ଜମ୍ମୁ ଯିବେ । ଏହା ଦ୍ୱାରା ଶୀତ ଋତୁରେ ଜମ୍ମୁର ଅର୍ଥ ବ୍ୟବସ୍ଥାକୁ ପୁଣିଥରେ ବଳ ମିଳିବ । ଉଲ୍ଲେଖଥାଉ କି, ୧୮୭୨ରେ ଡୋଗରା ଶାସକ ମହାରାଜା ରଣବୀର ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ । ଗ୍ରୀଷ୍ମଋତୁରେ ଶ୍ରୀନଗର ଓ ଶୀତଋତୁରେ ଜମ୍ମୁ ରାଜ୍ୟର ରାଜଧାନୀ ବିବେଚିତ ହେଉଥିଲା । ଦରବାର ମୁଭ ପାଇଁ ନଭେମ୍ବର ୧ ଓ ୨ରେ ଟ୍ରାଫିକକୁ ବନ୍ଦ କରାଯିବ ।

## ଧଉଳି ଗଙ୍ଗାରେ ସୃଷ୍ଟି ହେଉଛି ହ୍ରଦ, ଚିନ୍ତାରେ ପରିବେଶବିତ୍



ଚମୋଲି, ୧।୧୧(ଏଜେନ୍ସି): ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ନୀତି ଘାଟିରେ ଧଉଳି ଗଙ୍ଗା ନଦୀରେ ନୂଆ ହ୍ରଦ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି । ଫଳରେ ଏହା ବୈଜ୍ଞାନିକ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି । ଯଦି ଏହି ହ୍ରଦ ଭବିଷ୍ୟତରେ ବୃଦ୍ଧିପାଏ, ତେବେ ତଳିଆ ଅଞ୍ଚଳରେ ବିପଦ ଓ ଧ୍ୱଂସ ଆଣିଦେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସୃଷ୍ଟି ହୋଇଥିବା ଏହି ନୂଆ ହ୍ରଦର ଦୈର୍ଘ୍ୟ ୩୫୦ ମିଟର ରହିଛି ଓ ଏହା କ୍ରମାଗତ ବୃଦ୍ଧିପାଇବାରେ ଲାଗିଛି । କିନ୍ତୁ ଏହି ହ୍ରଦ ପୂର୍ବରୁ ଥିଲା । କିନ୍ତୁ ଏତେ ବଡ଼ ହ୍ରଦ ପ୍ରଥମଥର ପାଇଁ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏହି ହ୍ରଦ ତମଙ୍ଗ ନାଳ ନିକଟରେ ସୃଷ୍ଟି ହୋଇଛି । ଗତ ଅଗଷ୍ଟରେ ହୋଇଥିବା ପ୍ରବଳ ବର୍ଷା ଓ ତୁଷାରପାତ ଯୋଗୁଁ ଧଉଳି ଗଙ୍ଗା ପ୍ରବାହରେ ବାଧା ସୃଷ୍ଟି ହୋଇଥିଲା । ହିମପ୍ରବାହ ତରଳିବା ଯୋଗୁଁ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି ବୋଲି ପରିବେଶବିତମାନେ କହିଛନ୍ତି । ୨୦୧୯ ରେ ସରକାରଙ୍କୁ ଏ ନେଇ ଚେତାବନୀ ଦିଆଯାଇଥିଲା । ତମଙ୍ଗ ନାଳ ଉପରେ ପୋଲ ନିର୍ମାଣ ହୋଇଥିଲା ଓ ଏହି ପୋଲ ବର୍ଷା ଓ ତୁଷାରପାତ କାରଣରୁ ଭାଙ୍ଗିଯାଇ ନାଳ ଉପରେ ପଡ଼ିଥିଲ । ଫଳରେ ପ୍ରବାହ ବାଧିତ ହୋଇଥିଲା । ଏହି କାରଣରୁ ମଧ୍ୟ ହ୍ରଦ ସୃଷ୍ଟି ହୋଇଥାଇ ପାରେ ବୋଲି କୁହାଯାଉଛି ।

## ମସ୍କୋରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

କିଭ୍, ୧।୧୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉ ନାହିଁ । ଏବେ ୟୁକ୍ରେନ୍ ରୁଷିଆର ରାଜଧାନୀ ମସ୍କୋ ଉପରେ ଡ୍ରୋନ ଆକ୍ରମଣ କରିଛି । ୟୁକ୍ରେନର ଗୁଇନ୍ଦା ଏଜେନ୍ସି (ହତ୍‌ୟୁଆର) ଶୁକ୍ରବାର ମସ୍କୋ ନିକଟରେ ଥିବା ଏକ ୪୦୦ କିମି ଦୀର୍ଘ ଫୁଏଲ ପାଇପ୍ ଲାଇନ୍ ଉପରେ ଆକ୍ରମଣ କରିଛି । ଏହି ପାଇପ୍ ଲାଇନ୍‌ର ନାମ 'ରିଙ୍ଗ' ବୋଲି ଜଣାପଡ଼ିଛି । ଏହି ଆକ୍ରମଣ ପରେ ରୁଷ୍‌ର ପେଟ୍ରୋଲ, ଡିଜେଲ ଓ ବିମାନର ଇନ୍ଧନ ଯୋଗାଣ ବନ୍ଦ ହୋଇଛି । ୟୁକ୍ରେନର ଏହି ଆକ୍ରମଣରେ ମସ୍କୋର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ୩ଟି ମୁଖ୍ୟ ପାଇପ୍ ଲାଇନ ଏକାସଙ୍ଗେ ଧ୍ୱଂସ ପାଇଛି । ସେଠାରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବାକୁ ରୁଷିଆ ଅସ୍ତ୍ରଶସ୍ତ୍ର ନିୟୋଜିତ କରିଥିଲା । ତେବେ ସେ ସବୁ ଠିକ୍ ସମୟରେ କାର୍ଯ୍ୟ କରି ନଥିଲା । ଏବେ ରୁଷ୍ ସେନାକୁ ଇନ୍ଧନ ମିଳିବା କଷ୍ଟକର ହୋଇ ପଡ଼ିଛି । ଏହି ପାଇପ୍ ଲାଇନ ଜରିଆରେ ପ୍ରତିବର୍ଷ ୩୦ ଲକ୍ଷ ଟନ୍ ଜେଟ୍ ଇନ୍ଧନ, ଲକ୍ଷ ଲକ୍ଷ ଟନ ପେଟ୍ରୋଲ ଓ ଡିଜେଲ ପଠାଯାଇଥାଏ । ଏବେ ଏହି କାରଣରୁ ମସ୍କୋର ଅର୍ଥବ୍ୟବସ୍ଥା ନକାରାତ୍ମକ ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାତି ସାରା ହୋଇଥିବା ଡ୍ରୋନ ଆକ୍ରମଣର ଏହା ଏକ ଅଂଶ ଥିଲା ବୋଲି ରୁଷିଆ ତରଫରୁ କୁହାଯାଇଛି । ଅନ୍ୟପଟେ ୧୦ଟି ଅଞ୍ଚଳରେ ୟୁକ୍ରେନର ୯୮ଟି ଡ୍ରୋନକୁ ମାରି ଖସାଇଛୁ ବୋଲି ରୁଷ୍ ସେନା ତରଫରୁ କୁହାଯାଇଛି ।

# ଆଜିଠୁ ପଞ୍ଚୁକ ବ୍ରତ

- ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା
- ଏଥର ଚାରିଦିନିଆ ପଞ୍ଚୁକ, ବାଙ୍କଚୂଡ଼ା ବେଶ ନାହିଁ

ପୁରୀ,୧।୧୧(ସମିସ): ରବିବାରଠାରୁ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଚଳିତ ବର୍ଷ ୫ଦିନ ପରିବର୍ତ୍ତେ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ। ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଦ୍ୱାଦଶୀ ତିଥି କ୍ଷୟ ଯାଉଥିବାରୁ ମହାପ୍ରଭୁଙ୍କ ୪ଟି ବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ। ବାଙ୍କଚୁଡ଼ା ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିବେ। ଏହାସହ ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବ। ସେହିପରି ୩ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ପ୍ରତିଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାକୁ ଥିବାରୁ ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଳଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥା'ନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ।

ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମାର୍କେଟ୍ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୯୬ ସେକ୍ସନ୍ ଫୋର୍ସ ମୁତୟନ ହୋଇଛନ୍ତି। ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟର୍‌ଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ତାହା ପୁରୀ ପୁଲିସର ପ୍ରାଥମିକତା ରହିବ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

**ପଦୋନ୍ନତି କ୍ଷେତ୍ରରେ ବରିଷ୍ଠତାକୁ ଉପେକ୍ଷା ପ୍ରସଙ୍ଗ**

# ଆର୍‌ଆଇ ପଦୋନ୍ନତି ପାଇଥିବା ପ୍ରତିପକ୍ଷଙ୍କୁ ପୂର୍ବ ପଦକୁ ଆଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧।୧୧ (ସମିସ): ବରିଷ୍ଠତାକୁ ଉପେକ୍ଷା ପୂର୍ବକ କେନ୍ଦୁଝର ଜିଲ୍ଲାରେ କେତେକ ସାଧାରଣ ବର୍ଗ ପ୍ରାର୍ଥୀଙ୍କୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦକୁ ବେଆଇନ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହି ମାମଲାର ପ୍ରତିପକ୍ଷ ତଥା ଆର୍‌ଆଇ ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ସେମାନଙ୍କ ପୂର୍ବ ପଦକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଦୋନ୍ନତି ପାଇଁ ପାଇଥିବା ଦରମା ଓ ଅନ୍ୟାନ୍ୟ ଆର୍ଥିକ ଲାଭ ସେମାନଙ୍କ ନିକଟରୁ ଭରଣା କରାଯିବ ନାହିଁ। ଆର୍‌ଆଇ ପଦକୁ ପଦୋନ୍ନତି ପାଇଁ ଏକ ଡିପିସି ଡାକିବାକୁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସଂଜୟ କୁମାର ପେରେଇ ଓ ଅନ୍ୟ ଚାରିଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଡିପିସିର ଫଳାଫଳ ଆଧାରରେ ସାନି ପଦୋନ୍ନତି ନିର୍ଦ୍ଦେଶନାମା ଜାରି ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, କେନ୍ଦୁଝର ଜିଲ୍ଲାରେ ଗତ ୨୦୧୯ରେ ଗ୍ରେଡେସନ୍ ତାଲିକାରେ ବରିଷ୍ଠତା କ୍ଷେତ୍ରରେ ଆବେଦନକାରୀଙ୍କ ସ୍ଥାନର ତଳେ ଥିବା ପ୍ରତିପକ୍ଷ ସାଧାରଣବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ମାମଲା ଶୁଣାଣି ପାଇଁ ହାଇକୋର୍ଟକୁ ସ୍ଥାନାନ୍ତର ହୋଇ ଆସିଥିଲା।

**■ ୩୬ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇବା ପ୍ରସଙ୍ଗ**

# ନବୀକରଣ ପାଇଁ ତାଗିଦ କରୁଛି ବିଭାଗ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧।୧୧(ସମିସ): ରାଜ୍ୟର ମୋଟ୍ ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୩୬ଟି ମହାବିଦ୍ୟାଳୟ ସ୍ୱୟଂଶାସିତ ମାନ୍ୟତା ହରାଇ ସାରିଛନ୍ତି। ଅନେକ ନବୀକରଣ ପାଇଁ ଆବେଦନ କରୁ ନଥିବାବେଳେ ଆଉକିଛି ଆବେଦନ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମାନ୍ୟତା ନବୀକରଣ କରାଯାଇନାହିଁ। ଏନେଇ ଖବର ପ୍ରକାଶ ପାଇଲା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସମସ୍ତ ପ୍ରକାର ତ୍ରୁଟି ସୁଧାରି ମାନ୍ୟତା ଫେରିପାଇବା ପାଇଁ ସରକାର ପ୍ରୟାସ କରୁଛନ୍ତି। ପାଠପଢ଼ା ସହିତ ଅଫିସିଆଲ୍ କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେବାକୁ କଲେଜ ଅଧ୍ୟକ୍ଷମାନଙ୍କୁ କୁହାଯାଇଛି। ମାନ୍ୟତା ଅବଧି ଶେଷ ହେବା ପରେ ଆବେଦନ କରି ନ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଭାଗ ପକ୍ଷରୁ ତାଗିଦ୍ କରାଯାଉଛି। ଆବେଦନ କରି ମଧ୍ୟ ମାନ୍ୟତା ନବୀକରଣ ହୋଇ ନଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏଥିପାଇଁ ଟାଇମ୍‌ଲାଇନ୍ ସହ ଡେଡ୍ ଲାଇନ୍ ମଧ୍ୟ ଦିଆଯାଉଛି। ସେହିପରି ବିଶ୍ୱବିଦ୍ୟାଳୟ ସହ କଲେଜଗୁଡ଼ିକର ଅଫିଲେସନ୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଇ ନବୀକରଣ କରିବାକୁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

**ଘୋଷଣାକୁ ପୂରିଲା ବର୍ଷେ**

# ଘୋଷଣାରେ ସୀମିତ ଶିଶୁ ସୁରକ୍ଷା ହେଲ୍‌ପଲାଇନ୍ ନମ୍ବର

ଭୁବନେଶ୍ୱର,୧।୧୧(ସମିସ): ଶିଶୁମାନଙ୍କୁ ଶୋଷଣ, ଚାଲାଣ, ନିର୍ଯ୍ୟାତନା ଓ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ସରକାର ସର୍ବଦା ସମ୍ବେଦନଶୀଳ ଅଛନ୍ତି। ଦାନ୍ତ ବିହୀନ କିମସନକୁ ନୂଆ ସରକାରରେ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ। ନୂଆ, ଢାଞ୍ଚାରେ ନୂଆ ନିୟମରେ ପରିବର୍ତ୍ତନ କରାଯିବ। ଏଥିପାଇଁ ରହିଥିବା ଆଇନ ଓ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇ ଆୟୋଗକୁ ସୁଦୃଢ଼ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତବର୍ଷ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସସିପିସିଆର)ର ପ୍ରତିଷ୍ଠା ଦିବସ ଅବସରରେ ଘୋଷଣା କରିଥିଲେ। ସେହିପରି ଯୌନ ଉତ୍ପୀଡ଼ନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରାଯିବା ସହ ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ଦେୟମୁକ୍ତ ନମ୍ବର(୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିପାରିବେ। ଏହି ନମ୍ବରକୁ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରଯାଏଁ ବ୍ୟାପକ କରାଯିବ। ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିଥିଲେ ମଧ୍ୟ ଏହି ନମ୍ବର ଗାଁ ଗାଁରେ ପହଞ୍ଚିବା ତ ଦୂରର କଥା, ବ୍ଲକ୍ କି ଜିଲ୍ଲା ସ୍ତରକୁ ମଧ୍ୟ ଯାଇ ପାରିଲା ନାହିଁ।

ରାଜ୍ୟରେ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ଏବଂ ଏହାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ଟୋଲ୍ ଫ୍ରି ନମ୍ବର ସହ ପୁଲିସ ସହାୟତା ନମ୍ବର, ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବର ବିଷୟରେ ସଚେତନା କରାଯିବାକୁ ଯୋଜନା ରହିଥିଲା। ଶିଶୁ ଚାଲାଣ ରୋକିବା ପାଇଁ ଗାଁ ମାନଙ୍କରେ ଏସ୍‌ଏଚ୍‌ଜି ମହିଳା ଓ 'ଅଦ୍ୱିକା' ଯୋଜନାରେ କିଶୋରୀ ବାଳିକାଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ଘର ଘର ବୁଲି ଏ ବାବଦରେ ଅଭିଭାବକମାନଙ୍କୁ ଅବଗତ କରାଇବେ। ଏଥିପାଇଁ ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ; ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ନିର୍ଯ୍ୟାତନା, ଯୌନ ଉତ୍ପୀଡ଼ନ ସମେତ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହେଲା ଭଳି କୌଣସି ଘଟଣା ସାମ୍ନାକୁ ଆସିଲେ ପୁଲିସ

**ସହରରୁ ଗାଁ ଯାଏଁ ବ୍ୟାପିଗଲାଣି ଶିଶୁ ଚାଲାଣ, ଯୌନ ଉତ୍ପୀଡ଼ନ ସମସ୍ୟା**

ପ୍ରଶାସନ ସହାୟତାରେ ତୁରନ୍ତ ପଦକ୍ଷେପ ନିଆଯିବ। ଜିରୋ ଟଲେରାନ୍ସ ବ୍ୟବସ୍ଥାରେ ଦୋଷୀକୁ ତୁରନ୍ତ ଦଣ୍ଡ ଦିଆଯିବା ସହ ପୀଡ଼ିତାଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ପାଇଁ ବିଭାଗ ଘୋଷଣା କରିଥିଲା। ଏଦିଗରେ ପିଲାମାନଙ୍କୁ ଅଧିକ ସଚେତନ କରିବାକୁ ବିଦ୍ୟାଳୟରେ ଶିକ୍ଷା ଓ ସଚେତନତା ବାର୍ତ୍ତା ଦିଆଯିବ; ଯାହାକି ଏପର୍ଯ୍ୟନ୍ତ ହୋଇପାରି ନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସକାଳ ୧୦ ଟା ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଥିବା ଏହି ସରକାରୀ ଟ୍ରୋଲ ଫ୍ରି ନମ୍ବର କେବଳ ସରକାରୀ ବ୍ୟବସ୍ଥା ମଧ୍ୟରେ ସୀମିତ ରହିଯାଇଛି। ବ୍ଲକ ତ ଦୂରର କଥା; ଜିଲ୍ଲା ସ୍ତରରେ ବି ପହଞ୍ଚିପାରି ନାହିଁ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନେ ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନର ଶିକାର ହେବା ସହ ଶିଶୁ ଚାଲାଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ସରକାର ଏବଂ ବିଭାଗୀୟ ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**କୋମନାରେ ଫାଙ୍କା ଗୁଳି ଚାଳନା**

# ପିଏସ୍‌ଓଙ୍କୁ ଗିରଫ ଦାବିରେ କଂଗ୍ରେସର ଥାନା ଘେରାଉ

ନୂଆପଡା,୧।୧୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସଦର ମହକୁମା ପୁରୁଣା ଛକରେ ଥିବା ଏକ ହୋଟେଲରେ କୋରାପୁଟ ବିଧାୟକଙ୍କ ପିଏସ୍‌ଓ ଡମ୍ବରୁ ହନ୍ତାଳ ଫାଙ୍କା ଗୁଳି ଚାଳନା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ କୋମନା ଥାନା ପୁଲିସ ମାମଲା ରୁଜୁ କରି ପିଏସ୍‌ଓଙ୍କ ବନ୍ଧୁକ ସହ ଗୁଳି, ଖୋକାକୁ ଜବତ କରିଛି। ତଦନ୍ତ ରିପୋର୍ଟ ଆଧାରରେ କୋରାପୁଟ ଏସ୍‌ପି ଅଭିଯୁକ୍ତ ପିଏସ୍‌ଓଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କୋମନା ପୁରୁଣା ବ୍ଲକ୍

**ଅଭିଯୁକ୍ତ ପିଏସ୍‌ଓ ନିଲମ୍ବିତ**

ଛକରେ ଥିବା ଏକ ହୋଟେଲରେ ବିଜେପିର ଅସ୍ଥାୟୀ କାର୍ଯ୍ୟାଳୟ କରାଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ପିଏସ୍‌ଓ ଡମ୍ବରୁ ହନ୍ତାଳ ହୋଟେଲରେ ଖାଇବାକୁ ବସିଥିବା ଜଣେ ଗ୍ରାହକଙ୍କୁ ବସିବାକୁ ସିଟ୍ ମାଗିଥିଲେ। ସେ ସିଟ୍ ନ ଛାଡ଼ିବାରୁ ବଚସା ହୋଇଥିଲା। ଏଥିରେ ରାଗିଯାଇ ପିଏସ୍‌ଓ ନିଜ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରିଥିଲେ। ରାତି ୧୨ଟା ବେଳେ କୋମନା ଥାନାଧିକାରୀ ରଶ୍ମିତା ପଧାନ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ହୋଟେଲ ମାଲିକ ଗୁଳିକାଣ୍ଡ ସଂପର୍କରେ କିଛି କହିନଥିଲେ। ଶନିବାର ସକାଳେ ପୁଲିସ ଟିମ୍ ପୁଣିଥରେ ଛାନ୍‌ଭିନ୍ କରିବାରୁ ଅସଲ କଥା ଜଣାପଡ଼ିଥିଲା। ପିଏସ୍‌ଓଙ୍କଠାରୁ ସଂପୃକ୍ତ ବନ୍ଧୁକ, ଗୋଟିଏ ଗୁଳି ସହ ଏକ ଖୋକାକୁ ମଧ୍ୟ ଜବତ କରାଯାଇଛି। ଏହାକୁ ନେଇ ଏକ ୩୧୯/୨୫, ଆର୍ମସ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନାଧିକାରୀ କହିଛନ୍ତି।

ଅପରପକ୍ଷରେ, ଏହି ଘଟଣାରେ ଅଭିଯୁକ୍ତ ପିଏସ୍‌ଓଙ୍କୁ ଗିରଫ କରିବା ସହ ନିର୍ବାଚନୀ ପ୍ରଚାରରେ ଥିବା ସଂପୃକ୍ତ ବିଧାୟକଙ୍କୁ ଜିଲ୍ଲାରୁ ଅପସାରଣ କରିବାକୁ କଂଗ୍ରେସ ଦାବି କରିଛି। ପ୍ରତିବାଦରେ ଆଜି କଂଗ୍ରେସ ତରଫରୁ କୋମନା ଥାନା ଘେରାଉ କରାଯାଇଛି। ଯୁବନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଥାନା ଘେରିବା ସହ ଥାନାଧିକାରୀ ରଶ୍ମିତା ପଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହରୁଖ ଖାନ, ପାଶା ମହାନନ୍ଦ, ସେମ ମହାନନ୍ଦ, କୈଳାସ ବାଗ, ଦିଲୀପ ଦୁରିଆ, ପ୍ରବୀଣ ପଟ୍ଟନାୟକ, ଗରିଆମଣି ସଗରିଆ, ଲବ ମଙ୍ଗରାଜ ପ୍ରମୁଖ ସାମିଲ ଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଥାନା ଘେରଉ କରିବେ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବବି ଦାସଙ୍କ ନାଁରେ ଥାନାରେ ମାମଲା

ନୂଆପଡ଼ା/କୋମନା, ୧।୧୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସଦର ଟାଉନର ଜଣେ ଯୁବକଙ୍କ ଅଭିଯୋଗ ଆଧାରରେ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି ଦାସ)ଙ୍କ ନାଁରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ କୋମନା ସହରର ପାଇକପଡ଼ାର ଜିତୁ ଆଡବଙ୍ଗଙ୍କୁ ବିଜେଡି ନେତାମାନେ କୋମନାସ୍ଥିତ ଏକ ଫାର୍ମ ହାଉସ୍‌କୁ ଡାକିଥିଲେ। ସେଠାରେ ବବି ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସାର୍ଟ କଲର୍ ଧରି ମାଡ଼ ମାରିଥିଲେ। ଜିତୁଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କୋମନା ଥାନାଧିକାରୀ ସୂଚନା ଦେଇଛନ୍ତି।

**■ ହାତୀଦାନ୍ତ ବିକ୍ରି ମାମଲା**

# ୩ଜଣଙ୍କୁ ୩ବର୍ଷ ଜେଲ୍

ବାଲେଶ୍ୱର,୧।୧୧(ସମିସ): ହାତୀ ଶିକାର କରି ଦାନ୍ତ ବିକ୍ରି ମାମଲାର ବିଚାର କରି ବାଲେଶ୍ୱର ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଜନକ ରାଉତ ଆଜି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଲେଖାଏଁ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୩ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ସାଇଁକୁଳା ଅଞ୍ଚଳର ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରା। ଏମାନେ କୁଲଡ଼ିହା ଜଙ୍ଗଲରୁ ହାତୀ ଶିକାର କରି ଦାନ୍ତ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ। ସୂଚନାନୁସାରେ, ୨୦୦୬ ଡିସେମ୍ବର ୨୭ ରାତିରେ ଫରେଷ୍ଟର ଭାଗୀରଥି ତୁଙ୍ଗ ଓ ଅନ୍ୟମାନେ କୁଲଡହା ଜଙ୍ଗଲର ପଞ୍ଚୁଲିଙ୍ଗେଶ୍ୱରସ୍ଥିତ ସଂରକ୍ଷିତ ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲେ। ସାଇଁକୁଳା-ମିତ୍ରପୁର ରାସ୍ତାର ପୁରୁଣାଗାଁଠାରେ ହାତୀଦାନ୍ତ ଡିଲ୍ ଚାଲୁଥିବା ଖବର ପାଇ ଶ୍ରୀ ତୁଙ୍ଗ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅଶ୍ୱିନୀ କୁମାର ଦେଙ୍କ ଠାରୁ ବ୍ୟାଗ ଜବତ କରି ଯାଞ୍ଚ ପରେ ସେଥିରେ ଦୁଇଟି ହାତୀଦାନ୍ତ ରହିଥିଲା। ଯାହାର ଓଜନ ୨କେଜି ୮୫୦ ଗ୍ରାମ ଓ ୨ କେଜି ୨୫୦୦ ଗ୍ରାମ୍ ଥିଲା। ଏହାସହ ଏକ ବଡ଼ ହାତୁଡ଼ି ମଧ୍ୟ ଜବତ ହୋଇଥିଲା। ଫରେଷ୍ଟ କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଅଭିଯୁକ୍ତ ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ପ୍ରଭାତ କୁମାର ଦାସ ପରିଚାଳନା କରୁଥିଲେ।

**■ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା**

# ଲକ୍ଷେ ଦଣ୍ଡ ଗଣିବ ଉତ୍କଳ ବିଶ୍ୱବିଦ୍ୟାଳୟ: ହାଇକୋର୍ଟ

କଟକ, ୧।୧୧(ସମିସ): ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ୧ଲକ୍ଷ ଟଙ୍କା ଦଣ୍ଡ ରାଶି ଗଣିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ ମାସ ମଧ୍ୟରେ ଏହା ପଇଠ କରାନଗଲେ, ଦିନକୁ ଅତିରିକ୍ତ ୧ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ଦଣ୍ଡରାଶି ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଡି. ସୁରେଶ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ବାରମ୍ବାର ନିର୍ଦ୍ଦେଶ ପରେ ବି ଆଦେଶ ଅନୁପାଳନ ନହେବା, ନ୍ୟାୟିକ ପ୍ରକ୍ରିୟାରେ ମକଦ୍ଦମାକାରୀଙ୍କ ବିଶ୍ୱାସକୁ ଦୋହଲାଇ ଦେବ। ଏଭଳି ସ୍ଥିତିରେ ନିଜ କର୍ମଚାରୀଙ୍କ ପରିବାର ପ୍ରତି ନିଷ୍ଠୁର ମନୋଭାବ ଦେଖାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଦଣ୍ଡମୁକ୍ତ ହୋଇପାରିବ ନାହିଁ। ଏଥିସହ, ଅନୁକମ୍ପା ନିଯୁକ୍ତି ଆବେଦନକୁ ଖାରଜ କରି ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଗତ ୨୦୨୪ ମାର୍ଚ୍ଚ ୧୧ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆସନ୍ତା ୩ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅନୁକମ୍ପା ନିଯୁକ୍ତିର ଆଦେଶ ଜାରି କରିବା ସହ ଅଦାଲତଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତରେ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ଆବେଦନକାରୀଙ୍କ ପିତା ବିଶ୍ୱବିଦ୍ୟାଳୟରେ କମନ ରୁମ୍ ଆଟେଣ୍ଡାଣ୍ଟ ଭାବରେ ନିଯୁକ୍ତି ପାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଚାକିରି ଗତ ୨୦୦୪ ନଭେମ୍ବର ୨୭ରୁ ନିୟମିତ କରାଯାଇଥିଲା। ୨୦୧୦ ମାର୍ଚ୍ଚ ୧୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଦେଇଥିଲେ ସୁଦ୍ଧା ଏହାକୁ ସରକାର କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଳନ ନକରିବାରୁ ସେ ଅଦାଲତ ଅବମାନନା ମାମଲା କରିଥିଲେ। ଏହି ମାମଲାରେ ବି ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ କୁହାଯାଇଥିଲା। ପ୍ରଚଳିତ ନିୟମ ଅନୁଯାୟୀ, ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସରକାର କହିବା ପରେ ଗତ ୨୦୨୪ ମାର୍ଚ୍ଚ ୧୧ରେ ଆବେଦନକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ।

# ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧।୧୧(ସମିସ): ନୂଆପଡ଼ାରେ ପୁଲିସ ଅଧିକାରୀମାନେ ନିଜକୁ ଶାସକ ବିଜେପିର ଏଜେଣ୍ଟ ପରି ଆଚରଣ କରୁଛନ୍ତି। ପୁଲିସ ପ୍ରଶାସନର ଅପବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନକୁ ପ୍ରଭାବିତ କରିବାକୁ



- ପୁଲିସ ପ୍ରଶାସନକୁ ବ୍ୟବହାର କରି ବିଜେପି ନିର୍ବାଚନ ଜିତିବାକୁ ଅପଚେଷ୍ଟା କରୁଛି
- ବିଜେପିରେ ଯୋଗଦେବା ପାଇଁ ପୁଲିସ ବିଜେଡି କର୍ମୀଙ୍କ ଉପରେ ଚାପ ପକାଉଛି
- ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାମ କରୁଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍

ଚେଷ୍ଟା କରୁଥିବା ଅଭିଯୋଗ କରି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଆଗରେ ଫେରାଦ ହୋଇଛି।

ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ସିଇଓଙ୍କୁ ଭେଟି ନୂଆପଡ଼ା ଉପନିର୍ବାଚନରେ ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର ଅଭିଯୋଗ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଜେଡି ଅଭିଯୋଗ କରିଛି ଯେ ଖରିଆର ରୋଡ୍‌ର ବିଜେଡି ଛାତ୍ର ସଭାପତି ମନୀଷ ଦେବଙ୍ଗନଙ୍କୁ ପୁଲିସ ଦ୍ୱାରା ଚାପ ପକାଯାଇ ବିଜେପିରେ ଯୋଗଦାନ କରାଯାଇଛି। ମନୀଷ ବିଜେପିରେ ଯୋଗଦାନ କରିବାର ପୂର୍ବ ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମରେ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହିତ ସେ ବିଜେଡିରେ ଅଛନ୍ତି ବୋଲି କହିଥିଲେ। ଏହାର କିଛି ଘଣ୍ଟା ପରେ ସେ ହ୍ୱାଟ୍ସଆପରେ ମେସେଜ୍ ଦେଇ ତାଙ୍କୁ ପୁଲିସ ଉଠାଇ ନେଇଛି ଓ ବିଜେପିରେ ଯୋଗଦେବା ପାଇଁ ତାଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ଏହାର ପରଦିନ ମନୀଷ ବିଜେପିରେ ଯୋଗ ଦେଇଥିଲେ। ଏହି ଘଟଣାରୁ ବିଜେପି ପୁଲିସ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି।

ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ ଜିଲ୍ଲାରେ କାର୍ଯ୍ୟରତ ଏସ୍‌ପି ଅମ୍ରିତପାଲ ସିଂହଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂହଙ୍କୁ ଛୁଟିରେ ପଠାଯାଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଜି ଏବେ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାର୍ଯ୍ୟ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ନିର୍ବାଚନର ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିବାର ଦଳ କହିଛି।

ସ୍ମାରକପତ୍ର ପ୍ରଦାନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡିର ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ପରାଜୟ ଭୟରେ ବିଜେପି ଆତଙ୍କିତ ହୋଇ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଯିବା ପରେ, ବିଜେପି ଭୟଭୀତ ହୋଇପଡିଛି । କିନ୍ତୁ ବିଜେପିର କୌଣସି ଚାଲ ଚଳିବ ନାହିଁ । ନୂଆପଡ଼ାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ସେ କହିଛନ୍ତି।

**ସମୁଦ୍ର ତଟ ସୁରକ୍ଷା ବାହିନୀର ରୋଡ୍ ମ୍ୟାପ୍**

# ସାବାଡ଼ ହେବେ ଜଳଦସ୍ୟୁ

ଭୁବନେଶ୍ୱର,୧।୧୧(ସମିସ): ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ହେଉ କିମ୍ବା ଜାଲ୍ ନୋଟ କାରବାର, ଅଥବା ବାଂଲାଦେଶ ଅନୁପ୍ରବେଶକାରୀ ଅପରାଧୀଙ୍କୁ ବେଶ୍ ସୁହାଉଛି ଓଡ଼ିଶାର ଜଳପଥ। ସ୍ଥଳପଥରେ ଚେକିଂ ବ୍ଲକିଂକୁ ଭୟ କରୁଥିବା ଆନ୍ତରାଜ୍ୟ ମାଫିଆ ଆପଣାଇଛନ୍ତି ଜଳପଥର ବିସ୍ତିର୍ଣ୍ଣ ରାସ୍ତା। ଗୋଟିଏ ବୋଟ ଜରିଆରେ ସେମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି, ଆଉ ତିଆରି କରୁଛନ୍ତି ଅପରାଧର ନୀଳ ନକ୍ସା। ଏଭଳି ରାସ୍ତାକୁ ବନ୍ଦ କରିବା ସହ ଜଳଦସ୍ୟୁଙ୍କୁ ସାବାଡ୍ କରିବା ପାଇଁ ଆହ୍ୱାନ ମୋଡ୍କୁ ଆସିଛି ଓଡ଼ିଶା ତଟ ସୁରକ୍ଷା ବାହିନୀ।

ଅନୁପ୍ରବେଶ ଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବାରୁ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପରେ ଏଭଳି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ରହିଛି ୫୭୪ କିଲୋମିଟର ସମୁଦ୍ର ତଟ ଓ ଜଳପଥ। ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୧୮ ଟି ମେରାଇନ ଥାନା। ଯେଉଁ ଥାନା ଅଧୀନରେ ରହିଛି ୧୫ଟି ବୋଟ। ହାଇ ଟେକ୍ନୋଲୋଜିର ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍ ମଧ୍ୟ ବିନା ଅନୁମତିରେ ପଶି ଆସୁଥିବା ପାଣିଜାହାଜ ଓ ବେଆଇନ ମାଛ ଧରାଳିଙ୍କ ଉପରେ ନଜର





ରଖିଛି। ତେବେ ବର୍ତ୍ତମାନ ମେରାଇନ ପୁଲିସିଂକୁ ଅଧିକ କ୍ରିୟାଶୀଳ କରିଛି ହାଇପ୍ରୋଫାଇଲ ଡ୍ରୋନ୍। ଯେଉଁ ଡ୍ରୋନ୍ ମାଧ୍ୟମରେ ୫ ମିନିଟ ମଧ୍ୟରେ ୧୫ କିଲୋମିଟର ପର୍ଯ୍ୟନ୍ତ ମଝି ଦରିଆର ଭିଡିଓ ଉତ୍ତୋଳନ କରାଯାଇପାରୁଛି। କଣ୍ଟ୍ରୋଲ ରୁମ୍ ଡ୍ରୋନ୍ରୁ ସଂଗୃହୀତ ଭିଡିଓ ଜରିଆରେ ମତ୍ସଜୀବୀଙ୍କୁ ଉଦ୍ଧାର ଠାରୁ ଆରମ୍ଭ କରି ବେଆଇନ ଟ୍ରଲର ଚାଳନା ପର୍ଯ୍ୟନ୍ତ ମେରାଇନ ପୁଲିସ କାମ କରିପାରୁଛି। କୋଷ୍ଟଗାର୍ଡ, ଭାରତୀୟ ନୌସେନା ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ପୁଲିସ ନିତିଦିନ ଅପରେସନ ଚଳାଇଛି। ସେପଟେ ଜଳପଥରେ ଏରିଏଲ ସର୍ଭେ କରି ରିପୋର୍ଟ ଦେବାକୁ

- ପେଟ୍ରୋଲିଂ ପାଇଁ ମିଳିବ ନୌସେନା ଅଧିକାରୀଙ୍କୁ ନିଯୁକ୍ତି
- ଅନୁପ୍ରବେଶ ଓ ମାନବ ଚାଲାଣ ପାଲଟିଛି ମୁଣ୍ଡବିନ୍ଧା

ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଫିସିଂ ଟ୍ରେନିଂ ସେଣ୍ଟର ଉପରେ କଡ଼ା ନଜର ରଖାଯାଇଛି। ୧୦ ନୂଆ ଫିସିଙ୍ଗ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଉପକୂଳ ତଥା ସମୁଦ୍ର ତଟରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବ୍ରାହ୍ମଣୀ ଓ ମହାନଦୀ ଡେଲ୍ଟା ଓ ପୂର୍ବତଟ କେନାଲରେ ଜାତୀୟ ଜଳପଥ (ଏନ୍ଡବ୍ଲ୍ୟୁ)-୫, ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୧୪, ବିରୂପା-ଗେଙ୍ଗୁଟି-ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୨୨, ବୁଢ଼ାବଳଙ୍ଗ ନଦୀରେ ଏନ୍ଡବ୍ଲ୍ୟୁ-୨୩, ମହାନଦୀରେ ଏନ୍ଡବ୍ଲ୍ୟୁ-୬୪ ଓ ସୁବର୍ଣ୍ଣରେଖା ନଦୀରେ ଏନ୍ଡବ୍ଲ୍ୟୁ-୯୬ ବିକାଶ କରାଯାଉଛି।

ଓଡ଼ିଶାରେ ବନ୍ଦର, ଟର୍ମିନାଲ୍, ଡକ୍ ଓ ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଆଦି ବ୍ୟାପକ ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ କାମ ଚାଲିଥିବା ବେଳେ ଏସବୁକୁ ସୁରକ୍ଷା ଦେବା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଧାମରା ଓ ପାରାଦୀପ ବନ୍ଦର ମଧ୍ୟରେ ପରିବହନ ପାଇଁ ଏକାଧିକ ଜାହାଜ ଚଳାଚଳ କରୁଛି। ପୂର୍ବରୁ ସର୍ଭେଲାନ୍ସକୁ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠନ ହୋଇଥିବା "ସାଗର ରକ୍ଷକ ଦଳ'କୁ ମଧ୍ୟ ଅଧିକ ସଜାଗ କରାଯାଇଛି। ଯେଉଁମାନେ ତଟରକ୍ଷା ନିୟମର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦେଶଦ୍ରୋହ ଦଫା ଲଗାଯାଇ ଗିରଫ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ଦୁଇ ଦିନିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦଯାପିତ





ଭୁବନେଶ୍ୱର,୧।୧୧(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ତଥା ବୁଣାକାର ଓ ହସ୍ତଶିଳ୍ପୀଙ୍କ କଲ୍ୟାଣ ହିଁ ପ୍ରାଥମିକତା। ସେମାନଙ୍କୁ ଉନ୍ନତ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ସମୟ, ଶକ୍ତି ଓ ଶ୍ରମ ହ୍ରାସ ହେବା ସହ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରାଳୟର ସଚିବ ନୀଲମ ଶମ୍ମି ରାଓ କହିଛନ୍ତି। ଭୁବନେଶ୍ୱର ତାଜ ଭିଭାନ୍ତା ହୋଟେଲଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମ୍ମିଳନୀର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ଏହି କ୍ଷେତ୍ରର ବିକାଶ ପାଇଁ ମିଳିତ ପ୍ରୟାସ, କ୍ଲଷ୍ଟର-ଆଧାରିତ ଅଭିବୃଦ୍ଧି, ଉନ୍ନତ ଡିଜାଇନ୍, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଡିଜିଟାଲ୍ ମାର୍କେଟିଂକୁ ସେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରମ୍ପରିକ କୌଶଳ ସହ ନବସୃଜନର ମିଶ୍ରଣ କରି ସମୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ହସ୍ତତନ୍ତ ଏବଂ ହସ୍ତଶିଳ୍ପ କେବଳ ଗ୍ରାମୀଣ ଭାରତର ଆର୍ଥିକ ମେରୁଦଣ୍ଡ ନୁହେଁ ବରଂ ଦେଶର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟର ଜୀବନ୍ତ ପରିଚୟ। କାରିଗର ଓ ବୁଣାକାରଙ୍କ ସମ୍ମାନ ଏବଂ କଲ୍ୟାଣର ଆହ୍ୱାନ ଦେଇ ସେ ଭିତ୍ତିଭୂମି ବିକାଶ, କଞ୍ଚାମାଲ ଯୋଗାଣ ଶୃଙ୍ଖଳର ସୁଦୃଢ଼ୀକରଣ, ନୂତନ ଗୋଦାମ ନିର୍ମାଣ, ପ୍ରଶିକ୍ଷଣ, ସଂରକ୍ଷଣ ଏବଂ ବଜାର ସଂଯୋଗ ଉପରେ ଆଲୋକପାତ କରିଥିଲେ। ଏମ୍. ବୀଣା, ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ଏବଂ ଅମୃତା ରାଜ, ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଭାରତୀୟ ସାମଗ୍ରୀର ବିଶ୍ୱସ୍ତରୀୟ ବ୍ରାଣ୍ଡିଂକୁ ଅଧିକ ଧ୍ୟାନ ଦେବାକୁ କହିଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାର ବୁଣାକାର ଏବଂ କାରିଗରଙ୍କ ମଙ୍ଗଳ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

# ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

ଗୋପ,୧।୧୧(ସମିସ): ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିସ୍ଥିତ ସିଙ୍ଘପାନିଆ ଗ୍ରାମରେ ଯୌତୁକଜନିତ ବଧୂହତ୍ୟା କରାଯାଇଥିବା ଗୋପଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, କଟକ ଜିଲ୍ଲା ନୂଆ ପଲମହାଟ ମହତାପାରି ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସାନ ଭଉଣୀ ସସ୍ମିତା ସାହୁ ଗତ ୧୧ ବର୍ଷ ତଳେ ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିସ୍ଥିତ ସିଙ୍ଘପାନିଆ ଗ୍ରାମର ରବୀନ୍ଦ୍ର ସାହୁଙ୍କ ବଡ଼ପୁଅ ସନ୍ଦୀପ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୧ଲକ୍ଷ ଟଙ୍କା, ସୁନା ଗହଣା ସମେତ ସମସ୍ତ ଆସବାବପତ୍ର ଦେଇଥିଲେ। ମାତ୍ର ବିବାହ ପରେ ସସ୍ମିତାଙ୍କ କୌଣସି ସନ୍ତାନ ନ ହେବାରୁ ଶାଶୂ କୁନି ସାହୁ, ଶଶୁର ରବୀନ୍ଦ୍ର ସାହୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଆହୁରି ଦେଢ଼ଲକ୍ଷ ଟଙ୍କା ଆଣିବାକୁ ଦାବି କରିବା ପରେ ସସ୍ମିତାଙ୍କ ଭାଇ ଟଙ୍କା ଦେଇଥିଲେ। ପରେ ଆଉ ଏକ କାର୍ କିଣିବାକୁ ମଧ୍ୟ ୨ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ବି ନିର୍ଯାତନା ସରିନଥିଲା। ସସ୍ମିତାଙ୍କୁ ଅଧିକ ଟଙ୍କା ଆଣିବାକୁ କହିବା ସହ ତାଙ୍କର ସମସ୍ତ ସୁନାଗହଣା ଛଡ଼ାଇ ରଖିବା ସହ ବିଭିନ୍ନ ସମୟରେ ମରଣାନ୍ତକ ଆକ୍ରମଣ କରିଆସୁଥିଲେ। ଗତ ୩୦ ତାରିଖରେ ସସ୍ମିତା ଗୁରୁତର ଥିବା ତାଙ୍କ ସ୍ୱାମୀ ସନ୍ଦୀପ ଫୋନ୍ କରି ଜଣାଇବା ସହ ୫୦ ହଜାର ଟଙ୍କା ନେଇ ଡାକ୍ତରଖାନାରେ ପହଞ୍ଚିବାକୁ କହିବା ପରେ ତାଙ୍କ ଭାଇ ଟଙ୍କା ନେଇ ଚିକିତ୍ସା ହେଉଥିବା ଘରୋଇ ଡାକ୍ତରଖାନାରେ ପହଞ୍ଚିଥିଲେ। ମାତ୍ର ସସ୍ମିତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଭାଇ ଗୋବିନ୍ଦ ଚନ୍ଦ୍ର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ତଦନ୍ତ ଜାରି ରଖିଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ମହିଳା ଜଣକ ବିଷପିଇ କରି ପ୍ରାଣ ହରାଇଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଥିବାବେଳେ ତଦନ୍ତ ପରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଚାରିଛକ,୧।୧୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ପୁରୀ ସାଇବର ଥାନା ଏବଂ ଚାରିଛକ ଥାନା ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ସାଇବର ଥାନା ତରଫରୁ ଛାତ୍ରୀମାନଙ୍କୁ ସାଇବର ଅପରାଧ ଓ ତା'ର ସୁରକ୍ଷା ପାଇଁ ସଚେତନ କରାଯାଇଥିଲା। ଅଜଣା ଲୋକଙ୍କୁ ନିଜର ମୋବାଇଲ୍ ନମ୍ବର ନ ଦେବା, କାହାରିକୁ ନିଜର ଓଟିପି କି ବ୍ୟାଙ୍କ ଆକାଉଣ୍ଟ ନମ୍ବର ନ ଦେବା, ସାଇବର ଠକେଇରୁ ପ୍ରତ୍ୟେକ ବ୍ୟକ୍ତି ନିବୃତ ରହିବା, ସାଇବର ଠକେଇର ଶିକାର ହେଲେ ତତ୍କ୍ଷଣାତ୍ ୧୯୩୦ ସାଇବର ହେଲ୍ପଲାଇନ ନମ୍ବରକୁ ଫୋନ୍ କରି ଜଣାଇବା ପାଇଁ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ଏଏସ୍ଆଇ କୈଳାଶ ଚନ୍ଦ୍ର ପ୍ରଧାନ, ପୁରୀ ସାଇବର ଥାନାର ହାବିଲ୍‌ଦାର ସାନ୍ତୁନ କୁମାର ପଣ୍ଡା, ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଇଂରାଜୀ ବିଭାଗ ବରିଷ୍ଠ ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା ସିପ୍ରାରାଣୀ ମହାପାତ୍ର, ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ, ଅଧ୍ୟାପିକା ସଙ୍ଗୀତା ଦାଶ, ଅଧ୍ୟାପିକା ଅନିତା ବିଶ୍ୱାଳ, ପୁରୀ ସାଇବର ଥାନା ଏବଂ ଚାରିଛକ ଥାନାର କର୍ମଚାରୀମାନେ ଯୋଗଦେଇଥିଲେ।

# ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ

ଚାରିଛକ,୧।୧୧(ସମିସ): ଚାରିଛକ ମେଡିକାଲ ଛକସ୍ଥିତ ଶ୍ରୀଶ୍ରୀତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ସଭାପତି ଦେବୀ ପ୍ରସାଦ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସମସ୍ତ ବ୍ୟବସାୟୀ ଯୋଗଦେଇ ସହଯୋଗ କରିଥିଲେ। ଠାକୁରଙ୍କ ପୂଜକ ବ୍ରହ୍ମାନନ୍ଦ ମିଶ୍ର ଓ ପ୍ରଦୀପ୍ତ ପାଣି ଠାକୁରଙ୍କ ମାର୍ଜନା, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ପରେ ମେଳା ବଢ଼ା ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ପ୍ରବଚନ ଆଦି ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ନିକଟସ୍ଥ ବ୍ରହ୍ମେଶ୍ୱରଙ୍କ ମନ୍ଦିରରେ ସ୍ଥାନୀୟ ଅଞ୍ଚଳର ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

### ଆସିଲା ଅଲିଭ୍ ରିଡ୍ଲେ କଇଁଛଙ୍କ ପ୍ରଜନନ ଋତୁ

# ସମୁଦ୍ରରେ ମାଛଧରା ଉପରେ କଡ଼ା କଟକଣା

ଅସ୍ତରଙ୍ଗ,୧।୧୧(ସମିସ)



ଅସ୍ତରଙ୍ଗ ଦେବୀ, କେଲୁଣୀ, ଋଷୀକୁଲ୍ୟା ଓ ଗହୀରମଥା ମୁହାଁଣ ଅଞ୍ଚଳକୁ ବନ ବିଭାଗ, ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ କଡ଼ା କଟକଣା ଲାଗୁ କରାଯାଇଛି। ଏହି କଟକଣା ନଭେମ୍ବର ପହିଲାରୁ ମେ' ୩୧ ପର୍ଯ୍ୟନ୍ତ ଦୀର୍ଘ ୭ ମାସ ଧରି ସମୁଦ୍ର କୂଳରୁ ୨୦ କି.ମି. ଗଭୀର ସମୁଦ୍ର ଜଳ ସୀମାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ମାଛଧରା ଟ୍ରଲର, ଯନ୍ତ୍ରଚାଳିତ ଟାପା ଓ ଡଙ୍ଗା ଚଳାଚଳ ଉପରେ କଟକଣା ଜାରି କରାଯାଇଥିବା ମତ୍ସ୍ୟ ବିଭାଗ ଅଧିକାରୀ ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

ଚଳିତ ମାସଠାରୁ ଗଭୀର ସମୁଦ୍ର ଗର୍ଭରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ମିଳନ ଋତୁ ଆରମ୍ଭ ହୋଇଥାଏ। ସେମାନଙ୍କ ଆଗମନ ଓ ଗଣ ଅଣ୍ଡାଦାନ ପାଇଁ ଓଡ଼ିଶା ଉପକୂଳବର୍ତ୍ତି ଅଞ୍ଚଳ ସୁରକ୍ଷିତ ଥିବାରୁ ପ୍ରତି ବର୍ଷ ଏଠାରେ ଆସି ଅଣ୍ଡାଦାନ ଋତୁ ଆରମ୍ଭ ହୋଇଥାଏ। ଏହା ଦ୍ୱାରା ଅସ୍ତରଙ୍ଗ ବ୍ଲକ୍‌ର ହଜାର ହଜାର ମତ୍ସ୍ୟଜୀବୀଙ୍କ ସମେତ ଲକ୍ଷ ଲକ୍ଷ ପାରମ୍ପରିକ ଓ ଅଣପାରମ୍ପରିକ ମତ୍ସ୍ୟଜୀବୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ହରାଇଥା'ନ୍ତି। ଏମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ଦୁଇ ବିଭାଗ ସମେତ ପୁଲିସ ଓ ତଟରକ୍ଷା ବାହିନୀଙ୍କୁ ମଧ୍ୟ ପୂର୍ଣ୍ଣ କ୍ଷମତା ଦିଆଯାଇଛି। ବିରଳ ଅଲିଭ୍ ରିଡ୍‌ଲେ କଇଁଛମାନେ ମୁଖ୍ୟତଃ ଭାରତ ମହାସାଗରର ଶ୍ରୀଲଙ୍କାରୁ ଓଡ଼ିଶା ଉପକୂଳକୁ ଆସିଥାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ସମୁଦ୍ର ଉପକୂଳର ବିଭିନ୍ନ ସ୍ଥାନରେ ଅସ୍ଥାୟୀ କଇଁଛ ଅଣ୍ଡାଦାନ ଶିବିର ନିର୍ମାଣ କରାଯାଇଛି। ଏହି ସ୍ଥାନକୁ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ କଇଁଛ ସମାଗମ ପାଇଁ ଆସିଥାନ୍ତି। ଏଠାରେ ଲକ୍ଷ ଲକ୍ଷ ଅଣ୍ଡାଦାନ ପରେ ସେଥିରୁ ଛୁଆ ବାହାରିବା ପରେ ସେମାନଙ୍କୁ ସମୁଦ୍ରରେ ଛଡ଼ାଯାଇଥାଏ। ତା'ପରେ କଇଁଛମାନେ ଆସିଥିବା ଭାରତ ମହାସାଗରକୁ ଫେରିଯାଇଥାନ୍ତି। ଟ୍ରଲର ମାଲିକ ଓ ଯନ୍ତ୍ରଚାଳିତ ଟାପା ଜୋର୍‌ଜବରଦସ୍ତ ସମୁଦ୍ର ଗର୍ଭରେ ଯାତାୟାତ କରି ମାଛ ଧରିବା ଦ୍ୱାରା ବହୁ କଇଁଛଙ୍କର ମୃତ୍ୟୁ ହେବା ସହ ଜୈବବିବିଧତା ମଧ୍ୟ ନଷ୍ଟ ହୋଇଥାଏ। ଏହି କାରଣ ଯୋଗୁଁ ଏମାନଙ୍କ ପୂର୍ବ ଆଗମନ ଅପେକ୍ଷା ଏବେ ଭଟ୍ଟା ପଡ଼ିଯାଇଛି। ଏହି ସମୟରେ ବେଆଇନ ଭାବରେ ସମୁଦ୍ରକୁ ଯାଉଥିବା ଟ୍ରଲର ଓ ଟାପାକୁ ବିଭାଗୀୟ ଅଧିକାରୀମାନେ ଜବତ କରିବା ସହିତ ମାମଲା ରୁଜୁ କରୁଥିଲେ ମଧ୍ୟ ପୂର୍ବ ବର୍ଷଗୁଡ଼ିକରେ ବେଆଇନ ଅନୁପ୍ରବେଶ ଏବଂ କଇଁଛ ମୃତ୍ୟୁକୁ ରୋକାଯାଇପାରୁ ନ ଥିବାରୁ ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ଏହି ସମୟରେ ଜୀବିକା ବିପନ୍ନ ହେଉଥିବା ମତ୍ସ୍ୟଜୀବୀମାନଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ମତ୍ସ୍ୟଜୀବୀମାନେ ଦାବି କରୁଛନ୍ତି।

# ପଞ୍ଚମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋଣାର୍କ,୧।୧୧(ସମିସ): ଶନିବାର ଗୋପ ବ୍ଲକ୍ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଆମ୍ବିଳିଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ଅତିଥି ରୂପେ ଯୋଗଦେଇ ମଧ୍ୟାହ୍ନଭୋଜନ, ସ୍ୱଚ୍ଛତା ଓ ଛାତ୍ରଛାତ୍ରୀଙ୍କ ୟୁଡାଇସ୍ ଅପ୍‌ଡେଟ୍ ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇଟି ଅଧିବେଶନରେ ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷଣ ସମ୍ପର୍କିତ ବହୁଶ୍ରେଣୀ ପରିଚାଳନା, ଶିକ୍ଷଣ ସୋପାନ ରେଜିଷ୍ଟର ଆଧାରିତ ଜିଲ୍ଲାଭିତ୍ତିକ ଶୈକ୍ଷିକ ଆଲୋଚନା, ନିପୁଣ ବିଦ୍ୟାଳୟ ଏବଂ ଛାତ୍ର ଓ ଶିକ୍ଷକ ଉପସ୍ଥାନ ମାର୍ଗଦର୍ଶିକା ପ୍ରସଙ୍ଗ ଉପରେ ସିଆର୍‌ସିସି ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ ୪ଟି ଦଳରେ ବିଭାଜିତ ହୋଇ ଶିକ୍ଷଣରେ ବହୁଶ୍ରେଣୀ ପରିଚାଳନା ସମ୍ପର୍କିତ ଶିକ୍ଷଣ ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା କରିଥିଲେ। ଆମ୍ବିଳିଗାଁ ୟୁଜିୟୁପିଏସ୍‌ର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ସହକାରୀ ଶିକ୍ଷକ ଗୋବିନ୍ଦ ଛାଟୋଇ, ଶିକ୍ଷୟିତ୍ରୀ ମୋନାଲିସା ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ପଣ୍ଡା ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। କ୍ଲଷ୍ଟରରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ମାଟିଆପଡ଼ା ନୋଡାଲ ୟୁପିଏସ୍‌ର ସ୍ନାତକ ଶିକ୍ଷକ ନିରଞ୍ଜନ ଦାସ ଓ ଶିରିପୁର ପିୟୁପିଏସ୍‌ର ସହକାରୀ ଶିକ୍ଷୟିତ୍ରୀ ପିଙ୍କି ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

**କଣାସ:** ଶନିବାର କଣାସ ବ୍ଲକ୍ ଅନ୍ତର୍ଗତ ୧୭ଟି ଆଞ୍ଚଳିକ ସାଧନ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରେ ଚଳିତ ବର୍ଷର ୫ମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ବୈଠକରେ ଆଲୋଚ୍ୟ ପ୍ରସଙ୍ଗରେ ପୁନଃଆଲୋଚନା ସହ ବିଦ୍ୟାଳୟମାନଙ୍କରେ ଏହା କେତେଦୂର କାର୍ଯ୍ୟକାରୀ ହୋଇଛି ପ୍ରଥମେ ସମୀକ୍ଷା କରାଯାଇଥିଲା। ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡରର ଆଲୋଚନା କରାଯିବା ସହ ଏଫ୍‌ଏଲ୍‌ଏନ୍ ଶ୍ରେଣୀର ବହୁଶ୍ରେଣୀ ପରିଚାଳନା କାର୍ଯ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ଓ ଉପସ୍ଥାପନା କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ଅଗ୍ରଗତିର ନିରନ୍ତର ପର୍ଯ୍ୟବେକ୍ଷଣ ସହ ଅଗ୍ରଗତି ନିମନ୍ତେ ପଦକ୍ଷେପର ଶିକ୍ଷଣ ସୋପାନ ରେଜିଷ୍ଟରରେ ଲିପିବଦ୍ଧତା ଉପରେ ବ୍ୟାପକ ସମୀକ୍ଷା କରାଯାଇଥିଲା। ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ରତିକାନ୍ତ ସାହୁ ଏହି ବ୍ଲକ୍ ଅନ୍ତର୍ଗତ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ତିଗିରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ହଳଦିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୈଠକ ପରିଦର୍ଶନ କରି ତାଲିମ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ଦ୍ୱାରା ସଂଯୋଜିତ ଏହି ମାସିକ ବୈଠକକୁ ବିଭିନ୍ନ ସାଧନ କେନ୍ଦ୍ରରେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ପର୍ଯ୍ୟବେକ୍ଷଣ କରିଥିଲେ।

# ବେନୁପଡ଼ା ଗାଦି ମଠରେ ଅଁଳାନବମୀ

ଡେଲାଙ୍ଗ,୧।୧୧(ସମିସ): ଓଡ଼ିଶା ପ୍ରସିଦ୍ଧ ଡେଲାଙ୍ଗ ବ୍ଲକ୍ ବେନୁପଡ଼ାସ୍ଥିତ ଗାଦିବ୍ରହ୍ମ ମଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ଅଁଳାନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ଭବିଷ୍ୟ ମାଳିକାର ରଚୟିତା ତଥା ମଠର ପ୍ରଥମ ମହାପୁରୁଷ ବାଇଦାସଙ୍କ ମାତା



ସାଧବା ଓ ୫ମ ମହାପୁରୁଷ ନୀଳାଦ୍ରି ଦାସଙ୍କ ଶ୍ରାଦ୍ଧ ପାରମ୍ପରିକ ନୀତିକାନ୍ତି ସହ ଅନୁଷ୍ଠିତ ହୋଇଛି। ଭୋର୍ ୫ଟାରେ ମଠରେ ଅଧିଷ୍ଠିତ ୫ ମହାପୁରୁଷଙ୍କ ଗାଦି ଓ ରାଧାକୃଷ୍ଣଙ୍କ ମନ୍ଦିର ଦ୍ୱାର ଫିଟାଯିବା ସହିତ ମଙ୍ଗଳଆଳତି, ମଇଲମ, ସ୍ନାନ, ଫୁଲ ତୁଳସୀ ଲାଗି, ବାଳଧୂପ, ବିଭୂତି ପ୍ରଦାନ, ପଖାଳ ଭୋଗ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାରେ ଚୂଡ଼ା ଓ ଗୁଡ଼ ଭୋଗ, ରାତିରେ ବଡ଼ ମହୋତ୍ସବ ଓ ପ୍ରସାଦ ବିତରଣ ଆଦି ନୀତିକାନ୍ତି ସମ୍ପନ୍ନ ହୋଇଛି। ସ୍ୱତନ୍ତ୍ର ସମିଧରୁ ପ୍ରସ୍ତୁତ ବିଭୂତି ଏହି ଗାଦି ମଠର ମୁଖ୍ୟ ଆକର୍ଷଣ। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ନିଜ କ୍ଷେତରୁ ରୋଗପୋକ ନାଶ କରିବା ପାଇଁ ହେଉ କିମ୍ବା ଶିଶୁମାନଙ୍କ ଶରୀର ଆରୋଗ୍ୟ ନିମନ୍ତେ ଗାଦିବ୍ରହ୍ମଙ୍କ ବିଭୂତି ସମସ୍ତ ସମସ୍ୟାର ଉପଚାର ବୋଲି ବିଶ୍ୱାସ ରଖି ବିଭୂତି ନେଇ ଘରକୁ ଫେରନ୍ତି। ସେହିପରି ବେନୁପଡ଼ାରେ ପ୍ରତିଷ୍ଠିତ ମୂଳ ଗାଦି ସହିତ ଓଡ଼ିଶା ତଥା ବିଭିନ୍ନ ଜିଲ୍ଲା ଓ ଆଖପାଖ ଗ୍ରାମରେ ୭୫୨ ଶାଖା ଗାଦି ରହିଛି। ଚାଷୀମାନେ କ୍ଷେତରେ ପ୍ରଥମ ଉତ୍ପାଦିତ ଫସଲ ଗାଦିବ୍ରହ୍ମଙ୍କୁ ଅର୍ପଣ କଲେ ଚାଷୀ ପରିବାର ସମୃଦ୍ଧ ହେବା ବିଶ୍ୱାସ ରହିଥିବାରୁ ଅଁଳାନବମୀ ଅବସରରେ ଚାଷୀମାନେ ଉତ୍ପାଦିତ ବିଭିନ୍ନ ପ୍ରକାରର ପନିପରିବା ସହିତ ଧାନ ଚାଉଳ ଆଦି ଅର୍ପଣ କରିଥାନ୍ତି। ମଠର ମହନ୍ତ ଶିଶିର ଦାସ ଗୋସ୍ୱାମୀ ମହାରାଜ ଶ୍ରଦ୍ଧାଳୁମାନଙ୍କୁ ମଠର ମୁଖ୍ୟ ଆକର୍ଷଣ 'ବିଭୂତି' ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥିଲେ।

# ଶ୍ରୀରାଧା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ସାକ୍ଷୀଗୋପାଳ,୧।୧୧(ସମିସ): ସତ୍ୟବାଦୀ ମହୋତ୍ସବ କମିଟି ତରଫରୁ ଶ୍ରୀରାଧା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଓ ଶ୍ରୀଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ଦେବୋତ୍ତର ବିଭାଗ ସୌଜନ୍ୟରୁ ଡାଇନାମିକ୍ ଡ୍ୟାନ୍ସ ଏକାଡେମୀ, ସାତଶଙ୍ଖ, ସାଇସମୃଦ୍ଧି ଡ୍ୟାନ୍ସ ଏକାଡେମୀ, ସିଂହମ୍ ଡ୍ୟାନ୍ସ ଏକାଡେମୀ ୨.୦, ଶିଳ୍ପୀକା, ଭୁବନେଶ୍ୱର, ସଂଗୀତ ସାଧନା, ବଲାଙ୍ଗୀର, ଲିଙ୍ଗରାଜ ନୃତ୍ୟାୟନ, ପୁରୀ, ସମ୍ବଲପୁରୀ, ଓଡ଼ିଶୀ, ସୃଜନାତ୍ମକ ନୃତ୍ୟ ପରିବେଷଣ ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବଦ୍ରି ନାରାୟଣ ଖୁଣ୍ଟିଆ ଓ ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କାର୍ଯ୍ୟରତ ଗୃହରକ୍ଷୀଙ୍କ ଅକାଳ ବିୟୋଗ



କାକଟପୁର,୧।୧୧(ସମିସ): ପୁରୀ ଜିଲ୍ଲା କାକଟପୁର ଥାନା ଅଧୀନସ୍ଥ ବାଉରିପୋଖରୀ ଗ୍ରାମର ଅଭୟ କାଣ୍ଡି (୪୨)ଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ଅଭୟ ଅସ୍ତରଙ୍ଗ ଥାନାରେ ଗୃହରକ୍ଷୀ ଭାବେ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ତାଙ୍କ ପତ୍ନୀ ସବିତା କାଣ୍ଡି ଦାବି କରିଛନ୍ତି। ତାଙ୍କର ମରଶରୀରକୁ କାକଟପୁରସ୍ଥିତ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରୁଦ୍ରପ୍ରକାଶ ମୁଖାଗ୍ନି ଦେଇଥିଲେ। ଅସ୍ତରଙ୍ଗ ଥାନା ଆଇଆଇସି ଦୁର୍ଗାପ୍ରସାଦ ମହାପାତ୍ର ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଥିବାବେଳେ ସରକାରୀ ସହାୟତା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ମଠ ମହନ୍ତ ବିବେକାନନ୍ଦ ମହାରାଜଙ୍କ ବିୟୋଗ



ନୟାହାଟ,୧।୧୧(ସମିସ): ଶନିବାର ସକାଳ ୯ଟା ସମୟରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ନୂଆ ମଠର ମହନ୍ତ ବିବେକାନନ୍ଦ ମହାରାଜ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ବିୟୋଗ ଖବର ଶୁଣି ଶହ ଶହ ଲୋକ ମଠ ପରିସରରେ ରୁଣ୍ଡ ହୋଇ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲେ। ଶେଷରେ ତାଙ୍କ ପାର୍ଥିବ ଶରୀରକୁ ସ୍ଥାନୀୟ ଅଞ୍ଚଳ ଭ୍ରମଣ କରାଇବା ପରେ ମଠର ନିୟମ ଅନୁସାରେ ମଠ ପରିସରରେ ସମାଧି ଦିଆଯାଇଥିଲା। ପୁରୀ ଜିଲ୍ଲା ନୟାହାଟ ମଧୁବନ ଗ୍ରାମର ସାଧାରଣ ଯୁବକ ବିବେକାନନ୍ଦ ସାହୁ ଦୀର୍ଘ ୨୦ବର୍ଷ ଧରି ସନ୍ୟାସୀ ବ୍ରତ ଗ୍ରହଣ କରି ନିକଟସ୍ଥ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ନୂଆ ମଠର ମହନ୍ତ ବିବେକାନନ୍ଦ ମହାରାଜ ଭାବରେ ଅବସ୍ଥାନ କରୁଥିଲେ। କିନ୍ତୁ ଗତ କିଛିଦିନ ହେବ କାପାସି, ପୋଦନା, ନିଆଳିର ମଧୁବାବା ଆଶ୍ରମକୁ ମହନ୍ତ ହୋଇ ଯାଇଥିଲେ।

# ଭାରତ ମାଳା ପ୍ରକଳ୍ପ ଓ ଏନ୍‌ଏଚ୍ ବିରୋଧରେ ତହସିଲ୍ ଘେରଉ



କାକଟପୁର,୧।୧୧(ସମିସ)

କେନ୍ଦ୍ର ସରକାରଙ୍କ ଭାରତ ମାଳା ପ୍ରକଳ୍ପ ଏବଂ ଜାତୀୟ ରାଜପଥ(ଏନ୍‌ଏଚ୍) ନିର୍ମାଣ ବିରୋଧରେ ଶନିବାର "ଉପକୂଳ କୃଷି କୃଷକ ବଞ୍ଚାଓ ସଂଘର୍ଷ ସମିତି' ତରଫରୁ କାକଟପୁର ତହସିଲ୍ ଅଫିସ ଘେରଉ କରାଯାଇଥିଲା। ଉପକୂଳ ପରିବେଶ ବିରୋଧୀ ତଥା କୃଷକ ବିରୋଧୀ ଏହି ପ୍ରକଳ୍ପ ହଜାର ହଜାର ଏକର ଚାଷଜମି, ଘରଦ୍ୱାର, ବିଦ୍ୟାଳୟ, ଦେବାଳୟକୁ ନଷ୍ଟ କରି ଉପକୂଳଠାରୁ ୧୦/୧୫ କିଲୋମିଟର ଦୂରରେ ନିର୍ମାଣ କରିବା ବନ୍ଦ କରାଯାଉ ବୋଲି ଉପକୂଳ କୃଷି କୃଷକ ବଞ୍ଚାଓ ସଂଘର୍ଷ ସମିତିର ଆବାହକ ତଥା ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ କହିଛନ୍ତି। ଶତାଧିକ ଲୋକଙ୍କ ଦ୍ୱାରା ସଂଗଠିତ ଏହି ପ୍ରତିବାଦ ଆନ୍ଦୋଳନକୁ ନେତୃତ୍ୱ ଦେଇ ଶ୍ରୀ ନାୟକ କହିଥିଲେ ଏଥିପାଇଁ ଗ୍ରାମସଭା କରାଯାଇ ନାହିଁ କିମ୍ବା ଲୋକମାନେ କିଛି ଜାଣିନାହାନ୍ତି। ଜନସାଧାରଣଙ୍କୁ ଅନ୍ଧାରରେ ରଖି କାହା ସ୍ୱାର୍ଥରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ରାଜମାର୍ଗ ନିର୍ମାଣ କରାଯିବ ବୋଲି ସନ୍ଦେହ ପ୍ରକାଶ ପାଇଛି। ଆମେ ବିକାଶ ବିରୋଧୀ ନୋହୁଁ, ଏହି ପ୍ରକଳ୍ପର ଯଦି ଆବଶ୍ୟକତା ଅଛି ତେବେ ସମୁଦ୍ର କୂଳେ କୂଳେ ନିଆଯାଉ ବୋଲି ଲକ୍ଷ୍ମୀଧର ସେଠ୍, ମାନସ ବିଶ୍ୱାଳ, ଈଶ୍ୱର ବେହେରା, ରବୀନ୍ଦ୍ର ନାୟକ ପ୍ରମୁଖ ଦାବି କରିଥିଲେ। ପ୍ରକଳ୍ପକୁ ବିରୋଧ କରି ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ କରାଇଥିଲା।

ଏଠାରେ ପ୍ରକାଶ ଥାଉକି, ଗତ କିଛିମାସ ତଳେ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ଏହି ପ୍ରକଳ୍ପ ନିମନ୍ତେ ଡକାଯାଇଥିବା ଟେଣ୍ଡର ଏବଂ ଡିପିଆର୍ ରଦ୍ଦ କରାଯାଇଥିଲା ବୋଲି ପ୍ରକାଶ ପାଇଥିଲା। ନୂତନ ଡିପିଆର୍ ହୋଇନାହିଁ। ତେବେ ଉପକୂଳ ରାଜମାର୍ଗ ଅଥରିଟି କିପରି ନୋଟିସ୍ ଜାରି କରି ଚାଷୀଙ୍କୁ ଜମିର କାଗଜପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ଆଜି ଦାଖଲ କରିବାକୁ ଡକାଇଥିଲେ। କାକଟପୁର ତହସିଲ୍‌ଦାର ତୁରନ୍ତ ସରକାରଙ୍କୁ ଆମର ପ୍ରତିବାଦ ଅବଗତ କରନ୍ତୁ। ଆଗାମୀ ଦିନରେ ଜୋର୍ ପ୍ରତିବାଦ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ନାୟକ ଏବଂ ଚାଷୀମାନେ କହିଛନ୍ତି।



୧/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୫୯,୫୩୭/- ସୁନା: ୦୦.୭୫୦ ଗ୍ରାମ୍ ରୁପା: ୧୦୯.୫୦୦ ଗ୍ରାମ୍




# ପଞ୍ଚୁକ ପାଇଁ ୯୬ ସେକ୍ସନ ଫୋର୍ସ



- ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ରହିବେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ
- ମାର୍କେଟ୍ ଛକ, ଷଣ୍ଢଛକ, ମୋଚିସାହି ଛକରୁ ମନ୍ଦିର ଆଡ଼କୁ ଆସିବନି ଗାଡ଼ି

**ପୁରୀ,୧।୧୧(ସମିସ):** ରବିବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥର ପଞ୍ଚୁକ ୪ ଦିନ ପଡ଼ିଛି। ତେବେ ପଞ୍ଚୁକ ଅବସରରେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳିଙ୍କ ପ୍ରବଳ ଭିଡ଼ ହେବ। ମହାପ୍ରଭୁଙ୍କ ଚିତ୍ତାକର୍ଷକ ପଞ୍ଚୁକ ବେଶ ଦର୍ଶନ କରି ହବିଷ୍ୟାଳି ଓ ସାଧାରଣ ଭକ୍ତ କାର୍ତ୍ତିକ ମାସକୁ ବିଦାୟ ଦେବେ। ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୁଣ୍ୟ ମିଳିଥାଏ ପଞ୍ଚୁକ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ। ତେଣୁ ବଡ଼ ଏକାଦଶୀଠାରୁ ଶ୍ରୀକ୍ଷେତ୍ରରେ ପଞ୍ଚୁକ ୪ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶନିବାର ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ପ୍ରତୀକ୍ ସିଂ ଅଧିକାରୀ ଓ ପୁଲିସ ଫୋର୍ସଙ୍କୁ ବ୍ରିଫ୍ କରିଛନ୍ତି। ଏହି ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ନେଇ ଏସ୍‌ପି ସୂଚନା ଦେଇଛନ୍ତି। ପଞ୍ଚୁକ ପାଇଁ ପୁରୀ ପୁଲିସର ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ହବିଷ୍ୟାଳି ମା' ଏବଂ ଅନ୍ୟ ଭକ୍ତମାନେ ଯେପରି ବାଧାମୁକ୍ତ ଏବଂ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ କ୍ଲିୟରାନ୍ସ ପାର୍ଟି ମୁତୟନ ରହିବେ। ମନ୍ଦିର ଭିତର ଓ ବାହାର ବେଢ଼ାରେ ନଜର ରଖିବ ପୁଲିସ। ବିଶେଷକରି ସାତପାହାଚ ଓ ନାଟମଣ୍ଡପ ସ୍ଥାନରେ ହେଉଥିବା ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରିତ କରାଯିବ। ପଞ୍ଚୁକ ପାଇଁ ମୋଟ୍ ୯୬ ସେକ୍ସନ ବା ୩୨ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏତଦ୍‌ବ୍ୟତୀତ ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟର, ୧୩୮ ଏସ୍‌ଆଇ ଓ ଏଏସ୍‌ଆଇ, ୨୪ ହାବିଲ୍‌ଦାର, ୧୪୭ କନେଷ୍ଟବଲ, ୩୩୪ ହୋମ୍‌ଗାର୍ଡ ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ରହିବେ। ସିଂହଦ୍ୱାରରେ ଆମ୍ବୁଲାନ୍ସ, ଅଗ୍ନିଶମ କର୍ମଚାରୀ ରହିବେ। ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ କିପରି ସୁପରିଚାଳନା ହେବ ସେ ନେଇ ମଧ୍ୟ ସ୍ୱତନ୍ତ୍ର ଆରେଞ୍ଜମେଣ୍ଟ କରାଯାଇଛି। ମାର୍କେଟ୍ ଛକରୁ ଶ୍ରୀମନ୍ଦିର, ଷଣ୍ଢ ଛକରୁ ଗାଣ୍ଡୁଆ ଚଉରା ଛକ, ସୋଲାଖିଆ ବରଗଛରୁ କାକୁଡ଼ିଖାଇ ଛକ ଏବଂ ମୋଚିସାହି ଛକରୁ ଦୋଳମଣ୍ଡପ ସାହି ନୋ ଭେହିକ୍ଲ ଜୋନ୍ ରହିଛି। ସେହିପରି ଦିଗବାରିଣୀ ଛକରୁ ଯାତ୍ରିକା ପାର୍କିଂ ପର୍ଯ୍ୟନ୍ତ ମଧ୍ୟ ନୋ ଭେହିକ୍ଲ ଜୋନ୍ ରହିଛି। ସେହିପରି ଆନ୍ତଃରାଜ୍ୟ ଏବଂ ଟୁରିଷ୍ଟ ବସ୍ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ଏବଂ ବ୍ରହ୍ମଗିରି ପଟୁ ଆସୁଥିବା ଚାରିଚକିଆ ଗାଡ଼ି ଜେବିପିସି ଏବଂ ଜେଲ୍‌ରୋଡ୍ ପାର୍କିଂ, ଦୁଇଚକିଆ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ, ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ, ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ଦିଗବାରିଣୀ ପାର୍କିଂସ୍ଥଳରେ ପାର୍କ କରିବେ। ପାଟ୍ରୋଲିଂ ବଢ଼ାଯିବ। ବୋଇତ ବନ୍ଦାଣ ପାଇଁ ବେଳାଭୂମି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଉପରେ ସ୍ୱତନ୍ତ୍ର ଭାବେ ନଜର ରହିବ। ସୁରକ୍ଷା କର୍ମୀ ଏବଂ ଲାଇଫ୍‌ଗାର୍ଡମାନେ ଏସବୁ ଜାଗାରେ ନିୟୋଜିତ ହେବେ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ମାର୍କେଟ୍ ଛକରୁ ଶ୍ରୀମନ୍ଦିରକୁ ବ୍ୟାରିକେଡ୍‌ରେ ଯିବେ ଭକ୍ତ

- କେବଳ ସିଂହଦ୍ୱାରରେ ପ୍ରବେଶ, ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ
- ପ୍ରଥମ ୩ ଦିନ କେବଳ ବାହାର କାଠରୁ ଦର୍ଶନ
- ଘଣ୍ଟିଦ୍ୱାର ଦେଇ ପ୍ରବେଶ କରିବେ ବରିଷ୍ଠ ନାଗରିକ

**ପୁରୀ,୧।୧୧(ସମିସ):** ରବିବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥିପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳିଙ୍କ ଭିଡ଼ ବଢ଼ିଲାଣି। ଏଥର ପଞ୍ଚୁକ ୪ ଦିନ ପଡୁଛି। ତେଣୁ ମହାପ୍ରଭୁଙ୍କ ଚିତ୍ତାକର୍ଷକ ୪ଟି ବେଶ ଦର୍ଶନ କରି ହବିଷ୍ୟାଳି ଓ ସାଧାରଣ ଭକ୍ତ କାର୍ତ୍ତିକ ମାସକୁ ବିଦାୟ ଦେବେ। ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୁଣ୍ୟ ମିଳିଥାଏ ପଞ୍ଚୁକ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ। ତେଣୁ ରବିବାର ବଡ଼ ଏକାଦଶୀଠାରୁ ଶ୍ରୀକ୍ଷେତ୍ରରେ ପଞ୍ଚୁକ ୪ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଞ୍ଚୁକରେ ଶ୍ରଦ୍ଧାଳୁମାନଙ୍କର ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ସେଥିଲାଗି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଶାସନର ପଞ୍ଚୁକ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ମାର୍କେଟ୍ ଛକରୁ ବ୍ୟାରିକେଡ୍ ଦେଇ ଭକ୍ତ ପ୍ରବେଶ କରିବେ। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ କରିବେ। ଭିତରେ ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ନୀତିକାନ୍ତି ସମ୍ପର୍କରେ ଭକ୍ତଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯିବ। କେତେବେଳେ ଦର୍ଶନ ବନ୍ଦ ଏବଂ ଚାଲୁ ରହିବ ତାହା ଶ୍ରଦ୍ଧାଳୁ ଜାଣିପାରିବେ। ସେହିପରି ବାହାରେ ଶେଡ୍ ସହିତ ବ୍ୟାରିକେଡ୍‌ରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଫ୍ୟାନ୍, ବସିବା ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା ହୋଇଛି। ଏ ବର୍ଷ ପଞ୍ଚୁକ ୪ ଦିନ ପଡୁଥିବାରୁ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି। ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ମାର୍କେଟ୍ ଛକଠାରୁ ଅସ୍ଥାୟୀ ବ୍ୟାରିକେଡ୍‌ରେ ପ୍ରବେଶ କରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ। ତେବେ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମାର୍କେଟ୍ ଛକଠାରୁ ସିଂହଦ୍ୱାର ଆଡ଼କୁ କୌଣସି ଗାଡ଼ି ଛଡ଼ାଯିବ ନାହିଁ। କେବଳ ଭକ୍ତ ଏବଂ ଜନସାଧାରଣ ପାଦରେ ଚାଲିଚାଲି ଯିବେ। ସହରରେ ଭିଡ଼ ଯେପରି ନ ହେବ ସେଥିଲାଗି ଟ୍ରାଫିକ୍ ନିୟନ୍ତ୍ରଣ କରାଯିବ। ପୁଲିସ ପକ୍ଷରୁ ପାର୍କିଂ ସ୍ଥାନ ଚିହ୍ନଟ ହୋଇଛି ବୋଲି କହିଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶନିବାର ମହାପ୍ରଭୁଙ୍କ ରାଧାଦାମୋଦର ବେଶର ଶେଷ ଦିବସ। ରବିବାରଠାରୁ ଆସନ୍ତା ୫ ତାରିଖ ଯାଏ ପବିତ୍ର ପଞ୍ଚୁକ ନୀତି ଓ ବେଶ ଅନୁଷ୍ଠିତ ହେବ। ଏଥର ପଞ୍ଚୁକରେ ଶ୍ରୀମନ୍ଦିର ଭିତରେ ବାହାର କାଠରୁ ଦର୍ଶନ ବ୍ୟବସ୍ଥା କରାଯାଇଛି। କେବଳ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଗ ମଣ୍ଡପ ଶେଷ ପରେ ଭିତରକାଠରୁ ଭକ୍ତମାନେ ଦର୍ଶନ କରିପାରିବେ। ସେହିପରି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ଭକ୍ତମାନେ ଯେଭଳି ଭଲଭାବେ ଦର୍ଶନ କରିବେ ସେ ନେଇ ସବୁ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଦର୍ଶନ କରିବା ପରେ କାହାରିକୁ ଠିଆ ହେବାକୁ ଅନୁମତି ଦିଆଯିବ ନାହିଁ। ତେବେ ବରିଷ୍ଠ ନାଗରିକମାନେ ଘଣ୍ଟିଦ୍ୱାର ଦେଇ ପ୍ରବେଶ କରିବେ।

## ଜାନୁଆରୀରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

**ପୁରୀ,୧।୧୧(ସମିସ):** ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦଙ୍କ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ ପୁରୀଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଅନୁଷ୍ଠିତ ହୁଏ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ। ଏହି ସମ୍ମିଳନୀର ପଦ୍ମରାଗ ଜୟନ୍ତୀ ଚଳିତ ବର୍ଷ ପୁରୀଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ସଂଘର ଉଦ୍ଦେଶ୍ୟ ସନାତନ ସତ୍‌ଶିକ୍ଷା ବିସ୍ତାର, ଶିବ ଜ୍ଞାନେ ଜୀବ ସେବା। ମାଧ୍ୟମ ହେଉଛି ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ। ଏଥିପାଇଁ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୁଏ। ସମ୍ମିଳନୀର ଉଦ୍ଦେଶ୍ୟ ସଫଳ ପାଇଁ ଗଜପତି ମହାରାଜାଙ୍କ ପରାମର୍ଶରେ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ତାଳବଣିଆଠାରେ ଆସନ୍ତା ୨୦୨୬ ମାଘ ପୂର୍ଣ୍ଣିମା ଅର୍ଥାତ୍ ଜାନୁଆରୀ ୩୦ ତାରିଖରେ ଅଧିବାସ କରାଯିବ। ଜାନୁଆରୀ ୩୧, ଫେବୃଆରୀ ୧ ଓ ୨ ତାରିଖ ତିନିଦିନ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଦେଶ ତଥା ଦେଶ ବାହାରୁ ପ୍ରାୟ ୨୦ ହଜାର ଭକ୍ତ ଯୋଗଦେବେ ବୋଲି ଆକଳନ କରାଯାଇଛି। ସମ୍ମିଳନୀରେ ଭକ୍ତମାନଙ୍କର ରହିବା ଓ ପ୍ରସାଦସେବନର ବ୍ୟବସ୍ଥା ସଂଘ ପକ୍ଷରୁ କରାଯାଇଥାଏ। ସମ୍ମିଳନୀର ସମସ୍ତ ଆୟୋଜନ ପାଇଁ ସରକାରୀ ସହାୟତା ନିମନ୍ତେ ସ୍ଥାନୀୟ ପ୍ରଶାସନର ସହଯୋଗ ଏକାନ୍ତ କାମ୍ୟ ବୋଲି କର୍ମକର୍ତ୍ତାଙ୍କ ତରଫରୁ ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି ନିବେଦନ କରିଛନ୍ତି। ସମ୍ମିଳନୀର ସଫଳ ରୂପାୟଣ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଏହି ଅବସରରେ ସଂଘର କେନ୍ଦ୍ରୀୟ କାର୍ଯ୍ୟାଳୟ ପୁରୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ ପ୍ରଜ୍ଞାନ ମିଶନର ପ୍ରତିଷ୍ଠାତା ପ୍ରଜ୍ଞାନାନନ୍ଦ ମହାରାଜଙ୍କୁ ଅଭ୍ୟର୍ଥନା କମିଟି ସଭାପତି ଭାବେ ମନୋନୀତ କରାଯାଇଛି।

## ଶ୍ରୀଜଗନ୍ନାଥାୟନରେ 'ତୁ ଏକା ଆମ ସାକ୍ଷୀ'



**ପୁରୀ,୧।୧୧(ସମିସ):** ସମାଜରେ ଆଧ୍ୟାତ୍ମିକ ଜାଗରଣ ପାଇଁ ରାମାୟଣ, ମହାଭାରତ ଓ ଭାଗବତ ପରି ଦାର୍ଢ୍ୟତା ଭକ୍ତିର ଅବଦାନ ସ୍ମରଣଯୋଗ୍ୟ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କଟକର ନାଟ୍ୟ ସଂସ୍ଥା ଅଭିଯାନ ପକ୍ଷରୁ ମଞ୍ଚସ୍ଥ ନାଟକ "ତୁ ଏକା ଆମର ସାକ୍ଷୀ'ରେ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର ସଫଳ ନାଟ୍ୟକାର ଡ. କିଶୋର ମହାନ୍ତି, ନିର୍ଦ୍ଦେଶକ ଅକ୍ଷୟ ରଣା ଓ କଣ୍ଠଶିଳ୍ପୀ ବସନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା, ନାଟ୍ୟକାର ଦୟାନିଧି ତ୍ରିପାଠୀ, ବିଶିଷ୍ଟ ସଂଗଠକ ଚକ୍ରଧର ମହାପାତ୍ର, ବିଜୟ ପଣ୍ଡା, କଣ୍ଠଶିଳ୍ପୀ ନଳିନୀକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବକୁ ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ ସାହୁ ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର କଳାକାର ବୃନ୍ଦ ପରିଚାଳନା କରିଥିବାବେଳେ ସଂଯୋଜନା କରିଥିଲେ ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ।

## ସିପିଏସ୍‌ରେ ବକ୍ତୃତା ପ୍ରତିଯୋଗିତା

**ପୁରୀ,୧।୧୧(ସମିସ):** ପୁରୀ-କୋଣାର୍କ ରାସ୍ତାର ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍)ରେ ଶୁକ୍ରବାର ଆଇପିଏ (ଇଣ୍ଡିଆନ୍ ଫାର୍ମାସ୍ୟୁଟିକାଲ ଆସୋସିଏସନ) ଦ୍ୱାରା ଜାତୀୟ ବକ୍ତୃତା ପ୍ରତିଯୋଗିତା-୨୦୨୫ ମୁତାବକ ଏକ ଆଞ୍ଚଳିକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ସିପିଏସ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର, ସିପିଏସ୍‌ର ନିର୍ଦ୍ଦେଶକ ଡ. ଗଣେଶ ଦାସ, ମୁଖ୍ୟଅତିଥି ଭାବେ ବାଣୀବିହାର ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗର ପ୍ରଫେସର ଡ. ସୁଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ସହକାରୀ ପ୍ରଫେସର ଡା. ଦେବାଶିଷ ପଣ୍ଡିତ ଓ ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଫେସର ସିଦ୍ଧାର୍ଥ କର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଫାର୍ମାସୀ ଓ ଚିକିତ୍ସା ବିଜ୍ଞାନରେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ବ୍ୟବହାର, ଭେଷଜ ବିଜ୍ଞାନରେ ଡିଜିଟାଲ ବିବର୍ତ୍ତନ ଓ ଫାର୍ମାସୀ ପାଠ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଡିଜିଟାଲ ଅଧ୍ୟୟନ ଦ୍ରୁତଗତିରେ ଆଦୃତ ହେବାରେ ଲାଗିଛି। ଏହାଦ୍ୱାରା ରୋଗୀମାନେ ଉନ୍ନତମାନର ଔଷଧ ପାଇବାରେ ସକ୍ଷମ ହୋଇପାରିବା ସହିତ ଭଲ ଚିକିତ୍ସା ପାଇପାରୁଛନ୍ତି। ତତ୍‌କ୍ଷଣାତ ସମସ୍ତ ରୋଗର ଚିହ୍ନଟ କରାଯାଇ ତାହାର ଚିକିତ୍ସା କରାଯାଇ ପାରୁଛି ବୋଲି ଅତିଥିମାନେ କହିଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ତିନିଜଣ ଜାତୀୟ ବକ୍ତୃତା ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ସେମାନଙ୍କୁ ମହାବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧେଶ୍ୱର ପାଟଯୋଶୀ, ଅନୁପ କୁମାର ପାତ୍ର ପରିଚାଳନା କରିଥିବାବେଳେ ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ବେଆଇନ ଗିରଫଦାରି; ୧୦ ହଜାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ପୁରୀ,୧।୧୧(ସମିସ):** ଗତବର୍ଷ ସେପ୍ଟେମ୍ବର ୨୧ରେ କୁମ୍ଭାରପଡ଼ା ବାଡାସାହିର ଜଣେ ଯୁବକ ସନ୍ତୋଷ ଦାଶଙ୍କୁ ଚେକ୍ ବାଉନ୍ସ କେସ୍‌ରେ ଡିଷ୍ଟ୍ରେସ୍ ୱାରେଣ୍ଟ ହୋଇଥିଲା। ହେଲେ ଏଥିରେ ଗିରଫ ବ୍ୟବସ୍ଥା ନ ଥାଏ। କିନ୍ତୁ କୁମ୍ଭାରପଡ଼ା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଅଜିତ୍ ବିଶ୍ୱାଳ ବେଆଇନ ଭାବେ ଗିରଫ କରିଥିଲେ। ରାତି ୨ଟାରୁ ତାଙ୍କୁ ଗିରଫ କରିଥିବାବେଳେ ତା' ପରଦିନ ଅପରାହ୍ଣ ୪ଟାରେ କୋର୍ଟଚାଲାଣ କରିଥିଲେ, ଯେଉଁଥିରେ ସନ୍ତୋଷଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେବା ସହ ଅତ୍ୟନ୍ତ ଅପମାନଜନକ ସ୍ଥିତି ସୃଷ୍ଟି ହୋଇଥିଲା। ଏଣୁ ସନ୍ତୋଷଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱନାଥ ଦାଶ ରାଜ୍ୟ ମାନବାଧିକାର କମିଶନ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ରାଜ୍ୟ ମାନବାଧିକାର କମିଶନ ଚେୟାରମ୍ୟାନ୍ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ୧୦ ହଜାର ଟଙ୍କା କ୍ଷତିପୂରଣ ଅର୍ଥରାଶି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ ଏବଂ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇମାସ ମଧ୍ୟରେ ସନ୍ତୋଷଙ୍କୁ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ଆଇନଜୀବୀ ଶ୍ରୀ ଦାଶ ଜଣାଇଛନ୍ତି।

## ଅଁଳାନବମୀ କାର୍ଯ୍ୟକ୍ରମକୁ ଟିଭିରେ ଦେଖିଲେ ହବିଷ୍ୟାଳି

**ପୁରୀ,୧।୧୧(ସମିସ):** ଚଳିତ ବର୍ଷ ସାକ୍ଷୀଗୋପାଳ ମନ୍ଦିରରେ ହେଉଥିବା ଅଁଳାନବମୀ କାର୍ଯ୍ୟକ୍ରମକୁ ଦେଖିଛନ୍ତି ହଜାର ହଜାର ହବିଷ୍ୟାଳି। ହବିଷ୍ୟାଳି ଯୋଜନାର ଉଦ୍‌ଘାଟନ ଉତ୍ସବରେ ଆଇନମନ୍ତ୍ରୀ ବ୍ରତଧାରୀ ମା'ମାନଙ୍କୁ ଏବର୍ଷ ଅଁଳାନବମୀ ଦର୍ଶନର ସୁବିଧା ପାଇବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ମା'ମାନଙ୍କୁ ଅଁଳାନବମୀ କାର୍ଯ୍ୟକ୍ରମ ଦେଖାଇବାର ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅଁଳାନବମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀଗୋପୀନାଥଙ୍କ ସହ ଶ୍ରୀରାଧାରାଣୀଙ୍କ ଦର୍ଶନ ହଜାର ହଜାର ଶ୍ରଦ୍ଧାଳୁ କରିଥା'ନ୍ତି। ତେଣୁ ପୁରୀର ବିଭିନ୍ନ କେନ୍ଦ୍ରରେ ହବିଷ୍ୟାଳି ମା'ମାନେ ରହୁଥିବାରୁ ସେମାନେ ଅଁଳାନବମୀ ଦର୍ଶନ ପାଇଁ ଅନୁରୋଧ କରୁଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହାର କାର୍ଯ୍ୟକାରିତା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଦର୍ଶନ ଓ ପୂଜା କରାଇଦେବା କହି ଭକ୍ତଙ୍କୁ ଲୁଟୁଥିଲେ

# ୪ ଅସାମାଜିକଙ୍କୁ ବାନ୍ଧିଲା ପୁଲିସ

**ପୁରୀ,୧।୧୧(ସମିସ):** ଶ୍ରୀମନ୍ଦିରରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ିଛି। ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସହଜରେ ମହାପ୍ରଭୁଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରାଇଦେବା କହି ଲୁଟୁଛନ୍ତି। ଏପରିକି ମହାପ୍ରସାଦ କିଣିବା ଆଉ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାତ୍ରୀ ଗୁମାସ୍ତା ଥିବା ସେମାନେ କହୁଛନ୍ତି। ହେଲେ ସେମାନଙ୍କୁ ଶ୍ରୀମନ୍ଦିର ପକ୍ଷରୁ କୌଣସି ପରିଚୟପତ୍ର ଦିଆଯାଇନାହିଁ। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କଠାରୁ ଜୋର୍‌ଜବରଦସ୍ତ ଟଙ୍କା ଆଦାୟ କରିବା ସହ ଅନେକ ସମୟରେ ଭକ୍ତଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ରହିଆସିଛି। ଏହାଦ୍ୱାରା ଖରାପ ଅନୁଭୂତି ନେଇ ଶ୍ରଦ୍ଧାଳୁ ଫେରୁଥିବାବେଳେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲା ପୁରୀ ପୁଲିସ। କିଛି ମାସ ପୂର୍ବରୁ ପକ୍ଷରୁ ଚଢ଼ଉ କରାଯାଇ କିଛି ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରାଯାଇଥିଲା। ଏବେ ପୁଣି ସେମାନଙ୍କ ପ୍ରାଦୁର୍ଭାବ ବଢ଼ିବା ଫଳରେ ପୁଲିସ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପଞ୍ଚୁକ ନୀତି ଆରମ୍ଭ ହେବା ପୂର୍ବରୁ ଶନିବାର ୪ ଅସାମାଜିକ ଯୁବକଙ୍କୁ ବାନ୍ଧିଛି ପୁଲିସ। ସେମାନେ ହେଲେ ବାଲିଘାଟର ସନ୍ତୋଷ ଦାସ, ବାସେଳିସାହିର ମହେନ୍ଦ୍ର ପୁରୋହିତ, ଜଗନ୍ନାଥ ବସ୍ତି ମିଶ୍ରସାହି ଲେନ୍‌ର ସଂଗ୍ରାମ ମହାନ୍ତି ଓ ଲୋକନାଥ ରୋଡ୍‌ର ଅଂଶୁ ଜେନା। ଏମାନଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ମାମଲା (ନଂ୧୯୬/୨୫) ରୁଜୁ ହୋଇ ସମସ୍ତଙ୍କୁ କୋର୍ଟଚାଲାଣ କରିଛି ପୁଲିସ। ଏଥିସହ ଅଭିଯୁକ୍ତଙ୍କଠାରୁ ୮୧୦ ଟଙ୍କା ଜବତ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଏକ ଅସାମାଜିକ ଦଳ ଏବଂ ଗୁଣ୍ଡା ଶ୍ରେଣୀର ଯୁବକ ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏମାନେ ବଡ଼ଦାଣ୍ଡ ଏବଂ ପରିକ୍ରମା ରାସ୍ତାରେ ନିୟମିତ ଭାବେ ଏକତ୍ରିତ ହୋଇ ଭକ୍ତମାନଙ୍କୁ (ବିଶେଷକରି ଅଣଓଡ଼ିଆ) ଟାର୍ଗେଟ୍ କରୁଥିଲେ। ପାରମ୍ପରିକ ପୋଷାକ ପିନ୍ଧି ଶ୍ରୀମନ୍ଦିରର ସେବାୟତମାନଙ୍କୁ ପରିଚୟ ଦେଉଥିଲେ। ତେଣୁ ଏସ୍‌ପି ଏମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଶନିବାର ଟିମ୍ ସଦସ୍ୟ ଏମାନଙ୍କୁ ମନ୍ଦିର ପରିଦର୍ଶନ କରୁଥିବା ତୀର୍ଥଯାତ୍ରୀ ଏବଂ ଭକ୍ତଙ୍କଠାରୁ ଟଙ୍କା ଆଦାୟ, ଧମକ ଏବଂ ହିଂସା ଭଳି ଅପରାଧରେ ଲିପ୍ତ ଥିବା ଦେଖିଥିଲେ। ଅଭିଯୁକ୍ତମାନେ ମନ୍ଦିର ପରିଦର୍ଶନ କରାଇଦେବା କହି ଟଙ୍କା ମାଗୁଥିଲେ। ମନା କଲେ ଖରାପ ଭାଷା ଏବଂ ଧମକ ଦେଉଥିଲେ। ପୁଲିସ ଦଳ ୪ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କର ଶ୍ରୀମନ୍ଦିରର ରୀତିନୀତି କିମ୍ବା ପରମ୍ପରା ସହିତ କୌଣସି ସମ୍ପର୍କ ନ ଥିବା ତଦନ୍ତବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନେ ନିଜକୁ ସେବାୟତ ବୋଲି ପରିଚୟ ଦେଇ ପୂଜା ଏବଂ ମାଗଣା ଦର୍ଶନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଭକ୍ତଙ୍କୁ ଠକୁଥିବା ଏବଂ କୌଣସି ଅଧିକାର କିମ୍ବା ପ୍ରାପ୍ତି ବିନା ଜୋର୍‌ଜବରଦସ୍ତି ଟଙ୍କା ଆଦାୟ କରୁଥିବା ଜଣାପଡ଼ିଥିଲା।

## କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ସ୍ମୃତିସଭା

**ପୁରୀ,୧।୧୧(ସମିସ):** କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଓଡ଼ିଆ ସାରସ୍ୱତ ଜଗତରେ ଅପୂରଣୀୟ କ୍ଷତି ଘଟିଛି। ଲକ୍ଷ୍ମୀପୁରାଣକୁ ଗାଁ ଗହଳିରେ ବାଣ୍ଟି ଓଡ଼ିଆ ସଂସ୍କୃତି ଓ ସାହିତ୍ୟକୁ ଜନପ୍ରିୟ କରି ଜଣେ ସଂସ୍କୃତି କର୍ମୀ ଭାବେ ଜୀବନ ବଞ୍ଚିଥିବା ଦିବଂଗତ ପରିଡ଼ା ବାସ୍ତବ ଜୀବନରେ ଥିଲେ ଜଣେ କବି। ଧଳା ପୋଷାକର ବନ୍ଧନୀ ଭିତରେ ସେ ଲାଗୁଥିଲେ ଅମାବାସ୍ୟାର ଚନ୍ଦ୍ର ପରି। ଅନ୍ୟର ଦୁଃଖକୁ ଆତ୍ମସ୍ଥ କରି ତୃଣମୂଳ ମଣିଷକୁ ସାହାଯ୍ୟ କରିବା ଥିଲା ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ। 'ମାୟାମଞ୍ଚ'ରୁ ଆରମ୍ଭ ହୋଇଥିବା ତାଙ୍କର କବିତ୍ୱ 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱର ବର୍ଣ୍ଣ', 'କବିତା କଣିକା' ଓ 'ଚିତ୍ରାକ୍ଷର' ଦେଇ ବିପୁଳ ପାଠକୀୟ ପ୍ରଶଂସା ପାଇଥିଲା। ସେ ଯେମିତି ବୁଝି ସାରିଥିଲେ ଏ ମାୟାମଞ୍ଚ ଛାଡ଼ିବାର ବେଳ ଆସିଗଲାଣି। ସେଇଥିପାଇଁ କବିତା କଣିକା ସନ୍ଧାନ କରି ଚିତ୍ରାକ୍ଷର ମଧ୍ୟରେ ମୃତ୍ୟୁ ଓ ଅମୃତ ଅନୁଭବକୁ ବାଣ୍ଟି ଚାଲିଥିଲେ କବିତାରେ। ଏହି କବିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସାରସ୍ୱତ ଅନୁଷ୍ଠାନ 'ଅଭିନନ୍ଦନିକା' ପକ୍ଷରୁ ଏକ ସ୍ମୃତିଚାରଣ ସଭା ବାଲିଘାଟସ୍ଥିତ 'କୈଳାଶ କାବ୍ୟ କାନନ'ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଓ ସମାଲୋଚକ ଦିଲ୍ଲୀପ ସ୍ୱାଇଁ ସଭାପତିତ୍ୱ କରି କବିଙ୍କର କାବ୍ୟ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। କବି ସନ୍ନ୍ୟାସୀ ନାୟକ, କାମଦେବ ମହାରଣା, ଅଧ୍ୟାପିକା ଶିବାନୀ ଜେନା, ଅଧ୍ୟାପକ ଉମେଶ ବେହେରା, କବି ସୌମ୍ୟରଞ୍ଜନ ମଲ୍ଲିକ, ରଞ୍ଜନ ସାହୁ, ଅନନ୍ତ ବେହେରା, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଜଣେ ଭଲମଣିଷ ଆମ ନିକଟରୁ ଅପସରି ଯାଇଥିବାରୁ ଦୁଃଖ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। 'ଅଭିନନ୍ଦନିକା'ର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସ୍ମୃତିସଭାକୁ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

# ନୀତି ବିରୋଧୀ ଯେକୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ



**ପୁରୀ,୧।୧୧(ସମିସ):** ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ପ୍ରଗତିକୁ କ୍ଷତି ପହଞ୍ଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକିପାରିବ ନାହିଁ। ଏହାର ପ୍ରତିହତ ପାଇଁ ସମବନ୍ଧ ଉଦ୍ୟମ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପିଲାର ଚରିତ୍ର ଗଠନ ନିଜ ଗୃହରୁ ହିଁ ଆରମ୍ଭ ହୋଇଥାଏ। ପିତାମାତା ଓ ଗୁରୁଜନଙ୍କ ପ୍ରଭାବ ଦ୍ୱାରା ସେ ପ୍ରଭାବିତ ହୋଇଥାଏ। ତେଣୁ ଛୋଟ ଛୋଟ ସକାରାତ୍ମକ ପ୍ରୟାସ ତାକୁ ଭଲ ମଣିଷ ସହ ଦୁର୍ନୀତି ନିବାରଣ ପଥରେ ସହାୟକ କରାଇପାରିବ ବୋଲି କହିଥିଲେ। ବିଶିଷ୍ଟ ବକ୍ତା ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଦୁର୍ନୀତି ବିକାଶର ମୁଖ୍ୟ ପ୍ରତବନ୍ଧକ ବୋଲି କହିବା ସହ ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ରୂପକ ସାମାଜିକ କଳଙ୍କକୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇପାରିବ ବୋଲି ଶ୍ରୀ ସେଠୀ ମତ ଦେବା ସହ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କରାଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧୀକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଝିଅ ପାଇଁ ଗୋଟିଏ କବିତା

ରାଜେନ୍ଦ୍ର କିଶୋର ପଣ୍ଡା

ଯିବାକୁ ହବ ଦୂର ବହୁ ଦୂର ।
କାହାକୁ ମାନ କରିଚୁ ଝିଅ ମୋର, ସୁନାଝିଅ ମୋର?
ତୋ' ରୁଷାଘର ଆଗରେ ତତେ ଅପେକ୍ଷା କରୁଚି ଜୀବନ
ଖୋଲିଦେ କବାଟ, ଆ, ଯିବାକୁ ହବ ଦୂର ବହୁ ଦୂର
ଯା, ମା, ତୁ ପରା ଘର କରିବୁ, ଘର ॥

କଳ୍ପବୃକ୍ଷ ହେଲି ବୋଲି ଭାବି ନେବାଟା ଇ ପ୍ରାୟ
କଳ୍ପବୃକ୍ଷ ହେବା ।
ଭାବିନେବୁ ॥

ଲାଜକୁଳୀ ବୁଦା ପରି ମୁଦି ହୋଇ ସଂକୁଡ଼ିଯାଇ
କୁଜୀ ହୋଇ ରହିବୁ କାହିଁକି?
ଛୁଆଁ ବାଜିବା ମାତ୍ରକେ ଠିଆ ହେବୁ ସିଧା ହୋଇ, ତରୁ ପରି,
ପଲ୍ଲବିବୁ,
ମେଲିଦେବୁ ଫୁଲମେଡ଼, ଫଳଭାର, ପକ୍ଷୀବସା ଡାଳ ଡାଳ
ପୁଣି କିଛି କଂଟାର ସଂଭାର, ମେଲିଦେବୁ...
ଦେବୁ ଆଉ ଦିଆଇବୁ, ଦେ ପଦ ବୋଲିବୁ ॥

ତୋ' ଆକାଶରେ ଶକୁନ ଉଡ଼ିବେ,
ଶକୁଂତ ରହିବେ ଡେଣା ଫଡ଼କେଇ
ଲହୁଲୁହାଣ ହବୁ କେବେ ତ ମହୁମୁହାଣ ହବୁ ॥

କେତେ ସରାଗରେ ରାନ୍ଧି ତୁ ପରିଷିଥିବା ସୁଆଦିଆ ତିଅଣକୁ
ଥୁ ଥୁ କରିଦେଲେ ପ୍ରିୟଜନଟିଏ,
କୋହ ଚାପି ସ୍ମିତ ଖେଳାଇବୁ
ଅମୃତ ଗିନାକ ତୋର ବିଷ ହବ ନାଇଁ, ଝିଅ,
ଅମୃତ ତ କେବେ ଅଇଁଠା ହୁଏ ନାଇଁ, ଝିଅ!
ଯୋଗ୍ୟତମ ଦେଖି ସମର୍ପିବୁ ।
କାହାଣୀର ବୁଢ଼ୀ ଅସୁରୁଣୀ
ଗୋଟିଏ ଗୋଡ଼କୁ ତା'ର ଚୁଲୀରେ ପୂରାଇ ଜାଳି
ଆରଟି ସେକିଲା ପରି ତୁ ବି ବଂଚିବୁ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତି ହୋଇଯିବ ଆକାଶ ॥

ତତଲା ତାୱା ଉପରେ ମାଛଖଂଡ଼େ ଭାଜିହବା ପରି,
ଅଂଧାର ହିଁ କାଂଥ ଯହିଁ ଛାତ ଯହିଁ ଚଟାଣ ଯହିଁ ବିଛଣା ଯହିଁ
ସେଇଠି ଜହ୍ନ ବି କଳା, ସେଇଠାରେ ରାତି ତୋର ପୁହାଇଦବୁ
ଶରତର ଜହ୍ନରାତି ।
ପାହାଂତାରେ ନିଦ ମଳମଳ ଆଖିରେ ବଗିଚାକୁ ଆସି ଦେଖିବୁ
କାରୁପର୍ଣ୍ଣ କୋଣରେ
ଊର୍ଣ୍ଣାଜାଲରେ ବିଂଦୁ ବିଂଦୁ ଶିଶିର
ପ୍ରତିଟି ବୁଂଦାରେ ଝଲମଲ ସୂର୍ଯ୍ୟବିଂବ....
ଶିରିଶିରି ପବନରେ ଶିହରିଗଲା ଜାଲ ଭାବୁ ଭାବୁ
ନିଘା ପଡ଼ିଯିବ ଶିକାରରତ ରତ୍ନବୁଢ଼ିଆଣୀ ଉପରେ
ମାୟା ଘନଘୋର ଏ ସଂସାର ବଡ଼ ବିଚିତ୍ର, ମା,
ଛଟପଟ ପତଂଗଟି ଭିତରେ ନିଜକୁ ଥାପି ଅନୁଭବ କରି
ଜାଣିବୁ ତୁ ଶିହରି ଉଠୁଚୁ
ଯଂତ୍ରଣାରେ ଯେତିକି
ଉଲ୍ଲାସରେ ତତୋଽଧିକ !!


ଶତେକ ଶରତ ଥିବୁ, ବୁଢ଼ୀ ହବୁ ନାଇଁ ଝିଅ!
ସଂପାକଟା କରିବୁନି, ନିଜକୁ ନୁହେଁ କି ନିୟତିକି ନୁହେଁ,
କେତେ ଝୀନ କେତେ ସୂକ୍ଷ୍ମ ତୋର ଜୀବନ
ଉଭେଇଯିବ କବିତା, ଚହଲିଯିବ ମିଳେଇଯିବ ସ୍ୱପ୍ନ ।
ଦାରୁଣତମ ଦୁଃଖରେ ବି
ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତିହୋଇଯିବ ଆକାଶ ॥

ବରଂ, ଯଦି ପାରୁ, ପଦ୍ମାମୟ ହୋଇଯିବୁ
ନିଜକୁ ଟିକେ ଉଖାରିଦବୁ ।
ଅଂଚୁଡ଼ାରେ ପାତାଳଗଂଗାର ଫୁଆର, ମା,
ଅଂଧାର ଘନେଇ ପାଷାଣ ହୋଇ ବିଦୀର୍ଣ୍ଣ ହୋଇଗଲେ
ସିଂଦୂରା ଆକାଶରେ ପଂଜେରା ଫାଟିବାର ଦୃଶ୍ୟ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି ଝିଅ,
ବରଂ ତୁ ଦେବକୀ ପରି ନିଜେ ଫାଟିଯିବୁ
ଈଶ୍ୱରଂକ ଜନ୍ମ ପାଇଁ ଦ୍ୱାରା ଖୋଲିଦେବୁ ॥

# ଶିଖର ମାତ୍ରେ ଇ ଆରୋହ୍ୟ...

**ରାଜେନ୍ଦ୍ର କିଶୋର ପଣ୍ଡା । ଓଡ଼ିଆ କବିତାର ଏକ ଉଦାତ୍ତ ଉଚ୍ଚାରଣ । ଶବ୍ଦ ନିର୍ମାଣରେ ଧୂରୀଣ । ଆବେଗର ଐଶ୍ୱର୍ଯ୍ୟରେ ବିତ୍ତବାନ୍ । ଭାବ, ଭାଷା, ଶୈଳୀରେ ଚିର ନୂତନ । ପ୍ରତ୍ୟେକ କବିତା ପ୍ରତ୍ୟେକଠୁ ଭିନ୍ନ, ନିରୁତା କାବ୍ୟଦୃଷ୍ଟି, ତୀବ୍ର ସୂକ୍ଷ୍ମାନୁଭବର ସହଜ ଉନ୍ମୀଳନ । ତାଙ୍କ କବିତା କେବେ ବୋମା ପରି ତ କେବେ କଢ଼ ପରି ଫୁଟିଯାଏ । ସବୁ ବାଦ, ଆଦର୍ଶ ଓ ପକ୍ଷର ବାହାରେ ଛିଡ଼ା ହୋଇଥାନ୍ତି ସେ । କେତେ ଆଲୋକବର୍ଷ ଦୂରରେ ଏଇ ପୃଥିବୀରେ କୋଉଠି ଗୋଟାଏ ମହୋତ୍ସବ ହେଉଥାଏ, ଧିମା ଆଲୁଅ ଦିଶୁଥାଏ ଦିଗନ୍ତ ପାଖ ଦୂର ବିନ୍ଦୁରେ, ଅତି କ୍ଷୀଣଧ୍ୱନିର ଆଭାସ ଶୁଭୁଥାଏ ହୃତ୍‌ପିଣ୍ଡ ଭିତରେ । ଆଜି ହୁଏତ ନୀରବି ଯାଇଛି ରାଜେନ୍ଦ୍ରୀୟ କାବ୍ୟ ସ୍ୱର । କବି ବିଦାୟ ନେଇ ସାରିଛନ୍ତି ଆମ ଗହଣରୁ । ତାଙ୍କର ଦଶାହ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା ।**




## ରାଜେନ୍ଦ୍ରୋକ୍ତି



କହିଦିଏ ଆଉ ଥରେ:
ପକ୍ଷ କଥା ଉଠୁଚି ତ
ମୋତେ ରଖ ଅପର ପକ୍ଷରେ
'ବହୁ' ନୁହେଁ 'ଏକ' ବଚନରେ ॥
'ଅପରପକ୍ଷ', (ନିଜ ପାଇଁ ନାନାବାୟା)

ମୁକ୍ତି ନାହିଁ ସ୍ୱପ୍ନ ଆଉ ସ୍ୱପ୍ନଭଂଗରୁ
ମୁକ୍ତି ନାହିଁ ପ୍ରତିଶ୍ରୁତି ଦେବାରୁ ଆଉ ଭାଙ୍ଗିଦେବାରୁ
କୃତଘ୍ନତାରୁ, ବିଶ୍ୱାସଘାତରୁ ।
ବାଲି ମାଟି କଂକରରେ ହିମରେ ଅଶ୍ମରେ
ରକ୍ତ ମାଂସ ଅଛି ମଜ୍ଜା ଶୁକ୍ର ମନ ଚୈତନ୍ୟ ପ୍ରାଣରେ
ଗତି ମୋର ପାଦ-ବେଡ଼ି,
ମୁକ୍ତି ନାହିଁ
ମୁକ୍ତ ନାହିଁ ନାହିଁ ନାହିଁ ନିଜର ସୁଅରୁ ॥
'ଉପନଦୀ ପ୍ରତି ନଦୀ', (ଶୈଳକଳ୍ପ)


ମତେ ଏଇ ବର ଦେରେ ଜୀବନ୍!
ଥରକୁ ଥର ମୁଁ ଯେମିତି ତୋର
ଅଥଳ ଅଥୟ ଉଆଁର ଭିତରେ
ଅତି ଛୋଟ ଏକ ହୁଲିଡଂଗା ପରି
ଏମ୍ତି ଉଲ୍ଲାସରେ ବେଦନାରେ
ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟିକୁଥିବି
ମୋକ୍ଷ ଫୋକ୍ଷ ମୋର ଲୋଡ଼ା ନାହିଁ ॥
'ଜୀବନ ପ୍ରତି', (ଶୈଳକଳ୍ପ)

ସଂବିଧାନରେ
ଅଂଧାର ପାଇଁ କୌଣସି ଧାରା ନାହିଁ
ଖବରକାଗଜରେ
ଅଂଧାର ଆଉ ବ୍ୟବହୃତ ହଉନି
ଛପା କାଳି ଭାବରେ;
ସମ୍ରାଟଂକ ନୂତନ ଅକ୍ଷର
ଅଦୃଶ୍ୟ ଇ
ହବାର କଥା!
- 'ଷଡ଼ଯଂତ୍ର', (ନିଜପାଇଁ ନାନାବାୟା)

ତୁମକୁ ଭେଟିବା ପୁଣ୍ୟ ଏତେ ଅଧିକ ଯେ
ଭୟ ହୁଏ ମୋକ୍ଷ ଯିବି ପାଇ
ଆଉ ଥରେ ପୁନର୍ଜନ୍ମ ଦେବାକୁ ସକ୍ଷମ
ସବୁଠୁ ସାନ ପାପଟି ଦିଅ ଗୋ ବତାଇ ॥
'ସବୁଠୁ ସାନ ପାପଟି', (ଅନ୍ୟା)

ନକ୍ଷତ୍ର ନୁହେଁ କି ନିର୍ବାଣ ନୁହେଁ-
ଗୋଟା ପଣେ ଈଶ୍ୱର ହୋଇଯିବା ହିଁ
ମଣିଷର ତପସ୍ୟାର ଧ୍ରୁବ ଲକ୍ଷ୍ୟ
ଏକମାତ୍ର ଲକ୍ଷ୍ୟ ॥
'ଶଂବୁକର ତପସ୍ୟା', (ନିଜ ପାଇଁ ନାନାବାୟା)

ଅମୃତ ଆଣନା କି ହଳାହଳ ଆଣନା
ପ୍ରିୟତମ,
ମୋହିନୀ ନୁହେଁ ବାରୁଣୀ ପରି ଉଠିଆସ ଏଥର
ମୃଦୁ-ମୃଦୁ ମତ୍ତ କରିରଖ ଚିରକାଳ-
ସୁର ଅସୁର ନର
କବି କରିଦିଅ ସଭିଙ୍କୁ!
'ବାରୁଣୀ ପରି ଉଠିଆସ ଏଥର', (ଅନ୍ୟା)




ଗୋଟିଏ ଗୋଟିଏ ଭୂମି ଆସେ
ଜୀବନରେ, ଯେତେବେଳେ
ପହଞ୍ଚିବାର ଭ୍ରମ ଜାଗେ ଅର୍ଦ୍ଧ
ପଥରେ । ସେଇ ମାୟାଭୂମିରୁ
ଦିଶିଯାଏ ଶିଖର ଆଉ ଦିଶିଯାଏ
ସୁଗଭୀର ତଳ ବିତଳ, ଦ୍ୱିଧା
ବିଭକ୍ତ ହୋଇ ମୁଁ ମାଡ଼ିଯାଏ
ସେତେବେଳେ, ଅଲୌକିକ
ଗୋଟିଏ ପକ୍ଷୀ ଆଉ ପ୍ରଖର
ଗୋଟିଏ ଗିରି ନିର୍ଝର ପରି,
ଉତ୍‌ଥାନ ଓ ପତନ ଉଭୟ ଆଡ଼େ,
ସମାନ ବେଗରେ, ସେଇ ଗତି,
ସେଇ ଦୁର୍ଗତି କିନ୍ତୁ ବସାଇ ଦେଇ
ପାରେନା ମୋତେ ଶିଖରରେ
କି ନିପାତ କରି ଦେଇପାରେନା
କଚାଡ଼ି ଦେଇ ସବାତଳ
ବିନ୍ଦୁରେ । ଫେରିଆସେ ମୁଁ ଉଭୟ
ଆଡ଼ୁ । ପୁଣିଥରେ, ବିପରୀତ
ଗତିରେ । ରେ ମାୟାଭୂମି!
'ଶୈଳକଳ୍ପ' ମୋର ନିବେଦିତ
ହେଉ ତୋ'ରି ଉଦ୍ଦେଶ୍ୟରେ ।
ତୁ ଏମିତି ଆସିଯାଉଥା
ବେଳେବେଳେ, ଯାତ୍ରା ପଥରେ ।
-'ଉତ୍ସର୍ଗଲିପି', (ଶୈଳକଳ୍ପ)




ବେଳେବେଳେ, ରହସ୍ୟ ହେଉ କି ପ୍ରେମ ହେଉ କି ବିଦ୍ରୋହ ଭାବ ହେଉ, କବିର ଅବଧାରଣା ଏତେ ପବିତ୍ର ଓ ଏକାନ୍ତ ଭାବରେ ତା'ର ନିଜସ୍ୱ ହୋଇଥାଏ ଯେ ତା'ର ସାର୍ବଜନନୀକରଣ ହୋଇପାରେନା । ବେଳେବେଳେ ପକ୍ଷଭୁକ୍ତ ହେବା ବି କଷ୍ଟକର ହୁଏ । ତୁମେ ଯଦି ପକ୍ଷଭୁକ୍ତ ହେବାର ପ୍ରଶ୍ନ ଉଠାଅ, ମୁଁ ଗୋଟିଏ କବିତାରେ ଲେଖିଛି, "ପକ୍ଷ କଥା ଉଠୁଛି ତ/ ମୋତେ ସାମିଲ୍ କରି ଅପରପକ୍ଷରେ/ ବହୁବଚନରେ ନୁହେଁ/ ପ୍ରଥମ ପୁରୁଷ ଏକବଚନରେ । ଗୋଟିଏ କଥା ସ୍ପଷ୍ଟ କବିର ସାନ୍ଦ୍ର ଉପଲବ୍ଧିର ନିଷ୍ପାପର ଉଚ୍ଚାରଣ । କିଏ ଜଣେ କହିଥିଲେ, 'ଆମେ ବସ୍ତୁ ସକଳର Passion ପ୍ରତି, କବିତାର ବିଦ୍ରୋହ ଭାବ ପ୍ରତି ଜାଗ୍ରତ ହୋଇ ରହିବା ଉଚିତ୍ ।"

x x x

ମୋର ପ୍ରଥମ କବିତାଟି ଏକ ହାତ ଲେଖା ପତ୍ରିକାରେ ୧୯୫୫-୫୬ରେ ପ୍ରକାଶ ପାଇଥିଲା । କିନ୍ତୁ ଉଚ୍ଚାଙ୍ଗ ପତ୍ରିକାରେ ମୁଦ୍ରିତ ଭାବରେ ମୋ କବିତାର ପ୍ରକାଶନ ୧୯୫୯ ରେ ଆରମ୍ଭ ହୋଇଥିଲା । ଯାହା ମନେ ପଡୁଚି, ମୋର ପ୍ରଥମ କବିତାଟି ଈଶ୍ୱରଙ୍କ ପ୍ରତି ପ୍ରାର୍ଥନାମୂଳକ ଏକ ଅସଫଳ କବିତା ଥିଲା । xxx ପିଲାଦିନୁ ମା'ଙ୍କର ଭାଗବତ, ମହାଭାରତର ସେଟ୍ ମୁଁ ପଢ଼ିଥିଲି । ଏ ସମସ୍ତ ପ୍ରକ୍ରିୟା ହୁଏତ ମୋ ଚେତନାର ନିର୍ମାଣରେ ସହାୟକ ହୋଇଥିଲା ।

x x x

ଭଲ କବିତାର ସଂଜ୍ଞା ନିରୂପଣ ବା ସ୍ୱରୂପ ବଖାଣ ପାଇଁ ମୁଁ ଅପାରଗ । ମନେ ହୁଏ, ପ୍ରତ୍ୟେକ ଭଲ କବିତା ଗହୀରେଇଦିଏ, ପ୍ରସାରିଦିଏ ବା ଡେଣେଇଦିଏ ଏବଂ ଅନୁଭବକୁ ଉପଲବ୍ଧି ଆଡ଼କୁ ନିଏ ।

ଭାବର ଭିତ୍ତିରେ କବିତା ତା'ର ଅଂଗ ଆଉ ବସ୍ତ୍ର ନେଇ ଆସେ । ଧ୍ୱନି ନେଇ ଆସେ । ବହିର୍ଛନ୍ଦ ଓ ଅନ୍ତର୍ଛନ୍ଦ: ଉଭୟ ମାଧ୍ୟମ ନେଇ ମୁଁ କବିତା ଲେଖିଛି ।

କବିତା ତା'ର ବସ୍ତ୍ର ପିନ୍ଧି ଜନ୍ମନିଏ । ଯେଉଁ କବିତା ଛନ୍ଦରେ ଗୁଞ୍ଜରିତ, ମୁଁ ତାକୁ ସେମିତି ଆସିବାକୁ ଦେଇଛି, କୃତ୍ରିମ ଗଦ୍ୟ ରୂପ ଦେଇନି । ଏପରିକି ସମ୍ପୂର୍ଣ୍ଣ – ଗଦ୍ୟର କବିତା ବି ଲେଖିଛି ।

-ରାଜେନ୍ଦ୍ର କିଶୋର ପଣ୍ଡା (ଅନ୍ୟା, ପୂଜା ବିଶେଷାଙ୍କ)

### ରାଜେନ୍ଦ୍ରଙ୍କ କବିତା ଯୁବପିଢ଼ି ପାଇଁ ପ୍ରେରଣାପ୍ରଦ

ରାଜେନ୍ଦ୍ର କିଶୋର ପଣ୍ଡା ମୋର ଅତି ପ୍ରିୟ କବି । ଗୁରୁ ପ୍ରସାଦ ମହାନ୍ତି, ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାକୁ ଜୀବନ୍ୟାସ ଦେଇଥିବା କବିଙ୍କ ମଧ୍ୟରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଏବଂ ରାଜେନ୍ଦ୍ର କିଶୋର ପଣ୍ଡା ରହିଛନ୍ତି । ଏହି ତ୍ରୟୀ ଓଡ଼ିଆ କବିତାର ଦିଗ ପରିବର୍ତ୍ତନ କରି ଦେଇଛନ୍ତି । ବିଶେଷକରି ରାଜେନ୍ଦ୍ର କିଶୋର ପଣ୍ଡା ନିପଟ ମଫସଲର ଓଡ଼ିଆ ଶବ୍ଦ ତାଙ୍କ କବିତାରେ ବ୍ୟବହାର କରିଥାନ୍ତି, ଯାହାର କୌଣସି ତୁଳନା ନାହିଁ । ତାଙ୍କ ସହ ମୋର ସମ୍ପର୍କ କେବଳ ବ୍ୟକ୍ତିଗତ ନୁହେଁ, ସାହିତ୍ୟିକ ଦୃଷ୍ଟିକୋଣରୁ ମଧ୍ୟ ବେଶ୍ ଭଲ ଥିଲା । ଯେତେବେଳେ ମୁଁ ଆଣ୍ଠୁଗଣ୍ଠି ବାତରୋଗରେ ପୀଡ଼ିତ ହୋଇ ଗୃହବନ୍ଦୀ ହୋଇଥିଲି, ସେଇ ସମୟରେ ତାଙ୍କର ଆକସ୍ମିକ ବିୟୋଗ ହୋଇଥିଲା । ତାଙ୍କ ଲେଖା କେବଳ ଏହି ପିଢ଼ି ପାଇଁ ନୁହେଁ, ଆଗାମୀ ପିଢ଼ିର ଯୁବ ଲେଖକଲେଖିକାମାନଙ୍କ ପାଇଁ ମଧ୍ୟ ଦିଗଦର୍ଶନ ଓ ପ୍ରେରଣାପ୍ରଦ ହେବ । ମୁଁ ତାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରୁଛି ।

- ବିଭୂତି ପଟ୍ଟନାୟକ, କଥାଶିଳ୍ପୀ

### କବିତାର ପ୍ରେମିକ: ରାଜେନ୍ଦ୍ର-କିଶୋର

କବିତାର ପ୍ରେମିକ ହେବାକୁ ହେଲେ ଯେ ଚତୁର୍ବର୍ଗର ଊର୍ଦ୍ଧ୍ୱରେ ରହିବାକୁ ପଡ଼େ, ତଥାକଥିତ ପାପ-ପୁଣ୍ୟ, ସତ୍ୟ-ମିଥ୍ୟା, ଜନ୍ମ-ମୃତ୍ୟୁର ଦେହଳୀକୁ ଲଂଘିବାକୁ ପଡ଼େ । ଏକ ଅନବତାରର ଅଧିକାରରେ ଚୌକାଠରେ ଚିରକାଳ ଏକପାଦରେ ଦଣ୍ଡାୟମାନ ରହି 'ଶିଖର ମାତ୍ରେ ଇ ଆରୋହ୍ୟ'ର ମନ୍ତ୍ର ଜପି ଶୈଳକଳ୍ପ ହୋଇଯିବାକୁ ପଡ଼େ ।

କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଅରଣ୍ୟରେ ହଜିବାକୁ ଆରମ୍ଭ କରିବା ଅର୍ଥ ନିଜକୁ ହିଁ ଖୋଜି ପାଇବା । ଆଦିମା, ମଧ୍ୟମା, ଅନ୍ତିମା ଓ ପରମା ଯେଉଁମାନେ ମୋ ଭିତରେ ହିଁ ଲୁଚି ରହିଥିଲେ ସେମାନେ କ୍ରମଶଃ ନିଜକୁ ବ୍ୟକ୍ତ କରୁଥିଲେ । କବିତା ନାରୀରେ ଓ ନାରୀ କବିତାରେ ରୂପାନ୍ତର ହୋଇଯାଉଥିଲେ । ନାରୀ ଓ କବିତାକୁ ଏକାକାର କରି ଜୀବନ-ମରଣ-ରମଣ- ନିର୍ବାଣକୁ ପ୍ରେମରେ ସଜାଉଥିବା କବି ସୃଜନର ମନ୍ତ୍ରପାଠ କରୁଥିଲେ ।

କେଉଁ ଅନୁପମ ଲଗ୍ନରେ ପିତାମାତା କ'ଣ ଭାବି ନାମ ରଖିଥିଲେ ରାଜେନ୍ଦ୍ର-କିଶୋର । ରାଜେନ୍ଦ୍ରର ତୁଙ୍ଗ ସ୍ୱାଭିମାନ, ତପୋନିଷ୍ଠ ଦାୟିତ୍ୱବୋଧ ଓ କିଶୋରର ପାରଦର୍ଶୀ ନିସର୍ଗ ପ୍ରେମପ୍ରବଣତା – ଏ ଦୁଇଟି ଯାକ ପ୍ରବୃତ୍ତି ଗୋଳାଗୋଳି ହୋଇ କବିତାର ପରମ ପ୍ରେମିକ, ଏପରି ଅର୍ଦ୍ଧନାରୀଶ୍ୱର ଶିବମୟ କାବ୍ୟପୁରୁଷଟିଏ ନିର୍ମିତ ହେବାକୁ ଅଛି ବୋଲି ସେମାନେ ଅନୁମାନ କରିଥିଲେ କି??

- ଅପର୍ଣ୍ଣା ମହାନ୍ତି, କବି

### ବିଦାୟ ରାଜେନ୍ଦ୍ର

ରାଜେନ୍ଦ୍ର କିଶୋର ପଣ୍ଡା ଆମ ସମୟର ପ୍ରଖର ଓ ଶକ୍ତିଶାଳୀ କବି । ରାଜେନ୍ଦ୍ର କିଶୋର ତାଙ୍କ ସମଗ୍ର ଜୀବନ କବିତା ପାଇଁ ସମର୍ପିତ କରିଥିବା ବିରଳ ବ୍ୟକ୍ତିତ୍ୱ । ଜୀବନର ଶେଷ ପର୍ଯ୍ୟନ୍ତ ସେ କବିତାକୁ ବ୍ରତ ଓ ମନ୍ତ୍ର ଭାବରେ ବିବେଚନା କରିଆସିଥିଲେ ।

ଅନନ୍ୟ ଭାବସମ୍ପଦ, ଚମତ୍କାର ଉପସ୍ଥାପନା ଶୈଳୀ, ଶବ୍ଦର ଦୀପ୍ତି ଓ ବିଷୟ ବିନ୍ୟାସରେ ଅଳଙ୍କୃତ ତାଙ୍କର କବିତା । ତାଙ୍କ କବିତାରେ କେତେବେଳେ ଗୀତିମୟତା ତ କେତେବେଳେ ଅସାଧାରଣ ଛନ୍ଦୋବଦ୍ଧତା ଦେଖିବାକୁ ମିଳେ । ତୀକ୍ଷ୍ଣ ଉପଲବ୍ଧି, ଅନୁଭବ ଓ ଅନ୍ତର୍ଦୃଷ୍ଟିସଂପନ୍ନ ତାଙ୍କ କବିତା ସବୁ ଆଙ୍ଗିକ ତଥା ଆତ୍ମିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ବହୁବିଧ ପରୀକ୍ଷାନିରୀକ୍ଷାରେ ସମ୍ବର୍ଦ୍ଧିତ ତାଙ୍କର କବିତା କେତେବେଳେ କୌଣସି ବାଦ ପାଖରେ ବନ୍ଧା ପଡ଼ିନାହିଁ । ସେ କବିତାକୁ 'ନିଜ ସହିତ, ଅପର ସହିତ, ନିଖିଳ ସହିତ ବା ଈଶ୍ୱରଙ୍କ ସହିତ ଆଳାପନା' ବୋଲି ବିଚାର କରିଥାନ୍ତି । କବିତାକୁ ଅନ୍ତହୀନ ଯାତ୍ରା ଭାବରେ ବରଣ କରି ସେ କୁହନ୍ତି- ପହଞ୍ଚି ଯିବାଟା ମରିଯିବା । କବିତାକୁ ସେ ନିଆରା ଉପଲବ୍ଧିର ଜଗତ ଭାବରେ ଗ୍ରହଣ କରିଥାନ୍ତି । ଆପଣା ଉଚ୍ଚାରଣରେ ମୁକ୍ତ, ସ୍ୱଚ୍ଛନ୍ଦ ଓ ପ୍ରତିବଦ୍ଧ କବି ରାଜେନ୍ଦ୍ର କିଶୋର ତାଙ୍କ ସର୍ଜକ ସତ୍ତା କାହାର ଅନୁଗତ ନୁହେଁ ବୋଲି ଦୃଢ଼ ଘୋଷଣା କରିଥାନ୍ତି ।

ବିଦାୟ ରାଜେନ୍ଦ୍ର । ଓଡ଼ିଆ କବିତାରେ ଆପଣ ରହିବେ ବର୍ଣ୍ଣୋଜ୍ଜ୍ୱଳ ହୋଇ ।

- ସୂର୍ଯ୍ୟ ମିଶ୍ର, କବି

### କବିତାର ରାଜା ଓ ଇନ୍ଦ୍ର : ରାଜେନ୍ଦ୍ର

ଆମ ସମୟର ଅନ୍ୟତମ ଶ୍ରେଷ୍ଠ କବି ରାଜେନ୍ଦ୍ର କିଶୋର ପଣ୍ଡା । ନିଜ କବିତାରେ ମଣିଷକୁ ଆଶ୍ୱସନା ଓ ଆଶ୍ରୟ ଦେବାରେ ଏକ ନୂଆ ଦିଗ ଦେଇଛନ୍ତି ଓଡ଼ିଆ ସାହିତ୍ୟକୁ । ନୂଆ ନୂଆ ଶବ୍ଦ ନିର୍ମାଣ ଏବଂ ଶବ୍ଦ ବସାଣରେ ଧୁରନ୍ଧର କବି କବିତାକୁ ଦେଇଛନ୍ତି ନୂଆ ରୂପ । ତାଙ୍କର ଅକସ୍ମାତ ଏମିତି ବିଦାୟ ନେଇ ଚାଲିଯିବା ସ୍ତବ୍ଧ କରିଦେଇଛି ଓଡ଼ିଆ ସାହିତ୍ୟକୁ । ତାଙ୍କ ଅବର୍ତ୍ତମାନରେ ସୃଷ୍ଟି ହେଇଚି ଅପୂରଣୀୟ ଶୂନ୍ୟସ୍ଥାନ । ତେବେ ସେଇ ଶୂନ୍ୟସ୍ଥାନକୁ ପୂରଣ କରିପାରିବ କେବଳ ତାଙ୍କରି ସ୍ୱର ଓ ତାଙ୍କର ଶବ୍ଦ ।

ତାଙ୍କ କବିତାର ଠାଣୀ ସ୍ୱତନ୍ତ୍ର । ଅନନୁକରଣୀୟ । କେତେ ସଂଭ୍ରାନ୍ତ ତାଙ୍କର ଶୈଳୀ । ଗୁରୁଗମ୍ଭୀର ସ୍ୱରରେ ସାଧାରଣ ମଣିଷର ଅସହାୟତା ଓ ସାଧାରଣ ମଣିଷର ସୀମିତତାକୁ ପ୍ରକାଶ କରିପାରନ୍ତି ସେ । ଅସହାୟ ମଣିଷ ପାଇଁ ସାନ୍ତ୍ୱନାର ସ୍ୱରଟିଏ ଶୁଭେ ପୁଣି କେତେବେଳେ ଯୁଦ୍ଧ ପାଇଁ ଉଦାତ୍ତ ଗୁରୁଗମ୍ଭୀର ସ୍ୱର । ନିଜେ କବି ରାଜେନ୍ଦ୍ର ପଣ୍ଡା ମତ ଦିଅନ୍ତି -କବିତା ମାଧ୍ୟମରେ ଯେ ଏକ ବିରାଟ ବିପ୍ଳବ ସଂଘଟିତ ହେଇଯିବ ଏପରି ଦମ୍ଭ ପୋଷଣ ନ କରିବା ହିଁ ଉଚିତ । କିନ୍ତୁ ଏ କଥା ବି ସ୍ୱୀକାର କରନ୍ତି ଯେ, ଏଇ କବିତାର ସୌନ୍ଦର୍ଯ୍ୟ ଟିକକ ହିଁ କବିକୁ ସବୁ ଅପମାନକୁ, ସବୁ ଲାଞ୍ଛନାକୁ ଅତିକ୍ରମ କରିବାକୁ ଶକ୍ତି ଯୋଗାଏ ।

ଜୀବନକୁ ଓ ଜଗତକୁ ଗଭୀର ଭାବରେ ଭଲପାଉଥିବା କବି ଆଜି ସମସ୍ତଙ୍କୁ ଛାଡ଼ି ଦେଇ ଅନ୍ୟ ଏକ ଜଗତରେ । ହୁଏତ ସେଇଠି ସେ କବିତା ଲେଖୁଥିବେ ପ୍ରିୟ ସହକବିମାନଙ୍କ ପାଇଁ ଆଉ କହୁଥିବେ -

"କଲମ ଛାଡ଼ି ବଲମ ଉଠେଇବା କିଆଁ
ବୁଝାଏ, କଣାଏ, ଦାନାଏ - ବସୁଧାକୁ ମଣିଷକୁ
କ'ଣ ବା ଦେଇପାରିଚେ ନୂଆ ?"

- ପ୍ରୀତିଧାରା ସାମଲ, କବି

### ସ୍ମୃତି ରାଜେନ୍ଦ୍ର

ଭଞ୍ଜକଳା ମଣ୍ଡପରେ 'ଟାଇମପାସ୍'ର ସାହିତ୍ୟ ଉତ୍ସବରେ ପ୍ରଥମ ଥର ତାଙ୍କ ସହ ସାକ୍ଷାତ ଆଜକୁ ସାତ ବର୍ଷ ତଳେ । ପ୍ରଥମ ସାକ୍ଷାତ ଦିନ, ମୋ' କାନ୍ଧରେ ସେ ହାତ ପକେଇ ଠିଆ ହେଇଥିବା ବେଳର ଯେଉଁ ଫଟୋଟି ଉଠେଇଥିଲି, ସେଇଟି ମୋତେ ଖୁବ୍ ପ୍ରିୟ, ଏବଂ ମୋ ଦୃଷ୍ଟିରେ, ବିରଳ । କାରଣ ତାଙ୍କ ପାଖରେ ଠିଆହେବା, ତାଙ୍କ ସହିତ ଫଟୋ ଉଠେଇବା ବା ତାଙ୍କୁ ଭେଟିବାକୁ ଯାଇ ତାଙ୍କ ସହିତ କଥା ହେବା ପାଇଁ ମୁଁ (ମୋରି ଭଳି ଆହୁରି ଅନେକ) ସବୁବେଳେ କୁଣ୍ଠିତ । ଏ କୁଣ୍ଠାର କାରଣ ତାଙ୍କ ପ୍ରତି ଗଭୀର ସମ୍ମାନବୋଧ ଓ ଭଲପାଇବା । 'ବର୍ଣ୍ଣମାଳା' ପାଇଁ 'ଫୁଟ୍‌ପ୍ରିଣ୍ଟସ' ସଂକଳନ ପ୍ରସ୍ତୁତ କରିବା ବେଳେ ତାଙ୍କ ସହ ଦୀର୍ଘ ଆଲୋଚନା ହେଇଚି ଓ ଅନେକ ଥର ଆମର ମତାନ୍ତର ବି ଘଟିଛି । କିନ୍ତୁ ସବୁଥର, ତାଙ୍କ ଉଦାରତା ଓ ସ୍ନେହ ଆଗରେ ମୁଁ ଛୋଟ ହେଇଯାଇଛି ।

'ଇନ୍ଦ୍ରଧନୁ' ସିନେମାର ପର୍ଦ୍ଦାୟନ ବେଳେ ଅସୁସ୍ଥତା ସତ୍ତ୍ୱେ ସେ ଜୟଦେବ ଭବନକୁ ଆସିବା ଓ ଅଢ଼େଇ ଘଣ୍ଟା ଆମ ସହିତ ବିତେଇବା, ମତେ ସବୁବେଳେ ଭାବପ୍ରବଣ କରିବ । ଆହୁରି ବି ଅଧିକ ଭାବପ୍ରବଣ ଓ ଲୁହ ଛଳଛଳ କରିବ ଏ ସ୍ୱୀକାରୋକ୍ତି, ଯେ ତାଙ୍କ ଅସୁସ୍ଥତା ବେଳେ ତାଙ୍କୁ ଥରୁଟିଏ ଦେଖିପାରିଲିନି ମୁଁ । ଏପରିକି, ଶେଷ ଦର୍ଶନରୁ ବି ବଞ୍ଚିତ ହେଲି ମୁଁ ହତଭାଗା । ତାଙ୍କର କିନ୍ତୁ ମୃତ୍ୟୁ ନାହିଁ, ଏକଥା ମୁଁ ଖୁବ୍ ଦମ୍ଭର ସହ କହିପାରେ । ଅନ୍ତତଃ ଓଡ଼ିଆ କବିତାକୁ ଭଲପାଉଥିବା ପ୍ରତିଟି ପାଠକ ପାଇଁ ସେ ଚିର ଜୀବନ୍ତ ହେଇ ରହିବେ ।

- ସୂର୍ଯ୍ୟସ୍ନାତ ତ୍ରିପାଠୀ, କବି



# ‘କଳିଙ୍ଗ’ରେ କଳଙ୍କ

## ଷ୍ଟାଡିୟମ ଭିତରେ ଗଦାଗଦା ମଦ ବୋତଲ, ମେଞ୍ଚାମେଞ୍ଚା କଣ୍ଡୋମ୍

ଭୁବନେଶ୍ୱର, ୧।୧୧ (ସମିସ): ନବୀନ ସରକାର ସମୟରେ କଳିଙ୍ଗ ଷ୍ଟାଡିୟମରେ ଉଡୁଥିଲା ବିଭିନ୍ନ ଦେଶର ଜାତୀୟ ପତାକା। ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜିତ ହେଉଥିଲା। କଳିଙ୍ଗର ଅନ୍ତର୍ଜାତୀୟ ସ୍ତରର ଟ୍ରାକ୍ ଓ ଟର୍ଫ ବିଦେଶୀ କ୍ରୀଡ଼ାବିତ୍‌ମାନଙ୍କୁ ଆକର୍ଷିତ କରୁଥିଲା। ଏହି ଷ୍ଟାଡିୟମକୁ ପ୍ରଶଂସାରେ କ୍ରୀଡ଼ାବିତ୍‌ମାନେ ପୋତି ପକାଉଥିଲେ। ମାତ୍ର ୧୬ ମାସ ମଧ୍ୟରେ ବଦଳିଯାଇଛି କଳିଙ୍ଗ ଷ୍ଟାଡିୟମର ଚିତ୍ର ଓ ଚରିତ୍ର। ଏବେ ଷ୍ଟାଡିୟମ ପରିସରରେ କେଉଁଠି ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳୁଛି ତ ଷ୍ଟାଡିୟମର ବିଭିନ୍ନ ଶୌଚାଳୟ ଓ ଫ୍ଲସ୍ ଭିତରେ ମେଞ୍ଚାମେଞ୍ଚା ବ୍ୟବହୃତ କଣ୍ଡୋମ ଭର୍ତ୍ତି ହୋଇଥିବା ଦେଖାଯାଇଛି। କଡ଼ା ସୁରକ୍ଷା ବଳୟ ଭେଦକରି ଷ୍ଟାଡିୟମ ପରିସରରେ କିଏ ମଦ୍ୟପାନ କରୁଛି ଓ ଏପରି ଅସାମାଜିକ କାର୍ଯ୍ୟ କରିବାକୁ ସାହସ କରୁଛି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଥରେ ଅଧେ ଗୋଟାଏ ବା ଯୋଡ଼ିଏ ନୁହେଁ; ଗଲା ୮ ମାସ ହେବ ଷ୍ଟାଡିୟମର ବିଭିନ୍ନ ଶୌଚାଳୟରୁ ମେଞ୍ଚାମେଞ୍ଚା କଣ୍ଡୋମ ବାହାରିବା ରାଜ୍ୟର ଏହି ଗରିମାମୟ କ୍ରୀଡ଼ା ପ୍ରତିଷ୍ଠାନର ସୁନାମରେ କାଳିମା ବୋଳିଦେଇଛି।

ଦେଶ ବିଦେଶରେ କଳିଙ୍ଗ ଷ୍ଟାଡିୟମର ପ୍ରସିଦ୍ଧି ରହିଛି। ଅନେକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇଛି। ଓଡ଼ିଶାକୁ ଦେଶର କ୍ରୀଡ଼ା କ୍ୟାପିଟାଲରେ ପରିଣତ କରିବାରେ କଳିଙ୍ଗର ଅବଦାନ ଅନେକ। ଏଠାରେ ଥିବା ଉନ୍ନତମାନର ହାଇ ପରଫର୍ମାନ୍ସ ସେଣ୍ଟରରେ ନୀରଜ ଚୋପ୍ରାଙ୍କ ଭଳି ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆଥଲେଟ୍‌ଙ୍କ ସହ ଭାରତୀୟ ପୁରୁଷ ଓ ମହିଳା ହକି ଦଳର କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ରାଜ୍ୟର ଅନେକ ଛୋଟଛୋଟ ପିଲା କଳିଙ୍ଗ ଷ୍ଟାଡିୟମ ପରିସରରେ ସନ୍ତରଣ, ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଥଲେଟ୍ ହେବାର ସ୍ୱପ୍ନ ଦେଖୁଛନ୍ତି। ଏଠାରେ ଟେନିସ୍, ଆଥଲେଟିକ୍, ଜିମ୍ନାଷ୍ଟିକ୍, ୱେଟ ଲିଫ୍ଟିଂ, ସୁଟିଂ, ଫୁଟବଲ୍ ଖେଳିବା ପାଇଁ ସୁବିଧା ରହିଛି। ଭୁବନେଶ୍ୱର ତଥା ରାଜ୍ୟର ଅନେକ ସ୍ଥାନରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଉନ୍ନତ କ୍ରୀଡ଼ା ତାଲିମ ପାଇଁ କଳିଙ୍ଗ ଷ୍ଟାଡିୟମ୍‌ର ହଷ୍ଟେଲ୍‌ରେ ଛାଡ଼ିଛନ୍ତି। ହେଲେ ଏହି ଷ୍ଟାଡିୟମ ପରିସରରେ ଥିବା ଅଧିକାଂଶ ଶୌଚାଳୟରେ ମାଳମାଳ ବ୍ୟବହୃତ କଣ୍ଡୋମ୍ ବାହାରିବା ପରେ ଏବେ ପିଲାମାନଙ୍କ ପାଇଁ ଅବିଭାବକଙ୍କ ମନରେ ଚିନ୍ତା ବଢ଼ିଛି।

କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହାର ପରିସର ମଧ୍ୟରେ କୌଣସି ବାସଭବନ ନାହିଁ ଓ ଷ୍ଟାଡିୟମକୁ ବାହାର ଲୋକଙ୍କ ଯିବା ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ବୈଧ ଅନୁମତିପତ୍ର ବିନା ଏଠାକୁ କେହି ଯାଇପାରିବେ ନାହିଁ। ଷ୍ଟାଡିୟମର ୯ଟି ଫାଟକରେ ସବୁବେଳେ ନିରାପତ୍ତା ରକ୍ଷୀ ମୁତୟନ ହୋଇଛନ୍ତି। ସାଧାରଣ ଲୋକ ଭିତରକୁ ଯିବା ପ୍ରାୟତଃ ନିଷେଧ। ଏହା ସତ୍ତ୍ୱେ ଷ୍ଟାଡିୟମ ଭିତରକୁ ଏତେ ପରିମାଣର ମଦ ବୋତଲ କିପରି ଯାଉଛି ଓ ଏହାକୁ କିଏ ପିଉଛି ତାକୁ ନେଇ ନେଇ ସନ୍ଦେହ ସୃଷ୍ଟି ହୋଇଛି। କଳିଙ୍ଗ ନିର୍ମାଣ ଆରମ୍ଭରୁ ତତ୍କାଳୀନ ସରକାର ଏହାର ସବୁଜିମାକୁ ଗୁରତ୍ୱ ଦେଇଛନ୍ତି। ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏଠାରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସଚିବଙ୍କର କାର୍ଯ୍ୟାଳୟ ମଧ୍ୟ ରହିଛି। ପ୍ରଶିକ୍ଷାର୍ଥୀଙ୍କ ରହଣି ପାଇଁ ଅଲଗା ଅଲଗା ହଷ୍ଟେଲ୍ ନିର୍ମାଣ କରାଯାଇଛି। ଏହା ସତ୍ତ୍ୱେ ଷ୍ଟାଡିୟମ୍ ଭିତରେ ଏପରି ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରୁନାହାଁନ୍ତି।

କିଛି ମାସ ତଳେ କଳିଙ୍ଗ ଷ୍ଟାଡିୟମ୍‌ର ସିନ୍ଥେଟିକ୍ ଟ୍ରାକ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗାଡ଼ି ଚାଲୁଥିବାର ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏହି ଭିଡିଓ ଆସିବା ପରେ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ନାପସନ୍ଦ କରିଥିଲେ। ମେଡ଼ିକାଲ ଇମରଜେନ୍ସି କଥା କହି ସେତେବେଳେ ଏହାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ମାତ୍ର ଏବେ ଷ୍ଟାଡିୟମ ପରିସରରେ ଏପରି ଆପତ୍ତିଜନକ ସାମଗ୍ରୀ ମିଳିବା ‘କଳିଙ୍ଗ’ର ସୁନାମରେ କେବଳ କଳଙ୍କ ଲଗାଇନାହିଁ, ଷ୍ଟାଡିୟମ ପରିସରରେ ତାଲିମ ନେଉଥିବା ଛାତ୍ରୀମାନଙ୍କ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୮ ମାସ ହେବ ଏଭଳି ଘଟଣା ବଢ଼ିଚାଲିଥିବା ନଜରକୁ ଆସିଛି। ଖୋଦ୍ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏଭଳି ଏକ ଅନ୍ତର୍ଜାତୀୟସ୍ତରରେ ଷ୍ଟାଡିୟମ୍‌ର ଅଧୋଗତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ଓ ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଷ୍ଠାନର ଭବିଷ୍ୟତକୁ ନେଇ କ୍ରୀଡ଼ବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

## ଅସହ୍ୟ ହେଲା ପୁଅର ଅକାଳ ମୃତ୍ୟୁ
# ଜୀବନ ହାରିଲେ ବୃଦ୍ଧ ଦମ୍ପତି

ବରଗଡ଼, ୧।୧୧(ସମିସ): ଅସହ୍ୟ ହେଲା ପୁଅର ଅକାଳ ମୃତ୍ୟୁ। ତାକୁ ଝୁରିଝୁରି ଶେଷରେ ଜୀବନ ହାରିଲେ ବୃଦ୍ଧ ବାପା-ମା’। ବରଗଡ଼ ଜିଲ୍ଲା ସଦର ଥାନା ଖୁଣ୍ଟପାଲି ପଞ୍ଚାୟତ ଅଧୀନ ଗଞ୍ଜିଆଟିକ୍ରାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, କିରୋଟି ପ୍ରଧାନ (୬୫) ଓ ତାଙ୍କ ପତ୍ନୀ ଶାନ୍ତି ପ୍ରଧାନ (୬୦)। ଗତକାଲି ସଂଧ୍ୟାରେ ଏହି ବୃଦ୍ଧ ଦମ୍ପତି ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଦମ୍ପତି ଏପରି ଚରମ ପଦକ୍ଷେପ ନେଲେ, ପୁଲିସ କାରଣ ଖୋଜୁଥିବା ବେଳେ ଗତବର୍ଷ ସାନପୁଅର ମୃତ୍ୟୁକୁ ନେଇ ଏପରି କରିଥାଇପାରନ୍ତି ବୋଲି ସମ୍ପର୍କୀୟ ଅନୁମାନ କରୁଛନ୍ତି।

# ବିରିକୋଟ ଜଙ୍ଗଲରେ ଦନ୍ତାହାତୀର ମୃତ୍ୟୁ



ଭଞ୍ଜନଗର, ୧।୧୧(ସମିସ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ ରେଞ୍ଜ ଅନ୍ତର୍ଗତ ବାଇବାଲି ସେକ୍ସନ ବିରିକୋଟ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏହି ବନଖଣ୍ଡରେ ଶିକାରୀ ମାନେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବାରୁ ଦନ୍ତାହାତୀଟି ତାରରେ ଲାଗି ମୃତ୍ୟୁବରଣ କରି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇଥିବାବେଳେ ଅପରାହ୍ନରେ ଜେଟିଏଫ୍ ଟିମ ଭୁବନେଶ୍ୱରରୁ ପହଞ୍ଚି ସମସ୍ତଙ୍କ ଉପସ୍ଥିତିରେ ମୃତ ହାତୀଟିର ବ୍ୟବଚ୍ଛେଦ କରିଛି। ହାତୀଟିର ବୟସ ୧୫ ରୁ ୧୬ ବର୍ଷ ମଧ୍ୟରେ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଶ୍ରୀ ମହାନ୍ତି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ଶ୍ରଦ୍ଧାଳୁ...

ପ୍ରଦେଶରେ ମନ୍ଦିରକୁ ନେଇ ଏଭଳି ଘଟଣାରେ ୨୪ ଜଣ ଭକ୍ତ ପ୍ରାଣ ହରାଇଲେଣି। ମିଳିଥିବା ସୂଚନା ଅନୁଯାୟୀ ମନ୍ଦିର ସିଡ଼ିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଅଧିକାଂଶ ମହିଳା, ଛୋଟପିଲା ଓ ବୟସ୍କ ଲୋକ ରହିଛନ୍ତି। ଏତିକି ବେଳେ ରେଲିଂ ଭାଙ୍ଗିବାରୁ ଲୋକେ ତଳକୁ ପଡ଼ିବାକୁ ଆରମ୍ଭ କରିଥିଲେ। କେତେକ ଲୋକ ୬ ଫୁଟ ଉପରୁ ପଡୁଥିବାରୁ ଦେଖାଯାଇଥିଲା। ମହିଳା ଓ ପିଲାମାନେ ବାହାରକୁ ବାହାରିବା ପାଇଁ ଚିତ୍କାର କରିଥିଲେ। କେତେକ ଲୋକ ନିଜର ଜୀବନ ବଞ୍ଚାଇବାକୁ ଲୋକଙ୍କ ଉପରେ ହିଁ ଚଢ଼ି ବାହାରକୁ ବାହାରି ଯାଇଥିଲେ। ଏହାକୁ ନେଇ ସେଠାରେ ଦଳାଚକଟା ହୋଇଥିଲା। ପ୍ରତି ସପ୍ତାହରେ ପାଖାପାଖି ୧୫୦୦ରୁ ୨୦୦୦ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି ବୋଲି ଆନ୍ଧ୍ର ପ୍ରଦେଶ ଗୃହମନ୍ତ୍ରୀ ଅନୀତା କହିଛନ୍ତି। କିନ୍ତୁ ଶନିବାର ଏକାଦଶୀ ହେବା କାରଣରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମନ୍ଦିର ପ୍ରଥମ ମହଲାରେ ସ୍ଥିତ ଓ ସେଠାକୁ ଯିବା ପାଇଁ ୨୦ଟି ସିଡ଼ି ଅଛି। ଶ୍ରଦ୍ଧାଳୁ ଚଢିବା ବେଳେ ଠେଲାପେଲା ହେବା କାରଣରୁ ରେଲିଂ ଭାଙ୍ଗିଥିଲା ଓ ଦଳଚକଟା ହୋଇଥିଲା ବୋଲି ସେ କହିଛନ୍ତି। ଏହି ମନ୍ଦିର ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ସେମାନେ ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଠାରୁ ଅନୁମତି ନେଇନଥିଲେ। ତେଣୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଦୁଃଖଦ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଆଖିବୁଜିଲେ ପାତ୍ରପୁର...

ପ୍ରତିନିଧି ମୀନା ଦ୍ୟାନସାମନ୍ତରା ଶୋକପ୍ରକାଶ କରିଛନ୍ତି। ଗାଁରେ ରୂପାଙ୍କ ଶବ ପହଞ୍ଚିଥିବା ବେଳେ ସମ୍ପର୍କୀୟମାନେ ପହଞ୍ଚିବା ପରେ ରବିବାର ତାଙ୍କ ସଂସ୍କାର ହେବ। ପ୍ରକାଶଯୋଗ୍ୟ, ରୂପାଙ୍କ ମା’ ପୂର୍ବରୁ ପ୍ରାଣ ହରାଇଥିଲେ। ରୂପାଙ୍କ ମୃତ୍ୟୁ ପରେ ତାଙ୍କ ବାପା ଦିଲେଶ ଏବେ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

### ଜାଭେଦ ଅଖତରଙ୍କୁ...

ଜାଭେଦ ଅଖତର ଏକାଧାରରେ ଜଣେ ସଂଳାପ ଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ପାଞ୍ଚଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ଥର ଫିଲ୍ମଫେୟାର୍ ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ ‘ତର୍କଷ’ ଓ ‘ଲାଭା’ ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଉନ୍ନତ ଚିନ୍ତାଧାରାସମ୍ପନ୍ନ ଅଖତର୍ ହାର୍ଭାର୍ଡ୍, ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ଭଳି ପୃଥିବୀର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଓ ପ୍ରଫେସର୍‌ମାନଙ୍କୁ ସମ୍ବୋଧିତ କରିଛନ୍ତି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟକୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରିଆସିଛି।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସାହିତ୍ୟ ଉତ୍ସବର ଚଳିତବର୍ଷର ପ୍ରସଙ୍ଗ ହେଉଛି ‘କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ’ ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଚଳିତବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର୍ ପଣ୍ଡା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷ, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି, ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ଉଦ୍ଦେଶ୍ୟ।

### ନେପାଳ ସୀମାରୁ...

ସହଯୋଗ କରୁଥିଲା। ସେ କେବଳ ଏହି ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ନାଁ ତାଙ୍କ ଉପରେ ବି ଆଉ କିଏ କିଙ୍ଗପିନ୍ ରହିଛି ସେ ନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରିବ। ଅନ୍ୟପକ୍ଷରେ ଏହି ମାମଲାରେ ଏକ ଅନ୍ତଃରାଜ୍ୟ ରାକେଟ୍‌ର ସମ୍ପୃକ୍ତି ରହିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ସୂଚନା ଦେଇଥିଲେ। ତାଙ୍କ ଗିରଫଦାରୀ ଏହି ଅନ୍ତରାଜ୍ୟ ରାକେଟ୍‌ର ପର୍ଦ୍ଦାଫାସ ହୋଇପାରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ ପିଏସୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଟେଣ୍ଡର ପାଇଥିବା ବେଳେ ପରିବର୍ତ୍ତୀ ସମୟରେ ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍‌କଣ୍ଟ୍ରାକ୍ଟ ଦେଇଥିଲା। ଏହାପରେ ପୁଣି ସିଲିକନ୍ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ଦେଇଥିଲା। ଏ ସମ୍ପର୍କରେ ଓପିଆର୍‌ବିକୁ ମଧ୍ୟ ଅବଗତ କରାଯାଇ ନଥିଲା। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ସମସ୍ତ ଗୋପନୀୟ କାର୍ଯ୍ୟ ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଥିବା ଶଙ୍କର ପୃଷ୍ଟି କରୁଥିଲା ଏବଂ ସେହିଠାରୁ ହିଁ ସେ ପ୍ରଶ୍ନପତ୍ର ଲିକ୍ କରି ପରୀକ୍ଷା ପୂର୍ବରୁ ପିଲାଙ୍କୁ ପ୍ରସ୍ତୁତି କରିବାକୁ ଯୋଜନା କରିଥିବା ଅଭିଯୋଗ ହୋଇଥିଲା। ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରସ୍ତୁତି କରିବା ପାଇଁ ବିଶାଖାପାଟଣା ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ଠାରୁ ଗତ ସେପ୍ଟେମ୍ବର ୩୦ ତାରିଖ ବିଳମ୍ବିତ ରାତିରେ ପୁଲିସ୍ ଗିରଫ କରିଥିଲା। ଏହାପରେ ଆଉ ଦୁଇ ଜଣ ଦଲାଲ୍ ବିଶ୍ୱରଞ୍ଜନ ବେହେରା ଓ ଅରବିନ୍ଦକୁ ଗିରଫ କରିବା ପରେ ଗିରଫଦାରୀ ସଂଖ୍ୟା ୧୧୯ ରେ ପହଞ୍ଚିଥିଲା। ହେଲେ ଘଟଣାରେ କିଙ୍ଗପିନ୍ କୁହାଯାଉଥିବା ମୁନା ମହାନ୍ତି ଓ ତାର ସହଯୋଗୀଙ୍କୁ ଗିରଫ କରିବାରେ କ୍ରାଇମ୍‌ବ୍ରାଞ୍ଚକୁ ଝାଳନାଳ ହେବାକୁ ପଡ଼ିଥିଲା। ଘଟଣାର ୧୭ ଦିନ ପରେ ଯାଇ ମୁନ୍ନା ସମେତ ତାର ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସିକାନ୍ତ ମହାରଣାକୁ ଦଶପଲ୍ଲାର ଏକ ଫାର୍ମହାଉସ୍‌ରୁ ଏବଂ ପିଲା ଯୋଗାଡ଼ କରୁଥିବା ପ୍ରିୟଦର୍ଶିନୀ ସାମଲଙ୍କୁ ଗିରଫ କରାଯାଇଥିଲା। ଫଳରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୋଟ୍ ୧୨୩ ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା।

### ବସ୍‌ରେ ଚାଳକଙ୍କୁ...

କରିଥିଲା। ଏହି ସମୟରେ ବସ୍ ଚାଳକ ଶରତ ନିଜ ଆତ୍ମୀୟଙ୍କ ସହ କଥାବାର୍ତ୍ତା ହେବା ପରେ ଗାଡ଼ି ଚାଳନା କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା ଏବଂ ସେ ଗାଡ଼ିର ଷ୍ଟିୟରିଂ ଉପରେ ସଂଜ୍ଞାହୀନ ହୋଇ ଲୋଟି ପଡ଼ିଥିଲେ। ପରେ ବସ୍‌ର ଅନ୍ୟ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକେ ତାଙ୍କୁ ଏକ ଅଟୋ-ରିକ୍ସାରେ ଚିକିତ୍ସା ନିମନ୍ତେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାଜିଷ୍ଟ୍ରେଟ୍ ତଥା ତହସିଲ୍‌ଦାର ବିଜୟ କୁମାର ସେଠୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ ରାଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବସ୍ କର୍ମଚାରୀଙ୍କ ସହ ସମ୍ପର୍କୀୟମାନଙ୍କୁ ମୃତକ ଓ ଗାଡ଼ି ମାଲିକାନା ସମ୍ପର୍କରେ ବିଶଦ୍ ପଚରାଉଚରା କରି ଫେରିଥିଲେ। ଫାଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ନଂ ୧୨/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

### ସେମିକଣ୍ଡକ୍ଟର କ୍ଷେତ୍ରରେ...

ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ଅଭିଭାଷଣ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ରାଜ୍ୟରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା କ୍ଷେପଣାସ୍ତ୍ର, ବୈଦ୍ୟୁତିକ ଗାଡି, ପ୍ରତିରକ୍ଷା ଉପକରଣ, ରେଳବାଇ ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ। ଆଜି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକସେମ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ଗବେଷଣା ଓ ନବସୃଜନ କେନ୍ଦ୍ର ସ୍ଥାପନ କରିଛି। କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ସାଂସଦ ପାଣ୍ଠିରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ ‘ନମୋ ସେମିକଣ୍ଡକ୍ଟର ଲାବୋରେଟୋରି’ ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଚିପ୍ ରୁ ସିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭଶୀଳତାର ଓଡ଼ିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇ.ଆଇ.ଟି ଭୁବନେଶ୍ୱରରେ ‘ନମୋ ସେମିକଣ୍ଡକ୍ଟର ଲାବୋରେଟୋରି’ ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍‌କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରୀଜ୍‌ର ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରା.ଲିର ପରିଚାଳନା ନିର୍ଦ୍ଦେଶକ ଗୁରୁ ଥାଲ୍ଲାପାନେନୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଧାନୀରେ ବି...

ମିଟର ଦୂରରେ ପର୍ଶୁରାମଙ୍କର ମୃତ୍ୟୁ ହୋଇଥିଲା। ବଳରାମ ଗୁଣିଗାରେଡ଼ି କରି ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସନ୍ଦେହ କରି କହ୍ନେଇ ପ୍ରତିଶୋଧ ପରାୟଣ ହୋଇଉଠିଥିଲା। ଘଟଣା ବିଷୟରେ ଅନ୍ୟତମ ଅଭିଯୁକ୍ତ ରାମ ସାମଦାକୁ ଜଣାଇବା ସହ ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ଦୁଇ ବର୍ଷ ପୂର୍ବରୁ ରାମର ବାପା ମଧ୍ୟ ଅଚାନକ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ମୃତ୍ୟୁ ପଛରେ ବଳରାମର ଗୁଣିଗାରେଡ଼ି ଥିବା ରାମ ସନ୍ଦେହ କରିଥିଲା। ଏହାପରେ କହ୍ନେଇ ଓ ରାମ ମିଶି ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ସେପ୍ଟେମ୍ବର ୩୦ ତାରିଖ ରାତିରେ ବଳରାମ ତାଙ୍କ ବିଲକୁ ଯାଇଥିବା ବେଳେ ପୂର୍ବ ଯୋଜନା ମୁତାବକ କହ୍ନେଇ ଓ ରାମ ସେଠାରେ ଲୁଚି ରହିଥିଲେ। ବଳରାମ ମଞ୍ଚା ଉପରକୁ ଯାଉଥିବା ବେଳେ କହ୍ନେଇ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲା। ରାମ ତାଙ୍କ ଗୋଡ଼ ଦୁଇଟାକୁ ଧରିଥିବା ବେଳେ କହ୍ନେଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲା। ଉଭୟ ମିଶି ବଳରାମଙ୍କ ମୃତଦେହକୁ ଜଙ୍ଗଲ ଭିତରକୁ ନେଇ ଗାତ ଖୋଳି ପୋତି ଦେଇଥିଲେ। ବଳରାମ ସାଙ୍ଗରେ ଆଣିଥିବା ଟର୍ଚ୍ଚ, ପାଣି ବୋତଲ ଓ ଠେଙ୍ଗାକୁ ଅଭିଯୁକ୍ତମାନେ ନିକଟସ୍ଥ ଏକ ପୋଖରୀକୁ ଫୋପାଡ଼ି ଦେଇଥିଲେ।

ଗତକାଲି ସକାଳେ ପିତା ଗାଡ଼ିଆ ନିକଟସ୍ଥ ଜଙ୍ଗଲରୁ ନରକଙ୍କାଳ ମିଳିବା ପରେ ତଦନ୍ତ ଆରମ୍ଭ କରିଥିଲା ଚନ୍ଦକା ଥାନା ପୁଲିସ। ନରକଙ୍କାଳକୁ ଜବତ କରି ଏମ୍‌ସକୁ ପଠାଇବା ସହ ଗୋଟିଏ ମାଳି ଓ ଲୁଙ୍ଗି ଜବତ କରିଥିଲା। ମାଳି ଓ ଲୁଙ୍ଗିରୁ ମୃତଦେହଟି ବଳରାମଙ୍କର ବୋଲି ପୁଅ ରାମ ଚରଣ ଚିହ୍ନଟ କରିଥିଲେ। ସେ ଗତ ସେପ୍ଟେମ୍ବର ୩୦ ତାରିଖରୁ ନିଖୋଜ ଥିଲେ ବୋଲି ଜଣାପଡ଼ିଥିଲା। ପୂର୍ବରୁ ମଧ୍ୟ ବଳରାମ ବାରମ୍ବାର ଘରୁ କେଉଁଆଡ଼େ ଚାଲିଯାଆନ୍ତି ଓ ପରବର୍ତ୍ତୀ ସମୟରେ ଫେରି ଆସନ୍ତି। ତେଣୁ ସେ ଥାନାରେ ଅଭିଯୋଗ କରିନଥିଲେ ବୋଲି ରାମଚରଣ କହିଥିଲେ। ମୃତଦେହ ଚିହ୍ନଟ ହେବାପରେ ହତ୍ୟାକାରୀଙ୍କୁ ଖୋଜିଥିଲା ପୁଲିସ। ହ୍ୟୁମାନ ଇଣ୍ଟେଲିଜେନ୍ସରୁ କହ୍ନେଇ ଉପରେ ସନ୍ଦେହ କରି ପୁଲିସ ତାକୁ ଉଠାଇ ନେଇଥିଲା। ତାକୁ ଜେରା କରିବା ପରେ ସେ ଗୋଟି ଗୋଟି କରି ସବୁକଥା ପୁଲିସ ଆଗରେ ବଖାଣିଥିଲା। ତା’ଠାରୁ ପାଇଥିବା ତଥ୍ୟ ଆଧାରରେ ପୁଲିସ ରାମ ସାମଦାକୁ ମଧ୍ୟ ଉଠାଇ ଆଣିଥିଲା।

ଶନିବାର ପୂର୍ବାହ୍ନରେ କହ୍ନେଇକୁ ନେଇ ଘଟଣାସ୍ଥଳକୁ ଯାଇଥିଲା ଚନ୍ଦକା ଥାନା ପୁଲିସ। କିପରି ଓ କେଉଁଠାରେ ହତ୍ୟା କରିଥିଲେ ଏବଂ ମୃତଦେହକୁ କୋଉଠି ପୋତିଥିଲେ ତଦନ୍ତ କରିବା ସହ ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ଘଟଣାସ୍ଥଳ ନିକଟରେ ଥିବା ଛୋଟ ପୋଖରୀରୁ ଗୋଟିଏ ଜରି ବ୍ୟାଗ, ବଳରାମଙ୍କ ଟର୍ଚ୍ଚ, ହାଣ୍ଡିଆ ଭର୍ତ୍ତି ବୋତଲ ଓ ଠେଙ୍ଗା ଜବତ କରିଥିଲା। ମୃତକ ବଳରାମ ଗୁଣିଗାରେଡ଼ିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିବା ଅଧିକ ତଦନ୍ତରୁ ଜଣାପଡ଼ିଥିଲା। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। କମ୍ ସମୟ ମଧ୍ୟରେ ନରକଙ୍କାଳରୁ ପରିଚୟ ପାଇବା ଓ ହତ୍ୟାକାଣ୍ଡ ଉପରୁ ପରଦା ହଟାଇ ଥିବାରୁ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର, ସବ୍ ଇନ୍ସପେକ୍ଟର ଆର୍ତ୍ତବଲ୍ଲଭ କର, ବିଜୟ କୁମାର ମାଝୀ, ପ୍ରିତମ ପ୍ରସାଦ ବେହେରାଙ୍କୁ ପ୍ରଶଂସା କରିଛନ୍ତି ପୁଲିସ କମିସନର ଡ. ସୁରେଶ ଦେବଦତ୍ତ ସିଂ।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

I, KAMAL KUMAR PALEI, aged about 38 years, S/o- Sathi Prasad Palei, Resident of At: Sipai, PO: Badajhada, PS: Krushnaprasad, Dist.: Puri, PIN-752030, Odisha, declared by this Affidavit No.1331/2025, Dated: 31.10.2025. That now onwards I shall be known as **KAMAL PALEI** for all future Purposes.

**Notice**
**(Above 18 years of age)**

By virtue of an affidavit sworn before Executive Magistrate, Kutra, Dtd.01.11/2025, I, MAGDALI EKKA, Address Vill.- Khatkurbahal (Malipada), P.O.- Khatkurbahal, P.S.- Kutra, Dist.- Sundargarh (Odisha), PIN-770018 declare that I have changed my name from MAGDALI TIRKEY to MAGDALI EKKA. Henceforth I shall be known as MAGDALI EKKA for all purposes.
**Sd/- MAGDALI EKKA**

**SALE**

1 Number of TRACTOR - SWARAJ 735 FE TRACTOR, Registration No.- OD-22-U-9417 Model- 2022, ENGINE NO - CJ1354NF004743, CHASSIS NO - MBNAJ48AFNTF15516, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At- Bypass Chhaka, Above Punjab National Bank, Po-Salandi Bypass,Via-Kuansa, BHADRAK-756100, PH. NO- 06784-250703

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, I, Rajib Lochan Ratha, S/o- Niranjan Ratha, resident of Po/Ps- Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all purposes instead of Rajib Lachan Ratha, that reflects in my Matric Certificate.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Affidavit on dated 29-10-2025 I, **SULOCHANA JENA,** permanent resident of Vill. At.- Baradia, Po- Nurtanga, PS- Mahanga, Dist- Cuttack, State- Odisha, Pin- 754204, declare that I have changed my daughter's name from **NAMITA JENA** (Old name) to **RASHMITA JENA** (New name), Henceforth, she shall be known as **RASHMITA JENA** for all future purposes.
Sd-**(SULOCHANA JENA)**

**AFFIDAVIT**

I, AJMER KHAN, aged about 46 years, S/o- SAIDU KHAN, Resident of At: Balisahi, PO: Balikuda, Dist.: Jagatsinghpur, PIN-754108, Odisha,declared by this Affidavit No.1330/ 2025, Dated: 31.10.2025. That now onwards I shall be known as **AJMEER KHAN** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapas Ranjan Sahoo, S/o- Pramod Kumar Sahoo, At- Chakamadhupur, P.O.- Madhupur, P.S.-Mahanga, Dist.- Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapas Ranjan Sahoo**

**AFFIDAVIT**

By virtue of an affidavit sworn before Executive Magistrate, Kutra, dated. 29.10.2025, I, Lili Toppo, W/o - Late Alexander Toppo, permanent resident of Vill.-Kukuda, P.O.- Kukuda, P.S.- Rajgangpur, Dist.- Sundargarh (Odisha), PIN-770023 declare that I have changed my son's name from AMARDEEP TOPPO to AMARJEET TOPPO. Henceforth, he shall be known as AMARJEET TOPPO for all purposes.
**Sd/- LILI TOPPO**

**AFFIDAVIT**

By virtue of an affidavit sworn before the Executive Magistrate, Nandapur, vide no.95 dated 29.10.2025 I, Asha Pangi, D/o- Sabana Pangi, W/o- Budra Khilo resident of Vill.- Totaguda, Po.- Hatibari, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Asha Pangi** to **Asha Khilo**. Henceforth I shall be known as **Asha Khilo** for all future purposes.

**AFFIDAVIT**

By virtue of an affidavit Sl. No.- 1291/2025, dtd. 31.10.2025 before the Notary Public, Tentuli Khunti, Dist.- Nabarangpur, I, Bapuni Subudhi, At/Po/Ps.- Khatiguda, Dist.- Nabarangpur have changed my minor daughter's name from Ausharani Subudhi to Aisha Subudhi. Henceforth she will be known as **Aisha Subudhi** for all purposes.
**Sd/- Bapuni Subudhi**

**AFFIDAVIT**

By virtue of an affidavit Sl. No.- 1087, dtd. 22.10.2025 in the court of the Executive Magistrate, Nabarangpur, I, Jasoda Gouda, At- Goudakostiguda, Po- Manchagaon, Dist.- Nabarangpur have changed my name from Yashoda Gauda to Jasoda Gouda. Henceforth I shall be known as Jasoda Gouda for all purposes.
**Sd/- Jasoda Gouda**

**AFFIDAVIT**

By virtue of an affidavit No- 6008 sworn before the Executive Magistrate, Champua on dtd- 31/10/2025, I **Anil Kumar Mahanta**, S/o- Karttika Mahanta, resident of At/Po- Raikala, Ps- Ghagarbeda, Dist- Mayurbhanj, Pin-757035. I am the deponent, I have changed my minor daughter's name from **Khusi Mohanta** (old name) to **Khusirani Mahanta** (new name). Henceforth both name **Khusi Mohanta** and **Khusirani Mahanta** is one & same person she will be known as **Khusirani Mahanta** for all future purposes.
**Anil Kumar Mahanta**

**AFFIDAVIT**

I, Sakyasingha Satapathy, S/o- Sarat Chandra Satapathy, resident of Nabinabag, Sarat Nivas, Lane-2, Near Swapneswar Temple, Dist- Khurda PIN- 752055, Odisha declared by this affidavit No-895, dtd- 01/11/2025 that now onwards I shall be known as **SAKYA SINGH SATAPATHY** for all future purposes.

**AFFIDAVIT**

I, Venkatasatyanarayana, S/o- Late Sanyasi Reddi, resident of Qtr No-C-141, Phase-1, Nalco Nagar, Maitri Vihar, Rail Vihar Road, PO- S.E Rly. Proj. Complex, Chandrasekharpur, Bhubaneswar, Dist- Khordha, Odisha-751023, declare by this affidavit No- 299, dtd 01.11.2025 that now onwards I shall be known as **Venkata Satyanarayana Reddi** for all future purposes.

**ବିଶେଷ ସୂଚନା**

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ଖରିଫ ଧାନ ଅମଳ ପାଇଁ ଆସନ୍ତା ତା.୦୭-ନଭେମ୍ବର-୨୦୨୫ରିଖରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ନଭେମ୍ବର-୦୮ ଠାରୁ ଡିସେମ୍ବର-୩୧ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ଖରିଫ ଓ ଆସନ୍ତା ରବି ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ,
ବରଗଡ

**ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକତା ସମ୍ପର୍କିତ ଘୋଷଣା**

**ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୮୨ ଅନୁସାରେ**

ଯେଉଁଥିରେ ମୋ ପାଖରେ ଏହା ଅଭିଯୋଗ ଅଣାଯାଇଛି ଯେ, ଅଭିଯୁକ୍ତ ଅଜୟ କୁମାର ଯାଦବ, ପିତା- ରାମ ନାରାୟଣ ଯାଦବ, ଘର ନମ୍ବର ୧୩୩, ଗଳି ନମ୍ବର-୧୩, ତୁରିଆ ମହଲ୍ଲା, ତୁଗଲକାବାଦ, ଜୟପୁର, ନୂଆଦିଲ୍ଲୀ, ତାଙ୍କ ଉପରେ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା- ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ଅନୁସାରେ ଅପରାଧ କରିବା କିମ୍ବା ଅପରାଧର ସନ୍ଦେହ ରହିଛି ।
ଏହା ଦେଖାଯାଇଛି ଯେ ତାଙ୍କ ଗିରଫ ପାଇଁ ୱାରେଣ୍ଟ ଜାରି ହୋଇଛି କିନ୍ତୁ ଅଜୟ କୁମାର ଯାଦବ ମିଳୁନାହାନ୍ତି, ଏବଂ ଏହା ମୋ ସନ୍ତୁଷ୍ଟି ପାଇଁ ପ୍ରମାଣ ହୋଇଛି ଯେ ସେ ପଳାଇ ଯାଇଛନ୍ତି (କିମ୍ବା ନିଜକୁ ଲୁଚାଇ ରଖିଛନ୍ତି) ଯାହା ଦ୍ୱାରା ଗିରଫ ୱାରେଣ୍ଟ ର ସେବା ଠାରୁ ବଞ୍ଚି ଯାଇପାରିବେ ।
ଏହି ଘୋଷଣା ଦ୍ୱାରା ସୂଚିତ କରାଯାଉଛି ଯେ ଅଜୟ କୁମାର ଯାଦବ, ଉକ୍ତ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ରେ ଅଭିଯୁକ୍ତ, ସେ ୦୬.୧୨.୨୦୨୫ ରେ କିମ୍ବା ତା' ପୂର୍ବରୁ ଏହି ଅଦାଲତ ସମ୍ମୁଖରେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଦେବେ ।

ଆଦେଶାନୁସାରେ
ମିସ୍ ନିଧି ସିଂ
ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ-୦୩,
ଦକ୍ଷିଣ ଜିଲ୍ଲା, କକ୍ଷ ନମ୍ବର ୨୧୨,
ସାକେତ ଅଦାଲତ, ନୂଆଦିଲ୍ଲୀ

DP/14542/SD/2025
(Court Matter)

# ମର୍ଦ୍ଧରାଜପୁର ମୁଣ୍ଡିଆରେ ଯାତ୍ରା ଆରମ୍ଭ



**ଖଣ୍ଡପଡ଼ା,୧।୧୧(ସମିସ):** ପବିତ୍ର କାର୍ତ୍ତିକ ମାସ ମହାପଞ୍ଚକ ବା ରାସ ପୂର୍ଣ୍ଣିମା ପୂର୍ବରୁ ଖଣ୍ଡପଡା ବ୍ଲକ ଅଧୀନ ପର୍ଯ୍ୟଟନ କ୍ଷେତ୍ର ମର୍ଦ୍ଧରାଜପୁର ଗ୍ରାମର ମୁଣ୍ଡିଆ ହନୁମାନ ପୀଠରେ ରବିବାର ଠାରୁ ବାର୍ଷିକ ଯାତ୍ରା ଉତ୍ସବ ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀ ଠାରୁ ସୂଚନା ମିଳିଛି। ଗତବର୍ଷ ଭଳି ଏବର୍ଷ ମଧ୍ୟ ନିରାଡ଼ମ୍ବରେ ଯାତ୍ରା ଅନୁଷ୍ଠିତ ହେବା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୀଠକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଛି। ଶ୍ରଦ୍ଧାଳୁମାନେ ଦେବାଦେବୀଙ୍କୁ ଦର୍ଶନ କରିବା ସହ ସେଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏତତ ବ୍ୟତୀତ ଗ୍ରାମବାସୀ ସପ୍ତାଙ୍ଗ ପାଳନ କରୁଥିବା ଜଣାପଡ଼ିଛି। ରବିବାର ଠାରୁ ବୁଧବାର ପର୍ଯ୍ୟନ୍ତ ଯାତ୍ରା ଶିବାନୀ ଗଣନାଟ୍ୟ ନାଟକ ପରିବେଷଣ କରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ବିନା ଅନୁମତିରେ ଗଛ କାଟିଲେ ଗୃହ ମାଲିକ

# କରତ ଜବତ କଲେ ବନ କର୍ମଚାରୀ

**ଓଡ଼ଗାଁ,୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କୋରପିଠା ପଞ୍ଚାୟତ କୋରପିଠା ଗାଁର ଜଣେ ଗୃହ ମାଲିକ ବିନା ଅନୁମତିରେ ବାଡ଼ିରୁ ଗଛ କାଟିବା ଅଭିଯୋଗ ପାଇ ଘଟଣାସ୍ଥଳରେ ବନାଞ୍ଚଳ କର୍ମଚାରୀ ପହଞ୍ଚି କରତ ଜବତ୍ କରି କାର୍ଯ୍ୟାଳୟକୁ ଆଣିଛନ୍ତି। ଗୃହ କର୍ତ୍ତା କାର୍ଯ୍ୟାଳୟରେ ପହଞ୍ଚିବାକୁ କହିଥିଲେ। ସୂଚନା ଅନୁସାରେ କୋରପିଠା ଗ୍ରାମରେ ଜଣେ ଗୃହ କର୍ତ୍ତା ବନାଞ୍ଚଳ କାର୍ଯ୍ୟାଳୟରୁ କୌଣସି ଅନୁମତି ନନେଇ ଉକ୍ତ ସ୍ଥାନରେ କୌଣସି ନିର୍ମାଣ କାର୍ଯ୍ୟ କରିବା ନେଇ ବାଡ଼ିରେ ଥିବା କିଛି ଛୋଟ ଶାଗୁଆନ ଗଛ କଟାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଓଡ଼ଗାଁ ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶରେ ସାକେରି ବିଟର ଫରେଷ୍ଟ ଗାର୍ଡ ଏବଂ କର୍ମଚାରୀ ମିଳିତ ଭାବେ ଘଟଣା ସ୍ଥଳରେ ପହଁଚି ଥିଲେ। ଗଛ କାଟିବାକୁ ସେଠାରେ ବ୍ୟବହୃତ କରତକୁ ଜବତ୍ କରିବା ସହିତ କାଠ ଗୁଡ଼ିକୁ ସ୍ଥାନାନ୍ତର ନକରିବା ନିମନ୍ତେ କହିବା ସହିତ ଘଟଣା ସମ୍ପର୍କରେ ନିଜର ପକ୍ଷ ରଖିବା ପାଇଁ ଗୃହ କର୍ତ୍ତା ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚିବାକୁ ଜଣାଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କଣ୍ଟିଲୋ,୧।୧୧(ସମିସ):** କୁସୁମଦେବୀ ୟୁପି ଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ବିକ୍ରମାଦିତ୍ୟ ମହାରଣାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁସୁମଦେବୀ ୟୁପି. ଏମ୍‌ଇ ବିଦ୍ୟାଳୟ ଓ ଖଲି ଅପସରା ହାଇସ୍କୁଲ ରାଣିଛେଲି ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ରମେଶ କୁମାର ମଲ୍ଲିକ, ଚରଣ ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ଈଶ୍ୱର ଚନ୍ଦ୍ର ପାଲ୍, ଧ୍ରୁବଚରଣ ସାହୁ, ଶଙ୍କର ଦାଶ, ନିରଞ୍ଜନ ତ୍ରିପାଠୀ, ଅଶୋକ କୁମାର ପତି, ତଥା ଆଖପାଖ ବିଦ୍ୟାଳୟର ଶିକ୍ଷକ ବନ୍ଧୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦୀନବନ୍ଧୁ ଦାସ, ଉପସଭାପତି ହୋଲାନ୍ଥ ନାୟକ, କୋଷାଧ୍ୟକ୍ଷ ସଂଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସିଦ୍ଧାର୍ଥ କୁମାର ମହାପାତ୍ର ସଂଯୋଜନା କରିଥିଲେ।

## ଗୋଷ୍ଠୀ ସହ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭାପୁର,୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟ କାଳିନ ସମ୍ବର୍ଦ୍ଧନା ସଭାର ସଭାପତିତ୍ୱ କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ। ଏହି ସଭାରେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର, ପ୍ରଭାକର ସାମନ୍ତରାୟ, ଅଫିସର ମୁଖ୍ୟ କିରାନୀ ବଟକୃଷ୍ଣ ଷଡ଼ଙ୍ଗୀ, ମାନସ ରଞ୍ଜନ ବେହାରାଙ୍କ ସହ ବହୁ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଓଡ଼ଗାଁ,୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ମନ୍ଦିର ରୋଡ଼ରେ ରହୁଥିବା ଜଣେ ଧର୍ମପ୍ରାଣ ମହିଳା ପ୍ରସନ୍ନ ଭଞ୍ଜଙ୍କ ସ୍ତ୍ରୀ ମାଧବୀ ଭଞ୍ଜ (୫୫)ଙ୍କ ପରଲୋକ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ସ୍ୱାମୀ, ପୁତ୍ର ଏବଂ ପୁତ୍ର ବଧୂ ଉପସ୍ଥିତ ଥିଲେ। ସେ ଓଡ଼ଗାଁ ଶ୍ରୀସତ୍ୟସାୟୀ ସେବାକେନ୍ଦ୍ରର ଜଣେ ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ।

### ପ୍ରହସନ ପାଲଟିଛି ଡିଜିଟାଲ ଇଣ୍ଡିଆ

# ଜିଲ୍ଲାର ଶତାଧିକ ଗ୍ରାମରେ ନାହିଁ ନେଟ୍‌ୱର୍କ

**ନୟାଗଡ଼,୧।୧୧(ସମିସ)**

ରାଜ୍ୟ ରାଜଧାନୀଠାରୁ ମାତ୍ର ୧୦୦ କିମି ଦୂରରେ ଅବସ୍ଥିତ ନୟାଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ଡିଜିଟାଲ ଇଣ୍ଡିଆ ଲୋକଙ୍କ ପାଇଁ ଧୂଆଁବାଣ ପାଲଟିଛି। ଜିଲ୍ଲାର ଅଧିକାଂଶ ସ୍ଥାନରେ ନେଟ୍‌ୱାର୍କ ସମସ୍ୟା ରହିଥିବା ବେଳେ ଗଣିଆ, ଓଡ଼ଗାଁ, ରଣପୁର ଓ ଦଶପଲ୍ଲା ବ୍ଲକର ଶତାଧିକ ଗ୍ରାମ ପାଇଁ ମୋବାଇଲ ସେବା ଭେଲିକି ସଦୃଶ୍ୟ ହୋଇଛି। ରଣପୁର ବ୍ଲକର ବନ୍ଧମୁଣ୍ଡା ପଞ୍ଚାୟତ, ନରେନ୍ଦ୍ରପୁର ପଞ୍ଚାୟତ ବଧିପାଟଣା ମୌଜାର ନୂଆଗାଁ, ରାଜସୁନାଖଳା ପଞ୍ଚାୟତ କୋଟଗଡ଼, ପୋକଶୁଙ୍ଗା ମୌଜା, ଶୁରୁକାବାଡ଼ି ପଞ୍ଚାୟତର ହାତୀବାରି, କାଳିଆଷଣ୍ଢ ଅଞ୍ଚଳରେ ନେଟ୍‌ୱାର୍କ ନଥିବା ଜଣାଯାଇଛି। ସେହିଭଳି ଭାବେ ଚାନ୍ଦପୁର ଜଙ୍ଗଲିଆ ଅଞ୍ଚଳରେ ସମାନ ସମସ୍ୟା ଦେଖିବାକୁ ମିଳିଛି। ଦଶପଲ୍ଲା ବ୍ଲକର କଳସାଖମଣ, ନୂଆଗାଁ ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଗ୍ରାମ ଆଦୌ ନେଟ୍‌ୱାର୍କ ସୁବିଧା ନଥିବା ଜଣାଯାଇଛି। ସେହିଭଳି ଭାବେ ଚଢେୟାପଲ୍ଲୀ, ଦୁଡ଼ା, କୁଜାମେଣ୍ଡି, ତୁମାଣ୍ଡି, ପୋଖରୀଗୋଛା ପଞ୍ଚାୟତ କିଛି କିଛି ଗ୍ରାମ ନୋ ନେଟ୍‌ୱାର୍କ ଜୋନ ରହିଛି। ବିଏସ୍‌ଏନ୍‌ଏଲ୍ ଟାୱାର ଅଧା ସମୟ କାମ କରୁନାହିଁ। ଗଣିଆ ବ୍ଲକର ବଡ଼ସିଲିଙ୍ଗା ପଞ୍ଚାୟତର ୨୦ରୁ ଗ୍ରାମରେ ଆଦୌ ନେଟ୍‌ୱାର୍କ ନଥିବା ଜଣାଯାଇଛି। ଏହି ଗ୍ରାମ ଗୁଡ଼ିକ ମଧ୍ୟରୁ ୧୦ରୁ ଉର୍ଦ୍ଧ୍ୱ ଗ୍ରାମରେ କେକେବିଏନ୍ ମାଓ ସଂଗଠନ ବିଭିନ୍ନ ସମୟରେ ଆଶ୍ରୟ ନେବା ତଥା ସଂଗଠନ କରିବାର ସୂଚନା ମଧ୍ୟ ରହିଛି। ସେହିଭଳି ଭାବେ ଛାମୁଣ୍ଡିଆ ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ନୋ ନେଟ୍‌ୱାର୍କ ଜୋନରେ ରହିଛି। ବାଇଶୀପଲ୍ଲୀ ଅଭୟାରଣ୍ୟକୁ ଲାଗି ରହିଥିବା ଏହି ଦୁଇ ପଞ୍ଚାୟତବାସୀ ଅନ୍‌ଲାଇନ ଶିକ୍ଷା ଏବଂ ବ୍ୟାଙ୍କ ନେଣଦେଣ ନେଇ ଯାବତୀୟ ସମସ୍ୟା ଭୋଗ କରୁଛନ୍ତି। ଓଡ଼ଗାଁ ବ୍ଲକର ବାଣପୁର, କଜଲାଇପଲ୍ଲୀ ପଞ୍ଚାୟତର କିଛି ଗ୍ରାମର ଏବଂ ନୂଆଗାଁ ବ୍ଲକ କେତେକ ପଞ୍ଚାୟତରେ ନେଟ୍‌ୱାର୍କ ଆସୁନଥିବା ଦେଖାଯାଇଛି। ଜିଲ୍ଲାରେ ଶତାଧିକ ଗ୍ରାମ ଏବେ ବି ଅନ୍‌ଲାଇନ ସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାଯାଇଛି।

**ଗ୍ରାମାଞ୍ଚଳରେ ସମସ୍ୟା ଉତ୍କଟ**

ଆଦିବାସୀ ବହୁଳ ଅଞ୍ଚଳରେ ରୋଗ, ଘରପୋଡ଼ି ତଥା ଜରୁରୀକାଳୀନ ସହାୟତା ପାଇଁ ଫୋନଟିଏ କରିବାକୁ ଲୋକମାନେ କେଉଁଠି ପାହାଡ଼ ଉପରେ ଚଢୁଛନ୍ତି ତ ପୁଣି କେତେବେଳେ ଦୁଇରୁ ଚାରି କିଲୋମିଟର ବାଟ ଦୌଡ଼ୁଛନ୍ତି। ଏହି ନୋ ନେଟ୍‌ୱାର୍କ ଜୋନ ଗୁଡ଼ିକରେ ସବୁଠାରୁ ସାଂଘାତିକ ସମସ୍ୟା ଭୋଗୁଛନ୍ତି ଅଙ୍ଗନବାଡ଼ି କର୍ମୀ ଏବଂ ସରକାରୀ ଅଧିକାରୀ। ସବୁକାମ ଅନଲାଇନ ମାଧ୍ୟମରେ କରାଯାଉଥିବା ବେଳେ ସେମାନଙ୍କ ପାଇଁ ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି। ନୋ ନେଟ୍‌ୱାର୍କ ଜୋନରେ ବାସ କରୁଥିବା ଲୋକେ ଡିଜିଟାଲ ଯୁଗ ସହ ତାଳ ଦେଇ ପାରୁନଥିବା ଅନୁଭବ ହେଉଛି। ମନରେଗାରେ ଆସୁଥିବା ମଜୁରୀ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସହାୟତା ରାଶିଠାରୁ ଆରମ୍ଭ କରି ବ୍ୟାଙ୍କ ଦେଣ ନେଣ ପାଇଁ ବହୁତ ହଇରାଣ ହେଉଥିବା ଦେଖାଯାଇଛି। ଦଶପଲ୍ଲା ବ୍ଲକର କେତେକ ଆଦିବାସୀ ଅଞ୍ଚଳରେ ଏହି ସମସ୍ୟା ସବୁଠାରୁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ଗାଁରୁ ଅନ୍ୟ ଏକ ଗାଁକୁ ଯିବାକୁ ଏକାଧିକ ପାହାଡ଼ ଚଢ଼ିବାକୁ ପଡୁଥିବା ବେଳେ ସେମାନେ ଆବଶ୍ୟକୀୟ କାମ ପାଇଁ ହଇରାଣ ହେଉଛନ୍ତି। ଜିଲ୍ଲାର ନେଟ୍‌ୱାର୍କ ଜୋନରେ ରହୁଥିବା ଗାଁ ଗୁଡ଼ିକରେ ଅନଲାଇନ ଶିକ୍ଷା ମଧ୍ୟ ପ୍ରହସନ ପାଲଟିଛି। ଜିଲ୍ଲାରୁ ଏହି ସମସ୍ୟା କେବେ ଦୂରିଭୂତ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକୁ ମଧ୍ୟ ବିଏସ୍‌ଏନ୍‌ଏଲ୍ ସୁବିଧା ମିଳିପାରୁନାହିଁ।

# ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ

**ଶରଣକୁଳ,୧।୧୧(ସମିସ):** ଶରଣକୁଳ ଭାଗବତ ଆଶ୍ରମ ପକ୍ଷରୁ ଶ୍ରୀଶ୍ରୀ ଲଡୁକେଶ ମହେଶଙ୍କ ମନ୍ଦିର ସମ୍ମୁଖରେ ପବିତ୍ର କାର୍ତ୍ତିକ ମାସରେ ପ୍ରତିବର୍ଷ ପରି ଚଳିତ ବର୍ଷ ଷଡ଼ବିଂଶ ତମ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପ୍ରାରମ୍ଭରେ ପୀଠରେ ଅଙ୍କୁରାରୋପଣ କରାଯାଇ ଶ୍ରୀରାଧାକୃଷ୍ଣ ଠାକୁରଙ୍କର ମୂର୍ତ୍ତୀ ସ୍ଥାପନା, ମାଲ୍ୟାର୍ପଣ ପରେ ମନ୍ଦିର ପରିଚ୍ଛା ତୋଷବନ୍ତ କରଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରେ ପୂଜାର୍ଚ୍ଚନା, ଜଳଶୁଦ୍ଧି କରାଯାଇ ଶ୍ରଦ୍ଧାଳୁ ମହିଳାଙ୍କ ଦ୍ୱାରା ଏକ ପଟୁଆରରେ ଗ୍ରାମ ପରିକ୍ରମା ଜଳକଳସ ଯାତ୍ରା କରାଯାଇଥିଲା। ଗୁରୁବାର ଠାରୁ ପ୍ରତ୍ୟେହ ପ୍ରଭାତରୁ ପୁରୋହିତ ସନ୍ତୋଷ ତ୍ରିପାଠୀ ଓ ଅରୁଣ କୁମାର ତ୍ରିପାଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା, ଅଭିଷେକ, ଘୃତାହୁତି, ଭାଗବତ ଗୀତାପାଠ କରାଯାଇଥିଲା। ସନ୍ଧ୍ୟାରେ ନାମଯଜ୍ଞ ପରେ ପ୍ରବକ୍ତା ଧନଞ୍ଜୟ ମହାରାଜ ଭାଗବତ କଥାମୃତ ସରଳ ଭାବରେ ଶ୍ରୋତାଙ୍କୁ ବୁଝାଇ ଥିଲେ। ପଣ୍ଡିତ ଅଭିମନ୍ୟୁ ବରକ୍ଷଳ, ସୁଶ୍ରୀ ବିଜୟିନୀ ଶତପଥୀଙ୍କ ଓ ଅଧ୍ୟକ୍ଷା ଡ଼ଃ ହରପ୍ରିୟା ଦାଶଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯିବା ପାଇଁ ସୂଚନା ଦିଆଯାଇଛି। ବ୍ୟାସ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ପ୍ରତ୍ୟେହ ଭଗବତ ପୂଜା ଓ ଗୀତା ପାଠ କରିଥିବା ବେଳେ ଆସନ୍ତା ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବନ୍ଧୁକ ଦେଖାଇ ୩ ଲକ୍ଷ ଟଙ୍କା, ସୁନା ଲୁଟ୍

**ଓଡ଼ଗାଁ,୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ନନ୍ଦିଘୋର ବରମୁଣ୍ଡା ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ପରିବାରର ଲୋକଙ୍କୁ ଭୟଭୀତ କରି ୨ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା ଲୁଟ୍ ହୋଇଥିବା ନେଇ ଓଡ଼ଗାଁ ଥାନାରେ ଶନିବାର ଅଭିଯୋଗ ହୋଇଛି। ନନ୍ଦିଘୋର ଗ୍ରାମ ବରମୁଣ୍ଡା ସାହିର ପ୍ରକାଶ ନାୟକ ଶୁକ୍ରବାର ରାତିରେ ଶୋଇଥିବା ବେଳେ ୭ ଜଣ ଦୁର୍ବୃତ୍ତ ମୁହଁରେ କଳା ମୁଖା ପିନ୍ଧି ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରି ଟଙ୍କା ସୁନା ଆଣି ଦେବାକୁ ଧମକ ଚମକ ଦେଇଥିଲେ। ପ୍ରକାଶ ଟିକେ ଅପେକ୍ଷା କରିବାରୁ ତାକୁ ଅସ୍ତ୍ରରେ ଆଘାତ କରିଥିଲେ। ପ୍ରକାଶଙ୍କ ବାପା ଯଜ୍ଞ ନାୟକଙ୍କୁ କଷି ୨ ଚାପୁଡ଼ା ମାରିଥିଲେ। ଆଉ ବିଳମ୍ବ ନକରି ପ୍ରକାଶ ଠାରୁ ୩ ଲକ୍ଷ ଟଙ୍କା ଗୋଟିଏ ସୁନା ରାଣୀହାର, ଚିପାହାର, ଚେନ, ମୁଦି ସହିତ ଅନ୍ୟ ସୁନା ଗହଣା ନେଇ ଯାଇଥିଲେ। ଏନେଇ ପ୍ରକାଶ ନାୟକ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

### ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦ୍‌ଘାଟିତ


# କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ଓଡ଼ିଶା ଗର୍ବିତ




**ନୟାଗଡ଼,୧।୧୧(ସମିସ):** ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡ଼ିଆରେ ୨୨ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦଘାଟିତ୍ ହୋଇଯାଇଛି। ଆୟୋଜିତ ଉଦଘାଟନ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ମଞ୍ଚାସୀନ ହୋଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ଆମେ ଗର୍ବିତ ବୋଲି କହିଥିଲେ। ପୌର ପରିଷଦ ଅଧ୍ୟକ୍ଷ ବୋଇତ ବନ୍ଦାଣ ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହ ନୟାଗଡ ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୋଟି ପୁଅ ନୃତ୍ୟ ଓ କଣ୍ଠଶିଳ୍ପୀ ଶର୍ମିଷ୍ଠା ସରକାର ଦ୍ୱାରା ମେଲୋଡି କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ବୋଇତ ବନ୍ଦାଣ ଯାତ୍ରାରେ ଛୋଟ ପିଲାଙ୍କ ପାଇଁ ଦୋଳି, ଟ୍ରେନ୍ ବ୍ୟବସ୍ଥା ହୋଇଛି।

ଅନେକ ଘର ଉପକରଣ ଦ୍ରବ୍ୟ, ଖାଦ୍ୟ ଷ୍ଟଲ ଖୋଲିଛି। ଆଜି ପ୍ରଥମ ସନ୍ଧ୍ୟା ବେଶ୍ ଗହଳି ହୋଇଥିବା ଦେଖା ଯାଇଛି। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ କମିଟି ସଭାପତି କିଶାନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜକ ଦାଶରଥି ସାହୁ, ଶ୍ରୀକାନ୍ତ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୁଣା ସହର ଯୁବ ଗୋଷ୍ଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାଇପ୍ କଣା; ବୋହିଯାଉଛି ପିଇବା ପାଣି



**ଖଣ୍ଡପଡ଼ା,୧।୧୧(ସମିସ):** ନୟାଗଡ଼ ସହରକୁ ଜଳଯୋଗାଣ ପାଇଁ ବ୍ଲକ ଅଧୀନ ବଡ଼ବାଣପୁର ଠାରେ ମହାନଦୀ କୂଳରେ ଦୀର୍ଘବର୍ଷ ଧରି ଏକ ଇଣ୍ଟେକ ୱେଲ କାର୍ଯ୍ୟକାରୀ କରୁଅଛି। ଯାହା ଫଳରେ ନୟାଗଡ଼ ସହରକୁ ଜଳ ଯୋଗାଣ ପାଇଁ ସୁବିଧା ହେଉଛି। ତେବେ ଖଳିସାହି ତୋଟା ହନୁମାନ ସମ୍ମୁଖ ଦେଇ ଯାଇଥିବା ପାଣି ପାଇପ ଫାଟି ଯାଇଥିବାରୁ ୨୪ ଘଣ୍ଟା ପାଣି ରାସ୍ତାରେ ବୋହୁଥିବା ସହ ବାଇକ ଓ ସାଇକଲ ଆରୋହୀ ଓଦା ହେଉଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ପାଇପ ଫାଙ୍କ ଦେଇ ବାହ୍ୟ ପୋକଯୋଗ ଓ ଅପରିଷ୍କାର ଜଳ ପ୍ରବେଶ କରିବା ଦ୍ୱାରା ଉକ୍ତ ପାଣିକୁ ବ୍ୟବହାର କରିବା ଦ୍ୱାରା ଲୋକେ ବେମାର ପଡ଼ିବା ସମ୍ଭାବନା ରହିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନପଡିବା ଚିନ୍ତାଜନକ ହୋଇ ପଡିଛି। ତେବେ ଖୁବଶୀଘ୍ର ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମହିଳାଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

**ଓଡ଼ଗାଁ,୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଶରଧାପୁର ପଞ୍ଚାୟତ ମଦନଗାଡ଼ିଆ ଗାଁର ଜଣେ ଯୁବକ ସେହି ଅଞ୍ଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଓଡ଼ଗାଁ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଯୁବକ ଜଣକ ମଦନଗାଡ଼ିଆ ଗାଁର ଭୁବୁନୀ ଓରଫ୍ ରାକେଶ ସ୍ୱାଇଁ। ଅନ୍ୟପକ୍ଷରେ ଦୁଷ୍କର୍ମର ଶିକାର ହୋଇଥିବା ୫୫ ବର୍ଷିୟ ମହିଳା ପୀଡ଼ିତା ବର୍ତ୍ତମାନ ସୁଦ୍ଧା ନୟାଗଡ଼ ଜିଲ୍ଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଅଭିଯୁକ୍ତ ଭୁବୁନୀ ଓରଫ୍ ରାକେଶ ସ୍ୱାଇଁ ଗାଁ ଛକରେ ବସ୍‌ରୁ ଓହ୍ଲାଇ ପୀଡ଼ିତା ମହିଳା ଜଣକ ଗୋଟିଏ ଦୋକାନ ନିକଟରେ ବସିଥିବା ଦେଖିଥିଲା। ତାଙ୍କୁ ଡାକିବାରୁ ମାନସିକ ଅନଗ୍ରସର ମହିଳା ଜଣକ ରାକେଶ ସାଙ୍ଗରେ ବାହାରିଗଲେ। ରାକେଶ ମହିଳାଙ୍କୁ ଏକ ନିକାଞ୍ଚନ ସ୍ଥାନକୁ ନେଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ମହିଳା ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ରାକେଶ ସେଠାରୁ ଚାଲିଯିବାକୁ ଚେଷ୍ଟା କରିଥିଲା। କିନ୍ତୁ ସ୍ଥାନୀୟ ଲୋକେ ତାକୁ ଧରିନେଇଥିଲେ। ଓଡ଼ଗାଁ ପୁଲିସ୍ ଗାଁରେ ପହଞ୍ଚି ରାକେଶକୁ ଥାନାକୁ ଆଣିଥିଲେ। ପୀଡ଼ିତାଙ୍କ ପୁଅ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ଅଭୟ ବେହେରା ଘଟଣାର ତଦନ୍ତ କରି ଅଭିଯୁକ୍ତ ରାକେଶ ସ୍ୱାଇଁକୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

# ମଧ୍ୟାହ୍ନଭୋଜନ ସାମଗ୍ରୀ ନେଇ ହରଡ଼ଘଣାରେ ଶିକ୍ଷକ

**ଖଣ୍ଡପଡ଼ା,୧।୧୧(ସମିସ)**




ଖଣ୍ଡପଡ଼ା ବ୍ଲକ କିଆଝର ଉଚ୍ଚ ବିଦ୍ୟାଳୟରୁ ଶନିବାର ମଧ୍ୟାହ୍ନ ଭୋଜନ ସାମଗ୍ରୀ ସୋୟାବିନ ବଡ଼ି, ଅମୂଲ, ଚିନି ଓ ହରଡ଼ ଡାଲି ଆଦି ଜନୈକ ଶିକ୍ଷକ ନେଉଥିବା ବେଳେ ଏହି ଘଟଣା ସ୍ଥାନୀୟ ବାସିନ୍ଦା ଓ ଛାତ୍ରମାନଙ୍କ ନଜରକୁ ଆସିଛି। ଘଟଣା ସାଧାରଣରେ ପ୍ରଘଟ ହେବା ପରେ ମଧ୍ୟାହ୍ନଭୋଜନ ସାମଗ୍ରୀ ଘରକୁ ନେଉଥିବା ଶିକ୍ଷକ ଜଣକ ହଡବଡେଇ ଯାଇ ବିଦ୍ୟାଳୟରେ ପୁର୍ନବାର ମଧ୍ୟାହ୍ନ ଭୋଜନ ସାମଗ୍ରୀ ଗୁଡିକ ରଖିଦେବା ଘଟଣା ଏବେ ଖଣ୍ଡପଡ଼ା ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି।

ସ୍ଥାନୀୟ ଲୋକଙ୍କ ଠାରୁ ଘଟଣା ସଂପର୍କରେ ଖବରପାଇ ଗଣମାଧ୍ୟମର ପ୍ରତିନିଧିମାନେ ଉକ୍ତ ବିଦ୍ୟାଳୟ ଠାରେ ପହଞ୍ଚିବା ବେଳକୁ ସଂପୃକ୍ତ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ଝୁଲାଇ ଘରକୁ ପଳାଇ ଯାଇଥିବା ଜଣାପଡିଛି। ତେବେ ଘଟଣା ସଂପର୍କରେ ସ୍ଥାନୀୟ ଲୋକଙ୍କୁ ପଚାରିବାରେ ଘଟଣାର ସତ୍ୟତା ଥିବା ନେଇ ସୂଚନା ଦେଇଥିଲେ। ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ନେଉଥିବା ଶିକ୍ଷକଙ୍କ ନାମ ମୁରଲୀଧର ବାରିକ ଓ ତାଙ୍କ ଘର ଖଣ୍ଡପଡ଼ା ସହରରେ ବୋଲି କିଆଝର ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ବାରିକଙ୍କ ସହ ଯୋଗାଯୋଗ କରିବାରେ ଶନିବାର ସକାଳ ୧୧ଟା ପରେ ସ୍ୱାସ୍ଥ୍ୟ ଖରାପ ଥିବାରୁ ବିଦ୍ୟାଳୟରେ କାର୍ଯ୍ୟ ଶେଷ କରି ସେ ଘରକୁ ଫେରିବା ପରେ ଏହି ଘଟଣା ଘଟିଥିବା କଥା ପ୍ରକାଶ କରିଥିଲେ। ତେବେ ଘଟଣାର ସତ୍ୟତା ଥିବା ନେଇ ସେ ସୂଚନା ଦେଇଥିବା ବେଳେ ଏହି ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କିଆଝର ପଞ୍ଚାୟତବାସୀ ଦାବି କରିଛନ୍ତି। ଉପରୋକ୍ତ ଅଭିଯୋଗ ସଂପର୍କରେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୧।୧୧(ସମିସ):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବାଣପୁର ଗ୍ରାମର ବଳରାମ ପ୍ରଧାନ(୨୫)ଙ୍କର ଚିକିତ୍ସାଧିନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ପ୍ରକାଶଥାଉକି ଗତ ଅକ୍ଟୋବର ୧୯ ତାରିଖ ଅପରାହ୍ନରେ ବଳରାମ ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ରାଜକିଆରୀ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ଏ ସଂପର୍କରେ କଣ୍ଟିଲୋ ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ଠାରୁ ପ୍ରକାଶ।

# ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଟିକିରିପଡ଼ା ବିଜୟୀ



**ଭାପୁର,୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡସହରା ଗ୍ରାମର ମା' ଢୋଲାଚଣ୍ଡି ବ୍ଲକ ଆନୁକୂଲ୍ୟରେ ମା' ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ମ୍ୟାଚରେ ଟିକିରିପଡା ଦଳ କେନ୍ଦୁପଲ୍ଲୀ ଦଳକୁ ୬ ରନରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟିକିରିପଡା କ୍ରିକେଟ କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୯ ୱିକେଟ ହରାଇ ୧୦୨ ରନ କରିଥିଲା। ଏହାର ଜବାବରେ କେନ୍ଦୁପଲ୍ଲୀ ଦଳ ଲଜ୍ଜୁଆ ଖେଳ ପ୍ରଦର୍ଶନ କରି ୧୬-୧ ଓଭରରେ ସମସ୍ତ ୱିକେଟ ହରାଇ ୯୫ ରନରେ ସୀମିତ ରହି ୬ ରନରେ ମ୍ୟାଚ ହାଇଯାଇଥିଲା। ବିଜୟୀ ଟିକିରିପଡା ଦଳର ବଣ୍ଟି ଗୋଛି ବ୍ୟାଟିଂରେ ୩୦ ରନ କରିବା ସହ ବୋଲିଂ କରି ୩ ଟି ୱିକେଟ ନେଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ନେଇଥିବାରୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଛବି ଦଳବେହେରା ଓ ସୁଶାନ୍ତ ଦଳବେହେରା। ଧାରାବିବରଣୀ ପ୍ରଦାନ କରିଥିଲେ ରତ୍ନାକର ସାହୁ ଓ ସ୍କୋରର ଥିଲେ ଅନ୍ତର୍ଯ୍ୟାମୀ ପ୍ରଧାନ। ଅତିଥି ଭାବେ ଗାଁ ସଭାପତି ଗୋପାଳ ନାୟକ, ସମ୍ପାଦକ ଅଭିରାମ ଦାଶ ଓ ସମାଜସେବୀ ସୁଧାଂଶୁ ଚରଣ ବେହେରା ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ରବିବାର ଦ୍ୱିତୀୟ କ୍ୱାଟରରେ ମାଣିକଗୋଡ଼ା କ୍ରିକେଟ କ୍ଲବ ଓ ବଘେଇ କ୍ରିକେଟ କ୍ଲବ ପରସ୍ପରକୁ ଭେଟିବେ।

## ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି ଟାଙ୍ଗୀ ବ୍ଲକ୍‌ର ୧୪୦

ନିରାକାରପୁର,୧।୧୧(ସମିସ): ମନରେଗା ପୋର୍ଟାଲରେ ଚଳିତ ବର୍ଷ ଗତ ଅକ୍ଟୋବର ୨୪ ତାରିଖ ସୁଦ୍ଧା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍‌ରେ ୧୪୦ ଜଣ ଜବ୍‌କାର୍ଡଧାରୀ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିସାରିଛନ୍ତି। ଜିଲ୍ଲାରେ ୯୪ ହଜାର ୫୩୭ ଜଣ ସକ୍ରିୟ ମଜୁରିଆ ଥିବାବେଳେ ମାତ୍ର ୧୨୧୧ ଜଣ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିଥିବା ରିପୋର୍ଟରୁ ଜଣାପଡ଼ିଛି। ବ୍ଲକ୍‌ର ଅଚ୍ୟୁତପୁର ପଞ୍ଚାୟତରେ ୫, ବଡ଼ପାରୀ ପଞ୍ଚାୟତରେ ୯, ବଡ଼ପୋଖରିଆ ପଞ୍ଚାୟତରେ ୪, ବାଲିପାଟପୁର ପଞ୍ଚାୟତରେ ୬, ଭୂଷଣ୍ଡପୁର ପଞ୍ଚାୟତରେ ୫, ଛଣଗିରି ପଞ୍ଚାୟତରେ ୭, କମାଗୁରୁ ପଞ୍ଚାୟତରେ ୯, କନ୍ତଲବାଇ ପଞ୍ଚାୟତରେ ୬, କୁହୁଡ଼ି ପଞ୍ଚାୟତରେ ୧୦, କୁଞ୍ଜୁରି ପଞ୍ଚାୟତରେ ୧୦, ଲେଣ୍ଡୁ ପଞ୍ଚାୟତରେ ୮, ନିରାକାରପୁର ପଞ୍ଚାୟତରେ ୫, ନୂଆଗଡ଼ ପଞ୍ଚାୟତରେ ୫, ଓଲସିଂହ ପଞ୍ଚାୟତରେ ୧୧, ପାଡିଓରଡ ପଞ୍ଚାୟତରେ ୭, ରାମେଶ୍ୱର ପଞ୍ଚାୟତରେ ୬, ରତନପୁର ପଞ୍ଚାୟତରେ ୪, ସରପାରି ପଞ୍ଚାୟତରେ ୬, ସୁନ୍ଦରପୁର ପଞ୍ଚାୟତରେ ୧୦, ଟାଙ୍ଗୀ ପଞ୍ଚାୟତରେ ୭ ଜଣ ପଞ୍ଜୀକରଣ କରି ସାରିଛନ୍ତି। ଡିଆ, ମଙ୍ଗଳାଯୋଡ଼ି, ରାମଚନ୍ଦ୍ରପୁର, ସାନରାଉତପଡ଼ା, ଟାଙ୍କୋଳ, ଉଦ୍ଧବଗୋପିନାଥପୁର ପଞ୍ଚାୟତରେ କେହି ଆଜି ପର୍ଯ୍ୟନ୍ତ ଜବ୍‌କାର୍ଡଧାରୀ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରି ନ ଥିବା ଦର୍ଶାଉଛି। ମନରେଗା ଜବ୍‌କାର୍ଡଧାରୀଙ୍କର ଅଣ ସଂଘଟିତ ଶ୍ରମିକଙ୍କ ଜାତୀୟ ତଥ୍ୟ ଭଣ୍ଡାର ମହଜୁଦ ଉଦ୍ଦେଶ୍ୟରେ ଏହାକୁ ଇ-ଶ୍ରମ ପୋର୍ଟାଲ ସହ ଲିଙ୍କ୍ କରାଯାଇଛି। ପଞ୍ଜୀକରଣ ପରେ ଇ-ଶ୍ରମକାର୍ଡଧାରୀଙ୍କୁ ୧୨ ଅଙ୍କ ବିଶିଷ୍ଟ ନମ୍ବର ମିଳିଥାଏ। ଏହା ଏକ ସରକାରୀ ଡାଟାବେସ୍ ଯାହାଫଳରେ ଅଣ ସଂଘଟିତ ଶ୍ରମିକମାନଙ୍କ ତଥ୍ୟ ମହଜୁଦ କରାଯାଇଥାଏ। ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ପରିବାରର ୫ ଲକ୍ଷ ପର୍ଯ୍ୟନ୍ତ ବୀମା ଅଛି। ମନରେଗା ପୋର୍ଟାଲ ଲିଙ୍କ୍ କରିଥିଲେ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନାରେ ୨ ଲକ୍ଷ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ବୀମା ସୁବିଧା ଅଛି। ଏ ବାବଦରେ ଜଣେ ମନରେଗା ଅଧିକାରୀଙ୍କୁ ପଚାରିବାରୁ ଏହାକୁ ବ୍ଲକ୍ କିମ୍ବା ଜିଲ୍ଲା ମନରେଗାର କାର୍ଯ୍ୟରତ କର୍ମଚାରୀଙ୍କ ଦ୍ୱାରା କରାଯାଉନାହିଁ। ତାହା ମନକୁ ପୋର୍ଟାଲରେ ସିନ୍‌କ୍ରୋନାଇଜେସନ (ସମ ଏକକାଳୀନ) ହୋଇ ତଥ୍ୟ ପୋର୍ଟାଲରେ ଦେଖାଇଥାଇପାରେ ବୋଲି ଜଣାଇଥିଲେ।

### ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସମାରୋହ

# ଲୋଭ, ମୋହ ତ୍ୟାଗ କଲେ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ




**ଦୁର୍ନୀତି ଏକ ଦୁର୍ବଳ ମାନସିକତାର ପରିଚୟ**

ଖୋର୍ଦ୍ଧା,୧।୧୧(ସମିସ)

ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ଜୀବନରେ ଯେତେ ବାଧାବିଘ୍ନ ଆସିଲେ ବି ସଚ୍ଚୋଟତା ବଜାୟ ରଖିବା ହେଉଛି ଆମ୍ଭମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିଷ୍ଠାପରଭାବେ କାର୍ଯ୍ୟ ସମ୍ପାଦନ କଲେ ସଫଳତା ଆପେଆପେ ମିଳିବ ବୋଲି ଶନିବାର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଓ ଦୁର୍ବଳ ମାନସିକତାର ପରିଚୟ। ଚଳିତ ବର୍ଷ କେନ୍ଦ୍ର ଭିଜିଲାନ୍ସ କମିଶନ, ନୂଆଦିଲ୍ଲୀ ପକ୍ଷରୁ ରଖାଯାଇଥିବା ପ୍ରସଙ୍ଗ ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱର ପାଶ୍ଚାତ୍ୟ ସଭ୍ୟତାଠାରୁ ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ବିଭିନ୍ନ ଦିଗ ଉପରେ ଉଦ୍‌ବୋଧନ ଦେଇ ଲୋଭ, ମୋହ, ମାୟା ଭଳି କୁତ୍ସିତ ମାନସିକତା ତ୍ୟାଗ କଲେ ଏକ ଶୃଙ୍ଖଳିତ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ ବୋଲି ପ୍ରକାଶ କରିଥିଲେ।

ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ତଥା ଅତିରିକ୍ତ ନିର୍ଦ୍ଦେଶକ କଳିଙ୍ଗ ସାମାଜିକ ବିଜ୍ଞାନ ସଂସ୍ଥାନ ଶୁଭେନ୍ଦୁ କୁମାର ମହାନ୍ତି ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବିଶୃଙ୍ଖଳାକୁ ବୁଝାଏ, ଯେଉଁଠି ଉତରଦାୟିତ୍ୱ ଓ ସ୍ୱଚ୍ଛତାରେ ଖିଲାପ ହୁଏ। ଏଣୁ ପ୍ରତ୍ୟେକ ପିତାମାତା ଏବଂ ଶିକ୍ଷକ-ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ସଚେତନତା କରାଇଲେ ନିଶ୍ଚିତ ଭାବେ ସବୁ ସ୍ତରରେ ଦୁର୍ନୀତି ହଟି ଏକ ଆଦର୍ଶ ଦୁର୍ନୀତିମୁକ୍ତ, ଶୃଙ୍ଖଳିତ, ଦାରିଦ୍ର୍ୟମୁକ୍ତ ସମାଜ, ଜିଲ୍ଲା, ରାଜ୍ୟ ଗଠନ ଅକ୍ଲେଶରେ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଉପ ଆରକ୍ଷୀ ଅଧୀକ୍ଷକ ଚନ୍ଦ୍ରକଳା ଜେନା ଯୋଗଦେଇ ଦୁର୍ନୀତି ଏକ ମାନସିକ ବ୍ୟାଧି। ଛାତ୍ରଛାତ୍ରୀମାନେ ନିଜ ପରିବାରରେ ନିଜର ପିତାମାତାଙ୍କୁ ଉତ୍କୋଚ ନେବା ଏବଂ ଉତ୍କୋଚ ଦେବା ଉପରେ ସଚେତନ କରାଇଲେ ନିଶ୍ଚିତ ଭାବେ ସମାଜରୁ ଦୁର୍ନୀତି ବିଲୋପ ହୋଇପାରିବ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଉପ ଆରକ୍ଷୀ ଅଧୀକ୍ଷକ ପ୍ରବୋଧ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସୃଷ୍ଟି ଅନନ୍ୟା ଶତପଥୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଉପନିର୍ଦ୍ଦେଶକ (ଯୋଜନା) ଅଶୋକ କୁମାର ବେହେରାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସେକ୍ସନ ଅଫିସର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ନାଗରିକ ପାଇଁ ସାଧୁତାର ଶପଥପାଠ କରାଇଥିଲେ।

## ଆର୍‌ପିଏଫ୍ କର୍ମଚାରୀଙ୍କୁ ଆକ୍ରମଣ କରି ଗିରଫ

ଜଟଣୀ,୧।୧୧(ସମିସ): ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନ୍‌ରେ ଡ୍ୟୁଟି କରୁଥିବା ଜଣେ ଆର୍‌ପିଏଫ୍ କର୍ମଚାରୀଙ୍କୁ ଆକ୍ରମଣ କରିବା ଘଟଣାରେ ଅଭିଯୁକ୍ତ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ହେଲା ବାଲୁଗାଁର ରାମଚନ୍ଦ୍ର ବେହେରା (୨୭)। ସୂଚନାଯୋଗ୍ୟ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଆର୍‌ପିଏଫ୍ କର୍ମଚାରୀ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ବାଲୁଗାଁ ଷ୍ଟେସନ୍‌ର ୨ ନମ୍ବର ପ୍ଲାଟ୍‌ଫର୍ମରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଅଭିଯୁକ୍ତ ରାମଚନ୍ଦ୍ର ପ୍ରଚୁର ମଦ୍ୟପାନ କରି ପ୍ଲାଟ୍‌ଫର୍ମରେ ପଶି ଶ୍ରୀ ଆଚାର୍ଯ୍ୟଙ୍କ ସହ ଯୁକ୍ତିତର୍କ କରିଥିଲା। ସେ ବିରୋଧ କରିବାରୁ ତାଙ୍କୁ ସେଠାରେ ତଳେ ପକାଇ ମାଡ଼ ମାରିଥିଲା। ଖବର ପାଇ ଅନ୍ୟ ଆର୍‌ପିଏଫ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲେ। ଏ ନେଇ ଖୋର୍ଦ୍ଧାରୋଡ୍ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଶ୍ରୀନାଟେଶ୍ୱର ମହାରୁଦ୍ରଙ୍କ ଯଜ୍ଞ ପାଇଁ କଳସ ଯାତ୍ରା

ନିରାକାରପୁର,୧।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ପଞ୍ଚାୟତ ଦେଉଳିପାଟଣାସ୍ଥିତ ଶ୍ରୀନାଟେଶ୍ୱର ମହାରୁଦ୍ରଙ୍କ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂକଳ୍ପଧାରୀ ମହିଳା, ପୁରୁଷ ନିକଟସ୍ଥ ମଲାଗୁଣି ନଦୀରୁ ଏକ ବିରାଟ ପଟୁଆରରେ ଯଜ୍ଞ ସ୍ଥଳକୁ ପାଣି ଆଣିଥିଲେ। ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳିର ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଏହି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଯଜ୍ଞ ସହିତ ଶିବପୁରାଣ ପଠନ ଓ ନାମ ସଙ୍କୀର୍ତ୍ତନ ହେବ। ଏହି ଅବସରରେ ସୂର୍ଯ୍ୟ ପୂଜା, ଗୋ-ପୂଜା, ରୁଦ୍ର ଅଭିଷେକ ଚଣ୍ଡୀ ପୂଜା ପ୍ରଭୃତି ଅନୁଷ୍ଠିତ ହେବ। ଆସନ୍ତା ୫ ତାରିଖରେ ପୂର୍ଣ୍ଣାହୁତିରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦେବାକୁ ଯଜ୍ଞ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ୬ ତାରିଖରେ ବିସର୍ଜନ ଓ ଯମୁନା ସ୍ନାନ ଅନୁଷ୍ଠିତ ହେବ।

## ଅଁଳାନବମୀରେ ସାକ୍ଷୀଗୋପୀନାଥ ମନ୍ଦିରରେ ଭିଡ଼

ଜଟଣୀ,୧।୧୧(ସମିସ): ଜଟଣୀ ବ୍ଲକ୍ ଅନ୍ତର୍ଗତ ଗଡ଼ରଥିପୁରଠାରେ ଥିବା ବହୁ ପୁରାତନ ସାକ୍ଷୀଗୋପୀନାଥ ମନ୍ଦିରରେ ଅଁଳାନବମୀ ପାଳିତ ହୋଇଯାଇଛି। ଏହି ଦିବସରେ ରାଧାପାଦ ଦର୍ଶନ ପାଇଁ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ରାଧାରାଣୀ ଓଡ଼ିଆଣୀ ବେଶ ଓ ଶ୍ରୀକୃଷ୍ଣ ନଟବର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଅନ୍ୟପଟେ ବିଭିନ୍ନ ସ୍ଥାନରେ ଥିବା ଅଁଳା ଗଛକୁ ପୂଜା କରାଯାଇଥିବା ଦେଖିବାକୁ ମିଳିଛି। ସକାଳେ ଭଜନ ସମାରୋହ ଆୟୋଜିତ ହୋଇଥିବାବେଳେ ସନ୍ଧ୍ୟାରେ ଅଞ୍ଚଳର ଛୋଟ ପିଲାଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନୀ କରାଯାଇଛି। ଏଥିସହ ରାତିରେ ସାମାଜିକ ନାଟକ ବୀଣାପାଣି ଯୁବ କ୍ଲବ୍ ପକ୍ଷରୁ 'ଦରିଆ କୂଳରେ ଦରଦୀ ବନ୍ଧୁ' ନାଟକ ପରିବେଷଣ କରାଯାଇଛି।

## ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ଉଦ୍‌ଯାପିତ




ଖୋର୍ଦ୍ଧା,୧।୧୧(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଏହି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କୋରକାରା ଯୋଗଦେଇ ଚଳିତଥର ଏଠାରୁ ଜାତୀୟସ୍ତରରେ ନିର୍ବାଚିତ ହୋଇଥିବା ପ୍ରତିଯୋଗୀମାନେ ତ୍ରିପୁରା, ଅଗରତାଲାକୁ ଏଥର ନୂଆ କରି ବିମାନରେ ଯିବାଆସିବା କରିବେ। ଯାହା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ପରେ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା) ଜ୍ୟୋତିପ୍ରସାଦ ପରିଡ଼ା ବିବରଣୀ ପଠନ କରି କହିଲେ ଯେ ସତରଞ୍ଜ ଜାତୀୟସ୍ତରରେ ବିବେଚିତ ହୋଇଥିବା ୫ ବାଳକ ଓ ୫ ବାଳିକାଙ୍କ ନାମ ଘୋଷଣା କରିଥିଲେ। ୫ ବାଳକ ବିଭାଗରେ ପ୍ରଥମରେ କ୍ଷେତ୍ରବର ମାଝୀ (ଭୁବନେଶ୍ୱର), ଦ୍ୱିତୀୟରେ ଚେମରୁ ହେମ୍ବ୍ରମ୍ (ଭୁବନେଶ୍ୱର), ତୃତୀୟରେ ଆଦିତ୍ୟ ପଟ୍ଟନାୟକ (ପୁରୀ), ଚତୁର୍ଥରେ ବିଶାଳ ଜ୍ୟୋତି ପଣ୍ଡା (ଗଞ୍ଜାମ), ପଞ୍ଚମରେ ଆଶୁତୋଷ ଖୁଣ୍ଟିଆ (କେନ୍ଦୁଝର) ଏବଂ ୫ ଜଣ ବାଳିକା ବିଭାଗରେ ପ୍ରଥମରେ ନିର୍ମଳା କୁଲେର (ଭୁବନେଶ୍ୱର), ଦ୍ୱିତୀୟରେ ପ୍ରତ୍ୟାଷାରାଣୀ କର (ଗଞ୍ଜାମ), ତୃତୀୟରେ ଜୟିତା ବେହେରା (କଟକ), ଚତୁର୍ଥରେ ଭାଗ୍ୟଶ୍ରୀ ସିଂହ (ସୁନ୍ଦରଗଡ଼) ଓ ପଞ୍ଚମରେ ବବିତା ଦୋରା (କଳାହାଣ୍ଡି) ରହିଛନ୍ତି। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞାପାରମିତା ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ବିଜୟବେହେରା ଓ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସବିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ନିରଞ୍ଜନ ଶତପଥୀ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମୁଦି ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୂଷଣ୍ଡପୁର,୧।୧୧(ସମିସ): ଟାଙ୍ଗୀ ବ୍ଲକ୍ ବାଲିପାଟପୁର ଗ୍ରାମପଞ୍ଚାୟତର ଚିଲିକା ସନ୍ନିକଟ ମା' ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ମା' ମଙ୍ଗଳା ଯୁବକ ସଂଘ ତରଫରୁ ଚାଲିଥିବା ବୋଇତ ବନ୍ଦାଣ ଉତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଥିରେ ଓଡ଼ିଶାର ଅନନ୍ୟ ଲୋକକଳା ପାଲା ପରିବେଷଣ କରାଯାଇଛି। ୬ ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ବିଭିନ୍ନ ସନ୍ଧ୍ୟାରେ ପାଲା, ରାମ ନାଟକ, ଆଦିବାସୀ କଳା ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ କାର୍ତ୍ତିକ ମାସ ଚତୁର୍ଦ୍ଦଶୀ ରାତ୍ରିରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ପ୍ରଥମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ

ବେଗୁନିଆ,୧।୧୧(ସମିସ): ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ କୁରାଡ଼ିଲୋ ଗ୍ରାମ ଲେଙ୍କା ସାହିରେ ବ୍ରଜମୋହନ ମନ୍ଦିର ସମ୍ମୁଖରେ ପ୍ରଥମ ବାର୍ଷିକ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏଥିରେ ବୈଦିକ ରୀତି ଅନୁଯାୟୀ ବାବା ଗଣେଶଙ୍କ ତତ୍ତ୍ୱାବଧାନରେ ଜିତେନ୍ଦ୍ର କୁମାର ମହାପାତ୍ର ଓ ପତ୍ନୀ ତପସ୍ୱିନୀ କର୍ତ୍ତା ଭାବେ ଉପବେସନ କରିଥିଲେ। ଶନିବାର ସନ୍ଧ୍ୟାରେ ବେଙ୍ଗୀ ପୋଖରୀରେ ଶ୍ରଦ୍ଧାଳୁମାନେ ଶୁଦ୍ଧପୂତ ଭାବେ ସ୍ନାନ କରି କଳସ ଯାତ୍ରା ଆରମ୍ଭ କରି ସ୍ଥାପନ ହୋଇଥିଲା। ପରେ କେଉଟ ପାଟଣା, ଚଷାଗାଁ, ଗୋବିନ୍ଦପୁର, ନୂଆଗାଁ, କେନ୍ଦୁପଲ୍ଲୀ, ପୁଇଁଚା ଓ କୁରାଡ଼ିଲୋ ଗ୍ରାମର ନାମ ସଙ୍କୀର୍ତ୍ତନ ପରିବେଷଣ କରିବେ ବୋଲି ସ୍ଥିର ହୋଇଛି।

## ବିଦ୍ୟାଳୟସ୍ତରୀୟ ମକ୍ ପାର୍ଲିଆମେଣ୍ଟ

ଜଟଣୀ,୧।୧୧(ସମିସ): ଜଟଣୀ ହାଟବଜାରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ବିଦ୍ୟାଳୟସ୍ତରୀୟ ମକ୍ ପାର୍ଲିଆମେଣ୍ଟ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓସେପାରୁ ଜୟଶଙ୍କର ବାଗ୍ ଯୋଗ ଦେଇଥିବା ବେଳେ ସ୍ଥାନୀୟ କାଉନ୍‌ସିଲର ଜଟାଧାରୀ ପ୍ରଧାନ, ରାଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାଙ୍କ ମଧ୍ୟରେ ଲାଇଫ୍ ସ୍କିଲ୍‌ଗୁଡ଼ିକର ଉନ୍ନତି କରିବା ସହିତ ଜୀବନରେ ପ୍ରତି କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ସୁସମାଧାନ କରିବାର ଦକ୍ଷତା ଅର୍ଜନ କରିବା ବୋଲି କୁହାଯାଇଛି। ବିଦ୍ୟାଳୟର ନୋଡାଲ ଶିକ୍ଷୟିତ୍ରୀ ବବିତା ବ୍ରହ୍ମା ପିଲାମାନଙ୍କୁ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ଧନ୍ୟବାଦ ଦେବା ସହ ଜିଲ୍ଲାସ୍ତରୀୟ ମକ୍ ପାର୍ଲିଆମେଣ୍ଟ ପିଲାମାନେ ଭାଗ ନେବେ ବୋଲି ପ୍ରକାଶ କରିଥିଲେ।

## ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ନିରାକାରପୁର,୧।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୀଠରେ ଗତ ୨୩ ତାରିଖଠାରୁ ଅନୁଷ୍ଠିତ ୪୩ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟ ପୂଜା, ମଙ୍ଗଳଆଳତି, ନାମ ସଙ୍କୀର୍ତ୍ତନ ଇତ୍ୟାଦି ଅନୁଷ୍ଠିତ ହୋଇଯାଇଛି। ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନରୁ ରାମ ରାଜ୍ୟ ସମ୍ପର୍କରେ ପ୍ରବଚକ ବିକ୍ରମ ମହାରଣା ଓ ସତ୍ୟାନନ୍ଦ ଗିରି ପ୍ରବଚନ ଦେଇଥିଲେ। ରବିବାର ରାମଦୟା ପରିଷଦ ପକ୍ଷରୁ ଏକ ମେଧା ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଗଁପୁର ଶରତ ରାସ ମହୋତ୍ସବ ଉଦ୍‌ଘାଟିତ

ବେଗୁନିଆ,୧।୧୧(ସମିସ): ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ବାବା ସୋମନାଥ ଦେବଙ୍କ ପୀଠରେ ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ଶରତ ରାସ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥି, ନାଟ୍ୟକାର କୃଷ୍ଣଚନ୍ଦ୍ର ହରିଚନ୍ଦନ ମୁଖ୍ୟବକ୍ତା, ଅଖିଳ ଭାରତୀୟ ସନ୍ଥ ସମିତି ଅଧ୍ୟକ୍ଷ ବାବା ସତ୍ୟାନନ୍ଦ ଗିରି, ଗ୍ରାମ୍ୟ କମିଟି



ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଦିବ୍ୟସିଂହ ରଣା, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଲାବଣ୍ୟ ଜୟସିଂହ, ଅସିତ୍ ତ୍ରିପାଠୀ, ପ୍ରଦୀପ ବାରିକ, ସମିତିସଭ୍ୟ ନଳିନୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ପୂର୍ବାହ୍ନ ସମୟରେ ମହୋତ୍ସବ ପାଇଁ ବାବା ସୋମନାଥ ଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରାକୁ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଜୟନ୍ତୀ ସାହୁ ଯୋଗଦେଇ ଉତ୍ସାହିତ କରିଥିଲେ।

## ବାଳିକା କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ବାଣପୁର,୧।୧୧(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ଆନ୍ତଃ ଉଚ୍ଚମାଧ୍ୟମିକ ବିଦ୍ୟାଳୟସ୍ତରୀୟ ବାଳିକା କବାଡ଼ି ପ୍ରତିଯୋଗିତା ବାଣପୁର ଗ୍ରାମୀଣ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିବାବେଳେ ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲି ସୋମବାର ଏହାର ଫାଇନାଲ୍ ମ୍ୟାଚ୍ ଖେଳାଯାଇ ଜୋନ୍-୪ ଚାମ୍ପିଅନ ଦଳ ଚୟନ ହେବ। ଉକ୍ତ ଚାମ୍ପିଅନ ଦଳ ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ଜୋନ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ। ଏହି କବାଡ଼ି ପ୍ରତିଯୋଗିତାର ପ୍ରଥମ ଦିବସରେ କିସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭୁବନେଶ୍ୱର, ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଣପୁର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଂଶଗ୍ରହଣ କରିଥିବାବେଳେ କିସ୍ ଦଳ ବର୍ତ୍ତମାନ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ରବିବାର ଅନ୍ୟ ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହୋଇ ଫାଇନାଲ୍ ମ୍ୟାଚ୍ ଖେଳିବାକୁ ଦ୍ୱିତୀୟ ଦଳ ଚୟନ କରାଯିବ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବଶଙ୍କର ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକମାନେ ମ୍ୟାଚ୍ ଅଫିସିଆଲ ଭାବେ ପ୍ରତିଯୋଗିତାକୁ ପରିଚାଳନା କରଥିଲେ। ଅଧ୍ୟାପକ ପୁଲିନବିହାରୀ ଜେନା, ଅଧ୍ୟାପିକା ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ, ରବିନ୍ଦ୍ର ମାର୍ଥା, ଅକ୍ରୁର ପ୍ରଧାନ ଓ ଅଶୋକ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜଟଣୀ,୧।୧୧(ସମିସ): ଜଟଣୀ ବ୍ଲକ୍ ଅନ୍ତର୍ଗତ ଓଡତଳ ବୋତଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ମହାନ୍ତି ଗତ ୩୧ ତାରିଖରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଜଟଣୀ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତିଙ୍କ ଉଚ୍ଚ ପ୍ରଶଂସା କରିବା ସହ ସ୍କୁଲକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଜଟଣୀ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପାତାଳୀ ଶ୍ରୀକ୍ଷେତ୍ରରୁ କାଳିଆ ତୁଳସୀ ଯାତ୍ରା

ଖୋର୍ଦ୍ଧା,୧।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ସୁନାବେଶରେ ତୁଳସୀ, ପଦ୍ମଫୁଲ, ଗେଣ୍ଡୁଫୁଲ ଲାଗି ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲା ଶ୍ରୀଜଗନ୍ନାଥ ସଂସ୍କୃତି ସମିତି ପକ୍ଷରୁ ଗତ ୬ବର୍ଷ ହେଲା ଫୁଲ, ତୁଳସୀ ଯୋଗାଇ ଆସୁଛନ୍ତି। ଏହି ଅବସରରେ ପବିତ୍ର ଅଁଳାନବମୀରେ ସୁବର୍ଣ୍ଣପୁର ପାତାଳି ଶ୍ରୀକ୍ଷେତ୍ରଠାରୁ ବାହାରିଥିବା ତୁଳସୀ ରଥକୁ ଖୋର୍ଦ୍ଧା ଗୀତାଭବନଠାରେ ଶନିବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ଅଁଳାନବମୀରେ ଭୋର୍ ସାଢ଼େ ୫ଟାରେ ଏହି ରଥ ସୁବର୍ଣ୍ଣପୁର ପାତାଳୀ ଶ୍ରୀକ୍ଷେତ୍ରରୁ ଯାତ୍ରା ଆରମ୍ଭ କରି ଉଲୁଣ୍ଡା ଜଗନ୍ନାଥ ମନ୍ଦିର, ବିନିକା ଦୁର୍ଗା ମଣ୍ଡପ, ଜଗନ୍ନାଥ ମନ୍ଦିର, ବିଶିମୁଣ୍ଡା, ନାରାୟଣପୁର, ଖାରୀ, ସୋନପୁର ଦଧିବାବନ ମନ୍ଦିର, ମନମୁଣ୍ଡା, ବାଉଁଶୁଣୀ, ବୌଦ୍ଧ, ପୁରୁଣା କଟକ, ଦଶପଲ୍ଲା ଦେଇ ନୟାଗଡ଼ରେ ରାତ୍ରିଯାପନ କରିଥିଲେ। ସକାଳ ୬ଟାରେ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ନୟାଗଡ଼ରୁ ପୁନଃ ଯାତ୍ରା ଆରମ୍ଭ କରି ଖୋର୍ଦ୍ଧା ଅଭିମୁଖେ ବାହାରିଥିଲେ। ସ୍ଥାନୀୟ ଗୀତାଭବନଠାରେ ଶିକ୍ଷାବିତ୍ ଡ. ଧିରେନ୍ଦ୍ର ନନ୍ଦ, ଗୀତାଭବନ ସମ୍ପାଦକ ତଥା ନୋଟାରୀ ଶକ୍ତିଶଙ୍କର ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଜଗନ୍ନାଥପ୍ରେମୀ ସ୍ୱାଗତ କରିଥିଲେ। ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ତୁଳସୀ ରଥକୁ ବିଦାୟ ଦେଇଥିଲେ। ସେଠାରୁ ରଥ ଭୁବନେଶ୍ୱର ଯାତ୍ରା କରି ପିପିଲି, ସାକ୍ଷୀଗୋପାଳ ମନ୍ଦିର ଦେଇ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ସୁବର୍ଣ୍ଣପୁର ପକ୍ଷରୁ ଗଦାଧର ବାରିକ, ବେଣୀମାଧବ ବେଦବାକ, ଚନ୍ଦ୍ରଶେଖର ଓତା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁରେଶ ମିଶ୍ରଙ୍କ ସମେତ ୪୦ ଜଣିଆ ଏକ ଟିମ୍ ଏଥିରେ ସାମିଲ ହୋଇଛନ୍ତି।

### ବାଲୁଗାଁ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ

# ଭଲ ପାଠପଢ଼ି ଆଦର୍ଶ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ



ବାଲୁଗାଁ,୧।୧୧(ସମିସ): ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟତମ ଅତିଥି ଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଚିଲିକା ବିଇଓ ଦ୍ୱାରିକାନାଥ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଘ୍ନେଶ୍ୱର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ମୁରଲୀଧର ସାମନ୍ତସିଂହାର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଭାବେ ସମଗ୍ର ଖୋର୍ଦ୍ଧା ଜିଲ୍ଲା ତଥା ଓଡ଼ିଶାରେ ବେଶ୍ ପରିଚିତ ହୋଇଥିବାବେଳେ ଏହି ବିଦ୍ୟାଳୟର କୃତବିଦ୍ୟ ଆଦର୍ଶ ଶିକ୍ଷକମାନଙ୍କ ଶିକ୍ଷାଦାନ, ଉତ୍ତମ ଚରିତ୍ରଗଠନ ଦିଗରେ ଶିକ୍ଷା ପାଇ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ବହୁ ଉଚ୍ଚ ପଦପଦବୀରେ ରହି ଆମ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ତେଣୁ ଏହି ବିଦ୍ୟାଳୟର ଟେକ ରଖିବା ପାଇଁ ଛାତ୍ରଛାତ୍ରୀ ଶୃଙ୍ଖଳିତ ହୋଇ ଭଲ ପାଠପଢ଼ି ଏକ ଆଦର୍ଶମୟ ଭବିଷ୍ୟତ ଗଢ଼ିବା ପାଇଁ ଅତିଥିଗଣ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଉନ୍ନତିକରଣ ଦିଗରେ ଆବଶ୍ୟକତା ପୂରଣ ଲାଗି ମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ଏକ ଆଦର୍ଶ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟିର ମୁଣ୍ଡ ଜାମିନ



## ୪ ଗିରଫ; ୨ଟି କାର୍, ୮ ଲକ୍ଷ ଟଙ୍କା ଜବତ

## ପ୍ରାକ୍ତନ କନେଷ୍ଟବଲ ଅଟକ

ବାରିପଦା/ବେତନଟୀ/ବୈଶିଙ୍ଗା,୧।୧୧ (ସମିସ): ଜଣେବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ଟଙ୍କା ମୁଣ୍ଡ ଜାମିନ ରଖିବା ଅଭିଯୋଗରେ ମୟୂରଭଞ୍ଜ ପୁଲିସ ୪ଜଣ ଅପହର୍ତ୍ତାଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ଗଡ଼ପଦା ଗ୍ରାମର ଅର୍ମାନ ଖାଁ (୩୪), ଆଗରବେଡା ଗ୍ରାମର ରାଜେଶ ବାରିକ (୩୦), ମିରିଗିମୁଣ୍ଡି ଗ୍ରାମର ଭବେଶ ଚନ୍ଦ୍ର ବେହେରା (୧୯) ଓ ହାଟଡ଼ିହି ଗ୍ରାମର ବଳରାମ ରାଉତ (୨୦)। ସେମାନଙ୍କ ନିକଟରୁ ପୁଲିସ ୮,୬୪,୭୦୦ଟଙ୍କା, ଦୁଇଟି କାର୍, ୭ଟି ମୋବାଇଲ୍ ଓ ୪ଟି ତେଲେଙ୍ଗା କଟୁରି ଜବତ କରିଛି। ଏନେଇ ବୈଶିଙ୍ଗା ପୁଲିସ ଏକ ମାଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଏହି ଘଟଣାରେ ପୁଲିସ ଜଣେ ପ୍ରାକ୍ତନ କନେଷ୍ଟବଲଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଶନିବାର ଅପରାହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ପୁଲିସ୍ ସୂଚନାନୁଯାୟୀ, ବାରିପଦା ସହରର ଷ୍ଟେସନ୍ ବଜାର ଅଞ୍ଚଳର ସୁନୀଲ ଅଗ୍ରୱାଲଙ୍କ ବୈଶିଙ୍ଗା ଅଞ୍ଚଳରେ ଏକ ରାଇସ୍ ମିଲ୍ ରହିଛି। କିଛି ଲୋକଙ୍କ ସହ ମିଶି ସେ ବେତନଟୀ ବ୍ଲକ ଅଞ୍ଚଳରେ ଏକ ଜମି କାରବାର କରିଥିଲେ। ଉକ୍ତ ଜମି କାରବାର ଭାଗ ଟଙ୍କା ଦେବେ ବୋଲି ଡିଲ୍ ହୋଇଥିଲା। କିନ୍ତୁ ଜମି କାରବାର ପରେ ସୁନୀଲ ଟଙ୍କା ଦେଇନଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ମାରପିଟ୍, ଗଣ୍ଡଗୋଳ ହୋଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଡିଲ୍ ଟଙ୍କା ଆଦାୟ କରିବା ପାଇଁ ସମସ୍ତ ଗ୍ରୁପ୍ ସଦସ୍ୟମାନେ ତାଙ୍କୁ ଅପହରଣ କରି ମୁଣ୍ଡ ଜାମିନରେ ଟଙ୍କା ଆଦାୟ କରିବାର ଯୋଜନା କରିଥିଲେ। ତେଣୁ ସୁନୀଲଙ୍କୁ ଯୋଜନା କରି ଅପହରଣ କରିନେଇଥିଲେ।

ଗତ ଅକ୍ଟୋବର ୨୩ରେ ସୁନୀଲ କାର୍‌ରେ ବାରିପଦାରୁ ବାଲେଶ୍ୱର ଯାଉଥିବା ବେଳେ ଦୁର୍ବୃତ୍ତମାନେ ଦୁଇଟି କାର ଓ ଦୁଇଟି ବାଇକରେ ତାଙ୍କୁ ପିଛା କରିଥିଲେ। ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ୍ ନିକଟରେ ସେମାନେ ତାଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଚେତାଶୂନ୍ୟ କରିବା ପରେ ଅପହରଣ କରି ରୁପ୍ସା ନେଇଯାଇଥିଲେ। ସେଠାରେ ସେମାନେ ସୁନୀଲଙ୍କୁ ବନ୍ଧୁକ ଓ କଟୁରି ଦେଖାଇ ଭୟଭୀତ କରିବା ସହ ମୁକ୍ତ କରିବା ପାଇଁ ତାଙ୍କ ପରିବାରଲୋକଙ୍କୁ ୨ କୋଟି ଟଙ୍କା ଦାବି କରିଥିଲେ। ତେବେ କଥା ୮୦ଲକ୍ଷରେ ଛିଡ଼ିଥିଲା। ପରିବାରଲୋକେ ଶୁକ୍ରବାର ୮୦ଲକ୍ଷ ଟଙ୍କା ନେଇ ସୁନୀଲଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ। ଅପହରଣକାରୀମାନେ ଟଙ୍କା ନେଇ ସୁନୀଲଙ୍କୁ ଛାଡ଼ି ଦେଇଥିଲେ। କିନ୍ତୁ, ପରେ ଅପହରଣକାରୀମାନେ ଜାଣିବାକୁ ପାଇଥିଲେ ଯେ ସୁନୀଲଙ୍କ ପରିବାରଲୋକ ତାଙ୍କୁ ୮୦ ଲକ୍ଷ ବଦଳରେ ୪୦ଲକ୍ଷ ଟଙ୍କା ଦେଇ ଠକି ଦେଇଛନ୍ତି। ତେଣୁ ସେମାନେ ବାକି ଟଙ୍କା ଦେବାକୁ ପୁଣି ଫୋନ୍‌ରେ ଧମକ ଦେଇଥିଲେ। କିନ୍ତୁ ପରିବାରଲୋକେ ଏ ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ।

ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସପି ଓ ବେତନଟୀ ଏସ୍‌ଡିପିଓଙ୍କ ନେତୃତ୍ୱରେ ବେତନଟୀ, ବୈଶିଙ୍ଗା, ମୋରଡା, ରାସଗୋବିନ୍ଦପୁର ଥାନା ଅଧିକାରୀଙ୍କୁ ନେଇ ଗଠିତ ପୁଲିସ ଟିମ ଚଢ଼ଉ କରି ରୁପ୍‌ସା ଅଞ୍ଚଳରୁ ୪ଜଣ ଅପହରଣକାରୀଙ୍କୁ ଧରିଥିଲେ। ଘଟଣାର ତଦନ୍ତ ଜାରି ଥିବାବେଳେ ମୁଖ୍ୟ ସୂଚନାଦାତା ପ୍ରାକ୍ତନ କନେଷ୍ଟବଲ ଦାମା ଓରଫ ଦାମୋଦର ପାତ୍ର ସହିତ ୫ଜଣ ସମ୍ପୃକ୍ତ ରହିଛନ୍ତି। ଦାମ ପାଖରେ ବାକି ଟଙ୍କା ଥିବା କୁହାଯାଉଛି। ସେ ସ୍ୱେଚ୍ଛାକୃତ ଅବସର ନେଇ ଜମି କାରବାରରେ ଲିପ୍ତ ରହିଛନ୍ତି। ଅନ୍ୟ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ, ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରୁଣୀ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏମ୍‌କେସିଜି ମେଡିକାଲରେ ପୁଣି ରାଗିଂ

ବ୍ରହ୍ମପୁର, ୧।୧୧ (ସମିସ): ଏମ୍‌କେସିଜିରେ ପୁଣି ରାଗିଂ। ମେଡିକାଲ କଲେଜ ହଷ୍ଟେଲ ୨ ଓ ୩ ନମ୍ବରର ୫ଜଣ ସିନିୟର୍ ଛାତ୍ର କିଛି ଜୁନିୟର୍ ଛାତ୍ରଙ୍କୁ ରାଗିଂ କରିଥିବା ନେଇ ଦିଲ୍ଲୀସ୍ଥିତ ଆଣ୍ଟି ରାଗିଂସେଲ୍ ନିକଟରେ ଅଭିଯୋଗ ହୋଇଛି। ଜୁନିୟର୍ ଛାତ୍ରଙ୍କୁ ସେମାନେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ଆଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଆଣ୍ଟି ରାଗିଂ କମିଟିର ଏକ ଜରୁରି ବୈଠକ ବସିଥିଲା। ଏଥିରେ ବିଭିନ୍ନ ବର୍ଷର ବହୁ ଛାତ୍ରଛାତ୍ରୀଙ୍କୁ ଡାକି ସେମାନଙ୍କ ମତାମତ ସଂଗ୍ରହ କରାଯାଇଥିଲା। ତେବେ କୌଣସି ସିନିଅର ଛାତ୍ର ଜୁନିୟର୍ ଛାତ୍ରଙ୍କୁ ରାଗିଂ କରି ନଥିବା ନେଇ ମତ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ, ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି ଯେ ପୂର୍ବରୁ ମଧ୍ୟ ଏଭଳି ଅନେକ ଅଭିଯୋଗ ଆସିଛି, କିନ୍ତୁ ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ବାରମ୍ବାର ଏଭଳି ମିଥ୍ୟା ଅଭିଯୋଗ ଦ୍ୱାରା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ବଦ୍‌ନାମ ମୁଣ୍ଡାଉଛି। ସେହିପରି, ଛାତ୍ରଛାତ୍ରୀମାନେ ତଦନ୍ତ ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରିବା ସହ ମାନସିକ ସ୍ତରରେ ଦୁର୍ବଳ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ଆସୁଥିବା ବେଳେ ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ

- ବସିଲା ଆଣ୍ଟି ରାଗିଂ କମିଟି ବୈଠକ; ଚିହ୍ନଟ ହେଉନି ଅଭିଯୋଗକାରୀ
- ମିଛ ଅଭିଯୋଗକୁ ନେଇ ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ

କରାଯାଉନାହିଁ। ତେଣୁ ତୁରନ୍ତ ଏହି ଘଟଣାର ତଦନ୍ତ କରିବା ସହ ଅଭିଯୋଗକାରୀଙ୍କୁ ଚିହ୍ନଟ କରିବାକୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଆଜିର ଏହି ବୈଠକରେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସୋମବାରରୁ ହାଇକୋର୍ଟ ୩ ଦିନ ଛୁଟି



କଟକ,୧।୧୧(ସମିସ): ଆସନ୍ତା ସୋମବାର ନଭେମ୍ବର ୩ ତାରିଖରେ ହାଇକୋର୍ଟ ଛୁଟି ରହିବ। ସେହିପରି ବଡ଼ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ନଭେମ୍ବର ୪ ଓ ୫ ତାରିଖ ମଧ୍ୟ ଛୁଟି ରହିବ। ଚାଲିଥିବା କାର୍ତ୍ତିକ ବ୍ରତ ପାଇଁ ୩ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ଏହା ବଦଳରେ ନଭେମ୍ବର ୨୯ ତାରିଖ ଶନିବାର ଦିନକୁ କୋର୍ଟ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଏନେଇ ହାଇକୋର୍ଟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟ ଗୁରୁବାର ଦିନ ଖୋଲିବ।

**ଚେକ୍ ବାଉନ୍ସ ମାମଲା**

# ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କୁ ୨ ବର୍ଷ ଜେଲ୍, ୫୦ ଲକ୍ଷ ଜରିମାନା

ବ୍ୟାସନଗର, ୧।୧୧ (ସମିସ): ଯାଜପୁର ରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ସିଭିଲ ଜଜ୍ ତଥା ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ବିରଜା ପ୍ରସାଦ ପଣ୍ଡା ଶନିବାର ଏକ ଅର୍ଥନୈତିକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ମ୍ୟାନେଜର୍ ଗୌରୀପ୍ରସାଦ ଦାସଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୨ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଦଳା ମହିଳା କଲେଜ ନିକଟରେ ରହୁଥିବା ଉଦୟ ଚନ୍ଦ୍ରିକା ପେସାରେ ଜଣେ ଠିକାଦାର। ସେ ଯାଜପୁର ରୋଡ୍‌ରେ ଥିବା ଅର୍ବାନ କୋ ଅପରେଟିଭ ବ୍ୟାଙ୍କରେ ତାଙ୍କ ଠିକାଦାର କାର୍ଯ୍ୟର ଅର୍ଥନୈତିକ କାରବାର କରିଥାନ୍ତି। ଏହି ଅବସରରେ ସେଠାରେ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଗୌର ପ୍ରସାଦ ଦାସ ଉଦୟ ଚନ୍ଦ୍ରିକାଙ୍କ ସଂସ୍ପର୍ଶରେ ଆସିବା ସହିତ ୨୦୧୮ ଅଗଷ୍ଟ ମାସରେ ତାଙ୍କଠାରୁ ୨୫ଲକ୍ଷ ଟଙ୍କା ସହାୟତା କରଜ ରାଶି ନେବା ସହିତ ୨୦୧୮ ନଭେମ୍ବର ମାସରେ ଏହି ଅର୍ଥ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସେ ଅର୍ବାନ ବ୍ୟାଙ୍କ କଟକ ତିନିକୋଣିଆ ବଗିଚାର ୧୨୩୦୯୦ ନଂ. ଚେକ୍ ତା ୯-୧୧-୨୦୧୮ ର ସମ୍ପୃକ୍ତ ମହିଳା ଠିକାଦାରଙ୍କୁ ପ୍ରଦାନ କରିଥିଲେ। ତେବେ ସମ୍ପୃକ୍ତ ଠିକାଦାର ବ୍ୟାଙ୍କ ମ୍ୟାନେଜର ଦେଇଥିବା ଚେକ୍ ନିଜ ଖାତାରେ ଲଗାଇବାରୁ ଏହା ବାଉନ୍ସ ହୋଇଯାଇଥିଲା। ଏନେଇ ସମ୍ପୃକ୍ତ ମହିଳା ଠିକାଦାର ଚିଠି ପଠାଇବା ପରେ କିଛି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଦାଲତ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗୌରୀ ପ୍ରସାଦ ଦାସଙ୍କୁ ୫୦ଲକ୍ଷ ଟଙ୍କା ଜରିମାନା ସମେତ ୨ ବର୍ଷ କାରାଦଣ୍ଡ, ଅନାଦେୟ ଆଉ ୨ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଠିକାଦାର ଉଦୟ ଚନ୍ଦ୍ରିକାଙ୍କ ତରଫରୁ ଯାଜପୁର ରୋଡ୍ କୋର୍ଟର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କ ତରଫରୁ ଆଇନଜୀବୀ ସୁବାସ ଚନ୍ଦ୍ର ନନ୍ଦ ମାମଲା ପରିଚାଳନା କରୁଥିଲେ।

# ଅଚେତ କରି ବିଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ



- ଅଫିସରୁ ଫେରୁଥିବା ବେଳେ ବାଟରୁ ଟେକିନେଲେ
- ୨ ଯୁବକ ଅଟକ

ସୋନପୁର, ୧।୧୧ (ସମିସ): ସୁବର୍ଣ୍ଣପୁରରେ ଲଜ୍ଜା। ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ୍ ହିକୁଡି ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ଶୁକ୍ରବାର ସଂଧ୍ୟାରେ ୨୦ ବର୍ଷୀୟା ଏହି ଯୁବତୀଜଣଙ୍କ ଅଫିସ୍ ସାରି ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ତାଙ୍କୁ ଅଚେତ କରି ଏକ ବିଲ ମଝିକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ଯୁବତୀଜଣଙ୍କ ଆଜି ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ପୁଲିସ ୨ଜଣ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି।

ଅପରପକ୍ଷେ, ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ଯୁବତୀଜଣଙ୍କ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଗତକାଲି ସଂଧ୍ୟାରେ ସେ ଅଫିସ୍‌ରୁ ଘରକୁ ଫେରୁଥିବା ବେଳେ ହିକୁଡି ଆଇଟିଆଇ କଲେଜ ପାଖ ବନ୍ଧ ନିକଟରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଏକ ତରଳ ପଦାର୍ଥ ସ୍ପ୍ରେ କରିଦେଇଥିଲେ। କିଛି ସମୟ ମଧ୍ୟରେ ଯୁବତୀଜଣଙ୍କ ଚେତାଶୂନ୍ୟ ହୋଇଯିବା ପରେ ଯୁବକମାନେ ତାଙ୍କୁ ଏକ ବିଲ ମଧ୍ୟକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ସେ ଘଟଣା ବିଷୟରେ ଜାଣିପାରିଥିଲେ। ଖବର ପାଇ ପ୍ରଥମେ ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ ରଥ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ସେ ଉଚ୍ଚ ପୁଲିସ ଅଧିକାରୀଙ୍କୁ ଜଣାଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାଏକ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ, ବୀରମହାରାଜପୁର ଥାନାଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଶୁକ୍ରବାର ରାତିସାରା ତନାଘନା କରିଥିଲେ। ଶନିବାର ସକାଳେ ଯୁବତୀଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୀଡ଼ିତାଙ୍କ ଜଣେ ଅତି ନିକଟତମ ସମ୍ପର୍କୀୟ ବନ୍ଧୁ ଏଭଳି କରିଥିବା କୁହାଯାଉଛି।

# ବସ୍ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ମକଡ୍ରିଲ୍

କଟକ, ୧।୧୧ (ସମିସ): ବସ୍ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ସଂକ୍ରାନ୍ତରେ ଆଜି ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ଅଗ୍ନି ନିରାପତ୍ତା ସଚେତନତା ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା ଗାଇଡଲାଇନ୍ ଓ ଏହାର ଆବଶ୍ୟକତା ସଂପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଥିଲା। ଆଗାମୀ ତିନିଟି ଶନିବାର ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ଆର୍‌ଟିଓଙ୍କ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମସ୍ତ ସ୍ଥାନରେ ପ୍ରଶିକ୍ଷଣ ଶେଷ ପରେ ବସ୍‌ରେ ଅଗ୍ନି ନିରାପତ୍ତା ସଂପର୍କରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ଆଗକୁ ଏନ୍‌ଫୋର୍ସମେଣ୍ଟ

ଅଗ୍ନିଶମ ଓ ଜରୁରୀକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ମାଲିକ ସଂଘ ସହଭାଗିତାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ ବସ୍ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ବୁଝାଇଛନ୍ତି। ଏହାସହ ଯଦି କୌଣସି ଅଘଟଣ ଘଟେ, ତେବେ କିଭଳି ନିଆଁକୁ ନିୟନ୍ତ୍ରଣ କରିହେବ, ସେ ସଂପର୍କରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ, ସୁନ୍ଦରଗଡ଼ ନୂଆ ବସଷ୍ଟାଣ୍ଡ, ରାଉରକେଲା ବସଷ୍ଟାଣ୍ଡ, କୋରାପୁଟ ବସଷ୍ଟାଣ୍ଡ, ସମ୍ବଲପୁର ବସଷ୍ଟାଣ୍ଡ, ଅନୁଗୋଳ ନୂଆ ବସଷ୍ଟାଣ୍ଡ, ତାଳଚେର ବସଷ୍ଟାଣ୍ଡ, ଗଞ୍ଜାମ ଜିଲ୍ଲାର ହଳଦିଆପଦର ବସଷ୍ଟାଣ୍ଡ ଓ ଝାରସୁଗୁଡ଼ା ଫାୟାର୍ ଷ୍ଟେସନ୍‌ରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏ ସଂକ୍ରାନ୍ତରେ ବସ୍ ମାଲିକ ସଙ୍ଘ ସହ ବୈଠକ କରି ଆଲୋଚନା କରିସାରିଛନ୍ତି।

# ମାଓ ନେତା ଆଜାଦଙ୍କ ସଂପର୍କରେ ରିପୋର୍ଟ ମାଗିଲେ ମାନବାଧିକାର ଆୟୋଗ

ଭୁବନେଶ୍ୱର,୧।୧୧(ସମିସ): ଶୁଣାଣିରେ ବିଳମ୍ବ ହେଉଥିବାରୁ ଆମରଣ ଅନଶନ କରିଥିବା ମାଓନେତା ଡି. କେଶବ ରାଓ ଓରଫ ଆଜାଦ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲା ଓଏଚ୍‌ଆରସି(ରାଜ୍ୟ ମାନବାଧିକାର ଆୟୋଗ)ଙ୍କ ନିକଟରେ ପହଞ୍ଚିବା ପରେ ଆୟୋଗ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲାର ରିପୋର୍ଟ ୪ ତାରିଖ ସୁଦ୍ଧା ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମରଣ ଅନଶନରେ ଥିବାରୁ ତାଙ୍କୁ ହେପାଟାଇଟିସ୍ ହୋଇଛି। ତେଣୁ ଏକ ମେଡ଼ିକାଲ ଟିମ୍ ଗଠନ କରି ଚିକିତ୍ସା କରିବାକୁ ମଧ୍ୟ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୁପ୍ରିମ୍‌କୋର୍ଟ ଆଜାଦଙ୍କ ମାମଲାର ଶୁଣାଣି ପାଇଁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଆଇନ୍ ଅନୁସାରେ କଣ କାର୍ଯରୟାନୁଷ୍ଠାନ ନେଇଛ, ତାହା ଜଣାଇବାକୁ ମଧ୍ୟ ଆୟୋଗ କହିଛନ୍ତି। ଆମରଣ ଅନଶନରେ ରହି ଆଜାଦ ଗୁରୁତର ହେବା ପରେ ତାଙ୍କ ଭାଇ ଏବଂ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ପିଟିସନ୍ ଦାଖଲ କରିଥିଲେ। ଏହି ପିଟିସନର ଶୁଣାଣି କରି ଆୟୋଗ ଇତିମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଜେଲ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି।

ଆଜାଦ ଗତ ୧୭ ଦିନ ହେବ ଆମରଣ ଅନଶନ ଜାରି ରଖିଛନ୍ତି। ଆଜାଦଙ୍କ ସମସ୍ତ ମାମଲା ଏକ କମିଟି ଗଠନ କରି ଶୁଣାଣି ଶେଷ କରିବା ପାଇଁ ସୁପ୍ରିମ୍‌କୋର୍ଟ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶ ଆଧାରରେ ଆନ୍ଧ୍ର ସରକାର କମିଟି ଗଠନ କରିଥିବା ବେଳେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ କରିନାହାଁନ୍ତି। ପୂର୍ବରୁ ମଧ୍ୟ ସେ ଏନେଇ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଚିଠି ଲେଖି ଜଣାଇଥିଲେ। କିଛି ଫଳ ନମିଳିବାରୁ ସେ ଆମରଣ ଅନଶନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମାଓନେତା ଆଜାଦ ଓଡ଼ିଶାରେ ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତି ମାମଲାରେ ଝାରପଡା ଜେଲରେ ଅଛନ୍ତି। ମେ' ୧୮, ୨୦୧୧ରେ ଆଜାଦ ଆନ୍ଧ୍ରପ୍ରଦେଶ ପୁଲିସ ଡିଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହା ପରେ ଓଡ଼ିଶା ପୁଲିସ ଆଜାଦଙ୍କୁ ଗିରଫ କରିଥିଲା। ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ଘଟଣା, ନୟାଗଡ ଅସ୍ତ୍ରାଗାର ଲୁଟ, ଆର.ଉଦୟଗିରି ଜେଲ ଆକ୍ରମଣ ପରି ବହୁ ବଡ଼ ବଡ଼ ହିଂସା କାଣ୍ଡରେ ଆଜାଦଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ରହିଛି।

- ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜେଲ ଡିଜିଙ୍କୁ ନୋଟିସ
- ମେଡିକାଲ ଟିମ୍ ଗଠନ କରି ଚିକିତ୍ସା କରାଅ: ଆୟୋଗ

ତେବେ ୧୪ବର୍ଷ ଧରି ଜେଲରେ ରହିଥିବାରୁ ଆଜାଦଙ୍କ ସମ୍ପର୍କୀୟ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ସ୍ପେଶାଲ କୋର୍ଟ ଗଠନ କରି ମାଓ ସମ୍ପର୍କିତ ମାମଲାର ବିଚାରଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏକ ବର୍ଷ ମଧ୍ୟରେ ସମସ୍ତ ମାମଲାର ବିଚାର କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ସେପ୍ଟେମ୍ବର ପହିଲାରୁ ଶୁଣାଣି ଆରମ୍ଭ ହେବାର ଥିଲା। ଏବେ ଶୁଣାଣି ଆରମ୍ଭ ହୋଇ ନଥିବାରୁ ଆମରଣ ଅନଶନ ଆରମ୍ଭ କରିଛି ଆଜାଦ।

# 'ସୁଭଦ୍ରା ଶକ୍ତିମେଳା-୨୦୨୫' ଉଦ୍‌ଘାଟିତ

ଭୁବନେଶ୍ୱର, ୧।୧୧(ସମିସ): 'ସୁଭଦ୍ରା ଶକ୍ତି ମେଳା' କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ; ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା ବୋଲି 'ସୁଭଦ୍ରା ଶକ୍ତି ମେଳା' ଦ୍ୱିତୀୟ ସଂସ୍କରଣକୁ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା ରହିଛି ବୋଲି ସେ କହିଥିଲେ।

ଆସନ୍ତା ୧୨ ତାରିଖ ଯାଏଁ ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଏଥିସହିତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଆଦି ୧୧ଟି ରାଜ୍ୟରୁ ନିମନ୍ତ୍ରିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦକୁ ଷ୍ଟଲ୍‌ରେ ପ୍ରଦର୍ଶନ କରିଛନ୍ତି। ଉଦ୍ଘାଟନୀ ଉତ୍ସବରେ ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ଗିରିଶ ଏସ.ଏନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଗଣନା -୨୦୨୭ ପାଇଁ ନିଯୁକ୍ତ ହେଲେ ପ୍ରମୁଖ ଜନଗଣନା ଅଧିକାରୀ

ଭୁବନେଶ୍ୱର,୧।୧୧(ସମିସ): ଆସନ୍ତା ୨୦୨୭ ଜନଗଣନା ପ୍ରରିପେକ୍ଷୀରେ ରାଜ୍ୟ ସରକାର ପ୍ରମୁଖ ଜନଗଣନା ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମର କମିସନରଙ୍କୁ ନିଜ ନିଜ ଜିଲ୍ଲା ଏବଂ ମହାନଗର ନିଗମର ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଅନାହାରରେ ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ଘଟଣା**

# ରାଜ୍ୟପାଳଙ୍କୁ କଂଗ୍ରେସ ପ୍ରତିନିଧି ଦଳର ୪ଦଫା ଦାବିପତ୍ର

ଭୁବନେଶ୍ୱର, ୧।୧୧(ସମିସ): ଖାଦ୍ୟାଭାବରୁ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ରାସୋଳ ପଞ୍ଚାୟତର ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ଘଟଣାରେ ଶନିବାର ପ୍ରଦେଶ କଂଗ୍ରେସର ୧୭ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ମାଙ୍କିଡିଆମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ ସାମିଲ କରିବା, ଥଇଥାନ କରିବା, ପକ୍କାଘର ଓ ବିଶୁଦ୍ଧ ପାଣି ଯୋଗାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ଗାଁକୁ ରାସ୍ତା ଏବଂ ଜଙ୍ଗଲ ଜମି ଯୋଗାଇ ଦେବା ପାଇଁ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଖାଇବାକୁ ନ ପାଇ ରିସା ମାଙ୍କଡ଼ିଆ ମୃତ୍ୟୁ ଘଟଣାରେ ପ୍ରଦେଶ କଂଗ୍ରେସ ଏକ ସତ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଥିଲା। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ଦଳର ଉପନେତା ଅଶୋକ ଦାସଙ୍କ ନେତୃତ୍ୱରେ ଗତ ୨୮ ତାରିଖରେ ଏହି ପ୍ରତିନିଧି ଦଳର ସଦସ୍ୟମାନେ ମଲ୍ଲାହାର ସାହିକୁ ଯାଇ ପୀଡ଼ିତଙ୍କ ପରିବାରକୁ ଭେଟିଥିଲେ। ଏନେଇ ଜିଲ୍ଲା କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ୩୦ ତାରିଖ ଦିନ ଯାଜପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ହେଲେ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପ୍ରତିନିଧି ଦଳର ସଦସ୍ୟମାନେ ଆଜି ରାଜ୍ୟପାଳଙ୍କୁ ଭେଟିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ଦେବାଶିଷ ନାୟକ, ସୃଜନ ଅଭିଯାନର ଉପାଧ୍ୟକ୍ଷ ସୁଧାଂଶୁ ଦେଓ, ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା, ଯାଜପୁର ଜିଲ୍ଲା ସଭାପତି ମାଗୁଣି ଚରଣ ଜେନା, ଏଆଇସିସି



ସଭ୍ୟ ମଧୁସ୍ମିତା ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ସଭାପତି ମନୋଜ ରାଉତ, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ୱର୍ଣ୍ଣ ବନାରା, ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ହିନ୍ଦୁ ଜାମୁଦା ଏବଂ କଂଗ୍ରେସ ନେତା ବିଭୁ ପ୍ରସାଦ ରାଉତଙ୍କ ସମେତ ସୁକିନ୍ଦାର ବହୁ କଂଗ୍ରେସ କର୍ମୀ ସାମିଲ୍ ଥିଲେ।

# ଗୁଣି ଗାରେଡ଼ି ସନ୍ଦେହ ନେଲାଣି ୧୨୨୧ ଜୀବନ

ଭୁବନେଶ୍ୱର,୧।୧୧(ସମିସ): ରାଜ୍ୟରେ ପ୍ରତିଦିନ ଗୁଣିଗାରେଡ଼ି ପାଇଁ ଏକାଧିକ ଜୀବନ ଯାଉଛି। ଲୋକ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକଙ୍କୁ ହତ୍ୟା କରୁଛନ୍ତି। ଏହାକୁ ରୋକିବାକୁ ପୁଲିସ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥିଲେ ମଧ୍ୟ ସଫଳ ହୋଇପାରୁନି। ଯେଉଁଥି ପାଇଁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆରସି) ଅନ୍ୟ ରାଜ୍ୟ ଭଳି ବ୍ଲାକ୍ ମ୍ୟାଜିକ୍ ଆଇନ୍ ଆଣିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି।

ଗୁଣିଗାରେଡ଼ି ଯୋଗୁଁ ୨୦୦୧ରୁ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ହଜାର ୨୨୧ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହି ତାଲିକାରେ ଗଞ୍ଜାମ,ମୟୂରଭଞ୍ଜ, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି ଆଗରେ ଥିବା ଜଣାପଡିଛି। ଏହି ଅଞ୍ଚଳରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଯୋଗୁଁ ସର୍ବାଧିକ ହତ୍ୟାକାଣ୍ଡ ଘଟୁଛି। ଗୁଣିଗରାରେଡ଼ି, ଖଟବୁଲା, କୁଲାବୁଲା, ନଖଦର୍ପଣ ଆଦି କଳାଯାଦୁକୁ ଧର୍ତ୍ତବ୍ୟ ଅପରାଧ ଦର୍ଶାଇ ୨୦୧୩ ମସିହାରେ ଗୁଣି ଗାରେଡ଼ି ବିଲୋପ ପାଇଁ ସରକାର ତିଆରି କରିଥିଲେ 'ଓଡ଼ିଶା ପ୍ରିଭେନ୍ସନ୍ ଅଫ୍ ଉଇଚ୍ ହଣ୍ଟିଂ' ଆଇନ୍। ମାତ୍ର ତାହା ଏବେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହୋଇପାରୁନି। ଏହି ଆଇନ୍ ଅନୁସାରେ ଡାହାଣୀ କହି କାହାରିକୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ।

ନିକଟରେ ୨୦୧୫ ମାସରେ ଗଜପତି ଜିଲ୍ଲାରେ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଜଣେ ବ୍ୟକ୍ତିକୁ ୧୪ଜଣ ମିଶି ହତ୍ୟା କରିଥିଲେ। ଏପରିକି ଶରୀରର ବିଭିନ୍ନ ଅଂଶକୁ କାଟି ହରଭାଙ୍ଗି ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ। ୨୦୨୪ ଅଗଷ୍ଟ ମାସରେ ଯାଜପୁର ଜିଲ୍ଲାରେ ସଲୁକୁ ହାଁସଦା ନାମକ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ୬ଜଣ ମିଶି ହତ୍ୟା କରିଥିଲେ। ଗୁଣି ପାଇଁ ଗାଁରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟୁଥିବା ସନ୍ଦେହ କରିଥିଲେ ଅଭିଯୁକ୍ତମାନେ। ସେହିଭଳି ୨୦୨୪ରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଇଚ ଗାଁରେ ଜଣେ ଯୁବତୀଙ୍କ ପରିବାର ଲୋକ ଗୁଣିଆ ପାଖକୁ ନେଇଥିଲେ। ସେ ତାଙ୍କୁ ଭଲ କରିବା ଆଳରେ ତାଙ୍କ ମୁଣ୍ଡରେ ୭୩ଟି ଛୁଞ୍ଚି ଭୁସିଥିଲେ। ୨୦୨୪ ଜୁଲାଇରେ ଗତ ୪ତାରିଖରେ ବାଲେଶ୍ୱର ଔପଦ ଥାନା ଅଧୀନ ବରପଦା ଗ୍ରାମରେ ଗୁଣି ଗାରେଡ଼ି ପାଇଁ ୩ଜଣଙ୍କୁ ହତ୍ୟା କରାଯାଇଥିଲା।

ଅନ୍ୟପଟରେ ମହାରାଷ୍ଟ୍ରଭଳି ରାଜ୍ୟରେ ବ୍ଲାକ୍ ମ୍ୟାଜିକ୍ ଆଇନ୍ ଆଣିବା ପାଇଁ ଦାବି ହେଉଛି। ୨୦୧୩ ମସିହାରେ ମହାରାଷ୍ଟ୍ର ବିଧାନସଭାରେ ଏହି ଆଇନ୍ ପାରିତ ହେବା ପରେ ଆଇନ୍ କାର୍ଯ୍ୟକାରୀ ହେଉଛି। ବ୍ଲାକ୍ ମ୍ୟାଜିକ୍ କଲେ ୭ ବର୍ଷ ଜେଲ ଦଣ୍ଡ ସହ ୫ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ନିୟମ ରହିଛି। ତେଣୁ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟ ପରି ଓଡ଼ିଶାରୁ ଏହି ଆଇନ୍ ଲାଗୁ କରାଯିବାକୁ ଅନେକ ମାନବାଧିକାର ଆୟୋଗ ଏବଂ ସାମାଜିକ ଅନୁଷ୍ଠାନ ଦାବି କରୁଛନ୍ତି। ଏଭଳି ଆଇନ୍ ଆଣିବା ପାଇଁ ଏନେଇ ମାନାବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଆୟୋଗଙ୍କ ନିକଟରେ ପିଟିସନ୍ କରିଛନ୍ତି। ଆୟୋଗ ଏହି ପିଟିସନର ଆଗାମି ଦିନରେ ଶୁଣାଣି କରିବେ ବୋଲି ଜଣାପଡ଼ିଛି।

- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ସର୍ବାଧିକ ପ୍ରଭାବିତ
- ଗୁଣିଗାରେଡ଼ି ରୋକିବାକୁ ଆଇନ ଆହୁରି କଠୋର ହେଉ



# ଖଳନାୟକ ଭୂମିକାରେ 'ଶୁଭମ୍'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ତେବେ ମୁଖ୍ୟ ଆକର୍ଷଣ ହେଲା ଫିଲ୍ମରେ ଖଳନାୟକ ଚରିତ୍ରରେ ନବାଗତ ଅଭିନେତା ଶୁଭମ୍ ପାଢ଼ୀ ଏଣ୍ଟ୍ରି କରିଛନ୍ତି । ଶୁଭମ ପୂର୍ବରୁ ଦୁଇଟି ଫିଲ୍ମ 'କେମିତି କହିବି ମୁଁ' ଓ 'ଶ୍ରୀମାନ ଶ୍ରୀଯୁକ୍ତ'ରେ ଅଭିନୟ କରିସାରିଛନ୍ତି । ତେବେ ଓଲିଉଡ୍‌ରେ ଖଳନାୟକର ଅଭାବ ଥିବା ବେଳେ ଆଉ ଜଣେ ନୂଆ ଖଳନାୟକ ଶୁଭମ୍‌ଙ୍କର ଏଣ୍ଟ୍ରି ନିଶ୍ଚିତ ଏହି ଅଭାବକୁ ପୂରଣ କରିବ । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲକ୍ଷେଶ୍ୱର ପ୍ରଡକସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ । କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି । ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଣାରାଣୀ ଦାଶ ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି । ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ । ସିନେମାଟିରେ ଭରପୂର କମେଡ଼ି ମଧ୍ୟ ଅଛି । ଏହି ଫିଲ୍ମରେ ଗାଁ ପରିବେଶ ତଥା ମାଟିର ବାସ୍ନା ଅନୁଭବ କରି ହେବ । ■

**ପରଦା ପଛର କାହାଣୀ**



# 'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ରହିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେଭଳି ଜଣେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରଟିରେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର୍, ଶ୍ରୀଦେବୀ ଓ ସତୀଶ୍ କୌଶିକ୍‌ଙ୍କ ଲୋକପ୍ରିୟ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ । ନିକଟରେ କଷ୍ଟ୍ୟୁମ୍ ଡିଜାଇନ୍‌ର ମାଧବ ଅଗସ୍ତି ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାରଡମ୍ : ଫର୍ ଆଇକନ୍ସ, ଅନ୍ ଆଣ୍ଡ ଅଫ୍‌ସ୍କ୍ରିନ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ଦୋକାନକୁ ଆସିଥିଲେ । ଆଉ ତାଙ୍କୁ କହିଥିଲେ "ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଉଭୟ ବିଦେଶୀ ଏକଛତ୍ରବାଦୀ ଶାସନ ଓ ଦେଶୀ ଜମିଦାରୀର ସ୍ପର୍ଶ ଥିବ ।" ଏଥିପାଇଁ ମଧାବ ବିଦେଶୀ ଖବରକାଗଜ, ପତ୍ରିକା ଏବଂ ଫିଲ୍ମ ଇତିହାସର ପୁସ୍ତକ ଉପରେ ଗବେଷଣା କରିଥିଲେ । ଅନେକ ପେପର୍ କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ ବେଶ୍ ଖୁସି ହୋଇଥିଲେ । ପୋଷାକ ପ୍ରସ୍ତୁତ କରିବାକୁ ମାଧବ ପାରିଶ୍ରମିକ ବାବଦକୁ ୨୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୃଜନଶୀଳତା ଦେଖି ଖୁସି ହୋଇ ମାଧବଙ୍କୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■



# ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍‌ମିଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ଦୁହେଁ 'ଥ୍ୟାଙ୍କ ୟୁ', 'ୱେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେଣୁ ଏବେ ଏହି ଯୋଡ଼ିଙ୍କୁ ପୁଣି ଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ତେବେ ଫିଲ୍ମଟିର ବିଶେଷତ୍ୱ ହେଉଛି ଏହା ଡବଲ୍ ରୋଲ୍ ଉପରେ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏହା ଡବଲ ରୋଲ୍ ଉପରେ ଆଧାରିତ କୌଣସି କମେଡ଼ି ସିନେମା ନୁହେଁ, ବରଂ ଏହା ଏକ ନୂଆ ପାରିବାରିକ ଡ୍ରାମା ଉପରେ ପର୍ଯ୍ୟବସିତ । ଅନ୍ୟପଟେ ପୂର୍ବରୁ କୁହାଯାଉଥିଲା ଅନୀସ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଡବଲ୍ ରୋଲ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଥମେ କାର୍ତ୍ତିକ ଆର୍ଯ୍ୟନ, ରଣବୀର କପୁର, ରଣବୀର ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ହେଲେ ଏବେ ସିନେମା ଲାଗି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବେ ଏହା ପ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପଟେ ଫିଲ୍ମ ନିର୍ମାତା ଫିଲ୍ମ ସହ ଜଡ଼ିତ ଅନ୍ୟ ତଥ୍ୟ ଗୋପନ ରଖିଛନ୍ତି । ■

# 'ଜେମ୍ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ନିକଟ ତାମ୍ପରାଠାରେ 'ଜେମ୍ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସୁନୀତା ୱାଧବନ, ଶ୍ରୀମତୀ ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେୱଙ୍ଗନ, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଣ୍ଡଳ, ଆୟୋଜକ ଉମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ଶ୍ରୀଶକ୍ତି । ରାଣୀ ବର୍ଗରେ ସମ୍ବଲପୁରର ଝିଅ ଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱରର ଡାକ୍ତର ମୋନାଲିସା ମିଶ୍ର ପ୍ରଥମ ରନର୍ ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ଼ର ମହିମା ସହାରେ ଏବଂ ତେଷା ୱିନର ହୋଇଥିବା ବେଳେ ମାଳତୀ ଜଇଶ୍ୱାଲ ଏବଂ ଭୈରବୀ ପ୍ରଥମ ରନର ଅପ୍ ଏବଂ ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରାକୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରର ଜେମ୍ସ ଅଫ୍ ଓଡ଼ିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବେଙ୍ଗାଲୁରୁର ବିଭିନ୍ନ ବର୍ଗର ମହିଳା, ଯୁବତୀ, ଏପରିକି ଦିବ୍ୟାଙ୍ଗମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟରେ ତାଲିମ ଦିଆଯାଇଥିଲା । ତେବେ ଜୁରୀମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ୍ ରାଉଣ୍ଡରେ ଭାଗ ନେଇଥିଲେ । ■



# 'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଖାନ୍ନା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଉପରୁ ପରଦା ହଟିଛି । ପ୍ରଶାନ୍ତ ପ୍ରଥମ ମହିଳା ସୁପରହିରୋ ଭାବେ ଭୂମି ସେଟିଙ୍କୁ ପରିଚିତ କରାଇଛନ୍ତି । ଭୂମି ୨୦୨୧ ମସିହାରେ କନ୍ନଡ଼ ସିନେମା 'ଇକ୍କତ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମ୍‌ଦାର ତଥା ମହାବତାର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଲୋକେ ପସନ୍ଦ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇଗଲାଣି । ଏବେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର ନାଁରୁ ଏକଥା ଏକପ୍ରକାର ସ୍ପଷ୍ଟ ହେଉଛି ଯେ, ଏହା ଦେବୀ କାଳୀଙ୍କ କାହାଣୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■





ସାକ୍ଷାତକାର

# "ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

**ତୃପ୍ତି ମିରାମ୍ବିକା, ଅଭିନେତା**

**ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲେ କଟକର ତୃପ୍ତି ମିରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବଡ଼ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଙ୍ଗଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।**

**ଆପଣ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନାୟିକା ହେବାର ରାଜ୍?**

- ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବହୁତ ସମ୍ମାନ ମିଳିଛି ମୋତେ । ସ୍କୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେଣୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମହାଦେବୀ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅଡିସନ୍ ଦେଇ ପ୍ରଥମ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' କରିଥିଲି । ମୋ ବିପକ୍ଷରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଇଛି ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?**

- ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ହେଲେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୂରା ନୂଆ ଥିଲି । ଭୟ ବି ଲାଗୁଥିଲା । ହେଲେ ସମସ୍ତ ଗୁରୁଜନଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିଥିଲି । ସମୟକ୍ରମେ ମୋର ଅଭ୍ୟାସ ହୋଇଗଲା ।

**ଆଗାମୀ ଯୋଜନା ବିଷୟରେ କିଛି କୁହନ୍ତୁ?**

- ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ପୂର୍ବରୁ ଅମ୍ଲାନ ସାର୍‌ଙ୍କ ସହିତ 'ସମୟ କହିବ କିଏ କାହାର' କରିଥିଲି । ଏହି ସିନେମାକୁ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ଏହାବାଦ୍ ୫ରୁ ୬ଟି ସିନେମାରେ କାମ କରିଛି । ଆଗକୁ ମୋର ସିନେମା 'ଦର୍ପଣ' ରିଲିଜ୍ ହେବ । ଏଥିରେ ସ୍ପିରିଚୁଆଲ ଗୀତ ରହିଛି । ଘଞ୍ଚ ଜଙ୍ଗଲ, ବିଳମ୍ବିତ ରାତିରେ ସୁଟିଂ ହୋଇଛି ସିନେମାଟି । ମୋତେ ଡାହାଣୀ ଲାଗୁଛି, ଯେତେବେଳେ ହୋସ୍ ଆସୁଛି ମୁଁ ଠାକୁରଙ୍କୁ ଡାକୁଛି । ସିନେମା ପାଇଁ ପୂରା ଟିମ୍ ପରିଶ୍ରମ କରିଛୁ । ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଭୂତପ୍ରେତକୁ ନେଇ ତିଆରି ହେଉଥିବା 'ଦର୍ପଣ'କୁ ଦର୍ଶକ ନିଶ୍ଚୟ ଭଲ ପାଇବା ଦେବେ । ଠିକ୍ ସେହିପରି 'ମଙ୍ଗଳପୁର ଡାଏରୀ'ରେ ମୁଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚରିତ୍ର ନିଭାଉଛି । ଏବେ ଏହି ଫିଲ୍ମର ସୁଟିଂ ଚାଲିଛି । ଏହା ଏକ ସସପେନ୍ସ ଥ୍ରିଲର । ଏଥିରେ ଅମ୍ଲାନ ଅଛନ୍ତି । ତେବେ ଦୁଇଟି ସିନେମାର ମୁଁ ମୁଖ୍ୟ ନାୟିକା ।

**ପଢ଼ା ସହ ଅଭିନୟ କରିବାରେ କେବେ ସମସ୍ୟା ହୋଇନି?**

- ବର୍ତ୍ତମାନ ଏମ୍‌ବିଏ ପଢୁଛି । ନିଜ କାମ ଭିତରୁ ସମୟ କାଢ଼ି ପାଠ ପଢ଼େ । ସୁଟିଂ ନଥିଲେ କ୍ଲାସ୍ କରେ । ଅନ୍‌ଲାଇନ୍‌ରେ ବି ପଢ଼େ । ପଢ଼ାରେ କେବେ ଅବହେଳା କରିନି କି କରିବିନି । ସେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଲାଇନ୍‌ରେ ଥିବା ଯାଏଁ ମୁଁ ଅଭ୍ୟାସ କରୁଥିବି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରନ୍ତି?**

- ଅଭିନୟ ନୃତ୍ୟକୁ ବାଦ୍ ଦେଲେ, ପେଣ୍ଟିଂ କରେ । ମୁରୁଜ ପକାଏ । ନୂଆ ନୂଆ ସ୍ଥାନକୁ ବୁଲିବାକୁ ଭଲ ଲାଗେ ।

**ଆପଣଙ୍କ ଡ୍ରିମ୍ ରୋଲ?**

- ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖିଛି । ହେଲେ ଆକ୍ସନ୍ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି । ଯାହା ବି ରୋଲ୍ ମିଳିବ ତାହାକୁ ସୁରୁଖୁରୁରେ କରିବି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

- ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରନ୍ତୁ । ■



ମହିଳା ବିଶ୍ୱକପ୍ କ୍ରିକେଟ

# ଭାରତ-ଦକ୍ଷିଣ ଆଫ୍ରିକା ଗ୍ରାଣ୍ଡ ଫାଇନାଲ ଆଜି

ନଭି ମୁମ୍ବଇ,୧।୧୧(ଏଜେନ୍ସି): ୨୦୨୪ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଖେଳି ନ ଥିଲେ। ଏବେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟରେ ସମାନ କଥା। ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟ୍ରଫି ଜିତିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହେବ। ଏଣୁ ଉଭୟ ଦଳ ମଧ୍ୟରେ ଏହି ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।





**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ:** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ କୌର (ଅଧିନାୟିକା), ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଅମନଜ୍ୟୋତ୍ କୌର, ରାଧା ଯାଦବ/ ସ୍ନେହ ରାଣା, ଶ୍ରୀ ଚରଣି, କ୍ରାନ୍ତି ଗୌଡ଼ ଓ ରେଣୁକା ଠାକୁର।

**ଦକ୍ଷିଣ ଆଫ୍ରିକା:** ଲୌରା ୱଲଭାର୍ଟ (ଅଧିନାୟିକା/ୱିକେଟରକ୍ଷକ), ତାଜମିନ ବ୍ରିଟ୍ସ, ଆନେକେ ବୋଷ୍ଟ/ ମାସାବାତା କ୍ଲାସ୍, ସୁନ ଲ୍ୟୁସ୍, ମାରିଜାନ କାପ୍, ସିନାଲୋ ଜାଫ୍ତା (ୱିକେଟରକ୍ଷକ), ଆନେରି ଡେରେକସନ, ଚୋଲେ ଟ୍ରାୟନ, ନାଦିନ ଡି କ୍ଲେର୍କ, ଆୟାବୋଙ୍ଗା ଖାଖା, ନୋନକୁଲେକୋ ମାଲ୍‌ବା।

## କେମିତି ଖେଳିଛନ୍ତି ପ୍ରତିଦ୍ୱନ୍ଦ୍ୱୀ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟରେ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩ ଦଳଠାରୁ କ୍ରମାଗତ ମୁକାବିଲାରେ ପରାଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବିରାଟ ବ୍ୟବଧାନରେ ହରାଇବା ପରେ ଭାରତକୁ ସେମିଫାଇନାଲ ଟିକଟ ମିଳିଥିଲା। ସେମିଫାଇନାଲରେ ଭାରତ ମହିଳା ଦିନିକିଆ କ୍ରିକେଟରେ ରେକର୍ଡ ୩୩୯ ରନ୍‌କୁ ଚେଜ୍ କରି ବିଶ୍ୱରେକର୍ଡ କରିବା ସହ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ କିନ୍ତୁ ଇଂଲଣ୍ଡ ବିପକ୍ଷରେ ମାତ୍ର ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନ୍‌ରେ ଆଉଟ ହୋଇଥିଲା। ଭାରତ ଓ ବାଂଲାଦେଶ ସ୍ପିନରଙ୍କ ବିପକ୍ଷରେ ଦଳ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ଦୁଇ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ଚୋଲେ ଟ୍ରାୟନ ଦଳର ପରାଜୟକୁ ବିଜୟରେ ପରିବର୍ତ୍ତନ କରିଦେଇଥିଲେ। ସେମିଫାଇନାଲରେ ଦଳ ପରଫେକ୍ଟ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ଶୋଚନୀୟ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏଣୁ ଉଭୟ ଦଳ କିଛି ଦର୍ଶନୀୟ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି।

## ୱଲଭାର୍ଟ ଓ କାପ୍‌ଙ୍କୁ ଭାରତର ଭୟ

ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତଭାବେ ଯେଉଁ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ସେମାନେ ହେଉଛନ୍ତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ତଥା ଓପନର ଲୌରା ୱଲଭାର୍ଟ ଓ ମାରିଜାନ କାପ୍। ଏହି ବିଶ୍ୱକପ୍‌ରେ ଜଣେ ମାତ୍ର ଫାଷ୍ଟ ବୋଲର ଘଣ୍ଟାପ୍ରତି ୧୩୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରିଛନ୍ତି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମାରିଜାନ କାପ୍। ସେ ଭାରତର ଟପ୍ ଅର୍ଡର ବ୍ୟାଟରଙ୍କୁ ବାନ୍ଧି ରଖିବାରେ କାପ୍‌ଙ୍କର ବେଶ ଦକ୍ଷତା ରହିଛି। ଅନ୍ୟପକ୍ଷରେ ୱଲଭାର୍ଟ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୧୬୯ ରନ୍‌ର ଇନିଂସ ଖେଳିବା ସହ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୭୦ ରନ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ଦଳରେ ଅନ୍ୟ ଖେଳାଳିମାନେ ମଧ୍ୟ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ, ଦୁଇ ଅଲରାଉଣ୍ଡର ନାଦିନ ଓ ଚୋଲେ ଭାରତକୁ ହରାଇଛନ୍ତି। ଭାରତୀୟ ଦଳରେ ଏକାଧିକ ତାରକା ଥିଲେ ମଧ୍ୟ ଓପନର ପ୍ରତୀକା ରାୱଲ ଆଘାତଜନିତ କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ଓ ତାଙ୍କ ସ୍ଥାନରେ ଶେଫାଳି ବର୍ମାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଛି। ବିସ୍ଫୋରକ ବ୍ୟାଟିଂ ଲାଗି ଜଣାଶୁଣା ଶେଫାଳି ଯଦି ଏହାର ଫାଇଦା ଉଠାନ୍ତି ତେବେ ତାଙ୍କ କ୍ୟାରିୟର ସଜାଡି ନେବେ। ଭଲ ଫର୍ମରେ ଥିବା ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କଠାରୁ ବଡ଼ ଇନିଂସ ଆଶା କରାଯାଉଛି। ସେମିରେ ନଂ. ୩ରେ ବ୍ୟାଟିଂ କରି ଜେମିମା ଶତକ ସହ ଭାରତର ରେକର୍ଡ ରନ୍ ଚେଜ୍ କରି ଜିତାଇଛନ୍ତି।

## ଫିଲ୍ଡିଂକୁ ନେଇ ଭାରତର ଚିନ୍ତା

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୩୫ଟି କ୍ୟାଚ୍ ନେଇଛି। କିନ୍ତୁ ସର୍ବାଧିକ ୧୮ଟି କ୍ୟାଚ୍ ଡ୍ରପ୍ କରିଛି। ଦଳର ସଫଳତା ହେଉଛି ୬୬ ଶତକଡ଼ା ଓ ଖରାପ କରିଥିବା ଦଳମାନଙ୍କ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ଏହା ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ସର୍ବାଧିକ ୩ଟି ଷ୍ଟମ୍ପିଂ ମିସ୍ କରିଥିଲାବେଳେ ସର୍ବାଧିକ ୬ଥର ଓଭରଥ୍ରୋ କରିଛି। ଦଳର ମିସ୍‌ଫିଲ୍ଡ ୭୪ଥର ହୋଇଛି। ଭାରତକୁ ଟାଇଟଲ ଜିତିବାକୁ ହେଲେ ବ୍ୟାଟିଂ ଓ ବୋଲିଂ ସହ ତୃତୀୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫିଲ୍ଡିଂରେ ମଧ୍ୟ ଉନ୍ନତି କରିବାକୁ ପଡ଼ିବ।

## ସ୍ପିନର ନେବେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୨୦ଟିରେ ଓ ଦକ୍ଷିଣ ଆଫ୍ରିକା ୧୩ଟିରେ ବିଜୟୀ ହୋଇଛି। କୌଣସି ଦଳ ଏକତରଫା ମ୍ୟାଚ୍ ଜିତିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ଉଭୟଙ୍କ ମଧ୍ୟରେ ୬ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୫ଥର ଓ ୨୦୨୨ରେ ଦକ୍ଷିଣ ଆଫ୍ରିକା ମାତ୍ର ଥରେ ବିଜୟୀ ହୋଇଛି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ପରାଜିତ ହୋଇଛି। ସେହିପରି ଗତ ୩ଟି ଭିନ୍ନ ଭିନ୍ନ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ପରାଜିତ ହୋଇଛି। ଭାରତର ୮୦ ଭାଗ ବିଜୟ ସ୍ପିନରଙ୍କ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ଫାଇନାଲ ଜିତିବାକୁ ହେଲେ ଭାରତର ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଦକ୍ଷିଣ ଆଫ୍ରିକାର ଏହି ଗୋଟିଏ ଦୁର୍ବଳତାରୁ ରାଧା ଯାଦବ, ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ଫାଇଦା ଉଠାଇଲେ ଭାରତକୁ ଟାଇଟଲ ମିଳିବା ରାସ୍ତା ପରିଷ୍କାର ହୋଇଯିବ। ଅବଶ୍ୟ ଭାରତୀୟ ଦଳ ସ୍ପିନରମାନଙ୍କୁ ଭଲ ଖେଳିଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ପେସରଙ୍କୁ ମୁକାବିଲା କରିପାରିଲେ ଦଳକୁ ଶ୍ରେଷ୍ଠ ସଫଳତା ମିଳିପାରିବ।

## ବର୍ଷା ହେଲେ ରିଜର୍ଭ ଡେ'

ଫାଇନାଲ ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି କରିଥିଲେ ମଧ୍ୟ ନଭି ମୁମ୍ବଇରେ ଦିନସାରା ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କିନ୍ତୁ ରାତିରେ କମ୍ ବର୍ଷା ହେବ ବୋଲି କୁହାଯାଇଛି। ଖେଳ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଏଣୁ ପଛରେ ବ୍ୟାଟିଂ କରିଥିବା ଦଳକୁ ଏଠାରେ ଫାଇଦା ମିଳିବ। ବର୍ଷା ଯୋଗୁ ଯଦି ଖେଳ ସମ୍ଭବ ନ ହୁଏ, ତେବେ ରିଜର୍ଭ ଡେ ଅର୍ଥାତ୍ ସୋମବାର ଖେଳାଯିବ। ଯେଉଁଠାରୁ ଖେଳ ବନ୍ଦ ରହିବ ସେହିଠାରୁ ରିଜର୍ଭ ଡେ'ରେ ଖେଳ ହେବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ଖେଳ ଆରମ୍ଭ : ଅପରାହ୍ଣ ୩ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

# ଭାରତ-ଅଷ୍ଟ୍ରେଲିଆ ୩ୟ ଟି-୨୦ ଆଜି

ହୋବାର୍ଟ, ୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଟି-୨୦ ସିରିଜର ତୃତୀୟ ମୁକାବିଲାରେ ରବିବାର ଘରୋଇ ଦଳକୁ ଭେଟିବ। ସ୍ଥାନୀୟ ବେଲେରିଭ ଓଭାଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅପରାହ୍ଣ ୧ଟା ୪୫ ମିନିଟରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଏହି ୩ୟ ଟି-୨୦ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶୁକ୍ରବାର ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ଘରୋଇ ଅଷ୍ଟ୍ରେଲିଆ ୪୦ ବଲ୍ ଓ ୪ ୱିକେଟ୍ ବଳକା ଥାଇ ବିଜୟୀ ହୋଇଥିଲା। ଫଳରେ ସିରିଜରେ ଅଷ୍ଟ୍ରେଲିଆ ଏବେ ୧-୦ରେ ଅଗ୍ରଣୀ ରହିଛି। ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଘରୋଇ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ଏହି ମୁକାବିଲାରେ ବିଜୟୀ ହୁଏ ତେବେ ଭାରତର ସିରିଜ ଜିତିବାର ଆଶା ମଉଳିଯିବ। ଶେଷ ଦୁଇ ଟି-୨୦ରେ ଭାରତ ବିଜୟୀ ହେଲେ ସିରିଜ ଡ୍ର ରହିବ ନ ହେଲେ ଅଷ୍ଟ୍ରେଲିଆ ବାଜିମାତ୍ କରିନେବ। ଏଭଳିସ୍ଥଳେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତୀୟ ଦଳ ପାଇଁ ଏହି ତୃତୀୟ ଟି-୨୦ ବେଶ୍ ଗୁରୁତ୍ୱବହନ କରୁଛି। ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ଆଗରେ ଯେପରି ଭାରତୀୟ ବ୍ୟାଟର୍ ଆତ୍ମସମର୍ପଣ କଲେ ତାହା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି।

**ତୃତୀୟ ଟି-୨୦**
**ସ୍ଥାନ- ହୋବାର୍ଟ**
**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

# ହସ୍ପିଟାଲରୁ ବାହାରିଲେ ଆୟର

ସିଡ୍‌ନୀ, ୧।୧୧ (ଏଜେନ୍ସି): ଭାରତୀୟ କ୍ରିକେଟର୍ ଶ୍ରେୟସ ଆୟରଙ୍କୁ ନେଇ ଖୁସି ଖବର ଆସିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ ସମୟରେ ଛାତିରେ ଗୁରୁତର ଆଘାତ ଲାଗି ସିଡ୍‌ନୀରେ ଚିକିତ୍ସିତ ହେଉଥିବା ଆୟରଙ୍କୁ ଶନିବାର ହସ୍ପିଟାଲରୁ ରିଲିଜ କରାଯାଇଛି। କ୍ୟାଚ୍ ଧରିବାକୁ ଯାଇ ଆୟରଙ୍କ ପଞ୍ଜରାରେ ଆଘାତ ଲାଗି ଆଭ୍ୟନ୍ତରୀଣ ରକ୍ତକ୍ଷରଣ ହୋଇଥିଲା। ଯେଉଁଥି ପାଇଁ ସିଡ୍‌ନୀ ଏକ ହସ୍ପିଟାଲରେ ତାଙ୍କର ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଏବେ ରିଲିଜ କରାଯାଇଥିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ ଆୟରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ବିସିସିଆଇର ମେଡିକାଲ ଟିମ୍ ସହ ସିଡ୍‌ନୀର ଏକ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ସେ ଏବେ ସିଡ୍‌ନୀରେ ରହିବେ। ଯେବେ ବିମାନରେ ବସିବା ଲାଗି ଉପଯୁକ୍ତ ହେବେ ସେତେବେଳେ ତାଙ୍କୁ ଭାରତ ଅଣାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

# ନିରାଶ କଲେ ଓଡ଼ିଶା ବୋଲର; ଆନ୍ଧ୍ର ୨୨୨/୩

**ବାରବାଟୀ ରଣଜୀ**

ଭୁବନେଶ୍ୱର, ୧।୧୧ (ସମିସ): ଘରୋଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ମୁକାବିଲା ଶନିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ମ୍ୟାଚର ପ୍ରଥମ ଦିବସରେ ଘରୋଇ ଓଡ଼ିଶା ବୋଲର ନିରାଶ କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପ୍ରଥମ ଦିବସ ଖେଳ ଶେଷବେଳକୁ ୬୮ ଓଭରରେ ୩ ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଛି। ଖରାପ ଆଲୋକ ଯୋଗୁ ପ୍ରଥମ ଦିବସରେ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।


ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପାଇଁ ଦୁଇ ଓପନର୍ ଶ୍ରୀକର ଭରତ ଓ ଅଭିଷେକ ରେଡ୍ଡୀ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ୍ ଯୋଡ଼ିରେ ୧୬୧ ରନ ସଂଗ୍ରହ କରି ଘରୋଇ ଦଳର ବୋଲରଙ୍କୁ ନିରାଶ କରିଥିଲେ। ଭାରତୀୟ ଟେଷ୍ଟ ଦଳର ୱିକେଟ୍‌କିପର ଦାୟିତ୍ୱ ସମ୍ଭାଳିଥିବା ଶ୍ରୀକର ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ୧୨୯ ବଲର ଏହି ପାଳିରେ ସେ ୧୦ ଚୌକା ଓ ୩ଟି ଛକା ମାରିଥିଲେ। ଶ୍ରୀକରଙ୍କୁ ଆଉଟ୍ କରି ସମ୍ବିତ ବରାଳ ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଦଳୀୟ ସ୍କୋର ୨୦୧ ରନ ହୋଇଥିବାବେଳେ ଓଡ଼ିଶାକୁ କ୍ରମାଗତ ୨ଟି ସଫଳତା ମିଳିଥିଲା। ଅନ୍ୟତମ ଓପନର୍ ଅଭିଷେକ ୭୬ ରନ କରି ପ୍ରଥମେ ବାଦଲ ବିଶ୍ୱାଳଙ୍କ ଶିକାର ବନିଥିଲେ। ଏହାପରେ କ୍ରିଜକୁ ଆସିଥିବା ଅଧିନାୟକ ରିକି ଭୁଇ ମଧ୍ୟ ୫ଟି ବଲ୍ ସାମ୍ନା କରି ଥିଲେ ମଧ୍ୟ ଖାତା ଖୋଲି ନ ପାରି ସମ୍ବିତଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ସେକ୍ ରଶିଦ ଓ କିର୍ଦାନ୍ତ କରଣ ସିନ୍ଧେ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ରଶିଦ ୨୫ ଓ ସିନ୍ଧେ ୧୬ ରନ କରି ଖେଳୁଛନ୍ତି। ଘରୋଇ ଓଡ଼ିଶା ପାଇଁ ମଧ୍ୟଗତିର ଦ୍ରୁତ ବୋଲର ସମ୍ବିତ ସବୁଠୁ ସଫଳ ବୋଲର ରହି ୨ଟି ଓ ବାଦଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଖେଳି ୱିକେଟ୍ କିପର ସୌରଭ ଗୌଡ଼ା ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଓଡ଼ିଶା ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟ୍‌ରେ ପରାସ୍ତ ହୋଇଥିବାବେଳେ ଦ୍ୱିତୀୟ ମୁକାବିଲାରେ ୟୁପି ବିପକ୍ଷରେ ଗୋଟିଏ ପଏଣ୍ଟ ପାଇଛି।

**ଭାରତୀୟ ଟେନିସରେ ଏକ ଯୁଗର ଅନ୍ତ**

# ୪୫ ବର୍ଷରେ ଅବସର ନେଲେ ବୋପନ୍ନା

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ରୋହନ ବୋପନ୍ନା ଶେଷରେ ତାଙ୍କର ଦୁଇ ଦଶନ୍ଧିର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଛେଦ ଟାଣି ଶନିବାର ଅବସର ଘୋଷଣା କରିଛନ୍ତି। ବୋପନ୍ନାଙ୍କ ଅବସର ସହ ଭାରତୀୟ ଟେନିସରେ ଏକ ଯୁଗର ଅବସାନ ଘଟିଛି। ବେଙ୍ଗାଲୁରୁ ଜନ୍ମିତ ୪୫ ବର୍ଷୀୟ ବୋପନ୍ନା ଶେଷଥର ଲାଗି ଗତ ୨୮ ତାରିଖରେ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକଙ୍କୁ ସାଥୀ କରି ପ୍ୟାରିସ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଯେଉଁଥିରେ ସେ ରାଉଣ୍ଡ-୩୨ରୁ ହାରି ବିଦାୟ ନେଇଥିଲେ।

ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ବୋପନ୍ନା ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ତୁମର ଜୀବନକୁ ଏପରି ଅର୍ଥ ଦେଇଥିବା ଜିନିଷକୁ ତୁମେ କିଭଳି ଅଲ୍‌ବିଦା କରିପାରିବ। ଅବିସ୍ମରଣୀୟ ୨୦ ବର୍ଷର ଯାତ୍ରା ପରେ ଏବେ ସମୟ ଆସିଯାଇଛି। ଅଫିସିଆଲ୍ ଭାବେ ମୁଁ ମୋ ର୍ୟାକେଟ୍ ଝୁଲାଇଦେଉଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା।'



### ୪୩ ବର୍ଷରେ ନଂ-୧ ଖେଳାଳି

ଗତବର୍ଷ ପ୍ରାରମ୍ଭରେ ବୋପନ୍ନା ୪୩ ବର୍ଷ ବୟସରେ ବିଶ୍ୱର ଏକ ନମ୍ବର ପୁରୁଷ ଡବଲ୍ସ ଖେଳାଳି ମାନ୍ୟତା ପାଇଥିଲେ। ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ବିଜୟ ହାସଲ କରିବା ପରେ ସେ ଏହି ସଫଳତା ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ଟ୍ରଫି ଜିତିଥିଲେ। ଫଳରେ ଓପନ୍ ଏରାରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବାର ରେକର୍ଡ ବୋପନ୍ନାଙ୍କ ନାମରେ ଲିପିବଦ୍ଧ ହୋଇଥିଲା। ଏଥିପୂର୍ବରୁ ବୋପନ୍ନା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୧୭ରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସରେ ହାସଲ କରିଥିଲେ।

### ଅଳ୍ପକେ ଅଲିମ୍ପିକ ପଦକରୁ ବଞ୍ଚିତ

ତିନିଥର (୨୦୧୨, ୨୦୧୬ ଓ ୨୦୨୪) ଅଲିମ୍ପିକ ଖେଳିବାର ସୌଭାଗ୍ୟ ଲାଭ କରିଥିବା ବୋପନ୍ନା ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାନିଆ ମିର୍ଜାଙ୍କୁ ସାଥୀ କରି ଖେଳିଥିବା ରୋହନ ମିକ୍ସଡ ଡବଲ୍ସରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ବୋପନ୍ନା ୨୦୧୯ରେ 'ଅର୍ଜୁନ' ଓ ୨୦୨୪ରେ 'ପଦ୍ମଶ୍ରୀ' ପୁରସ୍କାର ଜିତିଥିଲେ।

# ଖେତବର, ନିର୍ମଳା ଜିତିଲେ ରାଜ୍ୟ ସ୍କୁଲ ଚେସ୍



ଭୁବନେଶ୍ୱର,୧।୧୧(ସମିସ): ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୬୯ତମ ରାଜ୍ୟ ସ୍କୁଲ ସମୂହର ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଭୁବନେଶ୍ୱରର ଖେତବର ମାଝୀ ଓ ବାଳିକା ବିଭାଗରେ ମଧ୍ୟ ଭୁବନେଶ୍ୱରର ନିର୍ମଳା କୁଲୁ ଚାମ୍ପିଅନ ହୋଇଛନ୍ତି। ବାଳକ ବିଭାଗରେ ଭୁବନେଶ୍ୱରର ଚେମ୍ବୁରୁ ହେମ୍ବ୍ରମ୍, ପୁରୀର ଆଦିତ୍ୟ ପଟ୍ଟନାୟକ, ଗଞ୍ଜାମର ବିଶାଳଜ୍ୟୋତି ପଣ୍ଡା ଓ କେନ୍ଦୁଝରର ଆଶୁତୋଷ ଖୁଣ୍ଟିଆ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ଗଞ୍ଜାମର ପ୍ରତ୍ୟୁଷାରାଣୀ କର, କଟକର ଜୟୀତା ବେହେରା, ସୁନ୍ଦରଗଡର ଭାଗ୍ୟଶ୍ରୀ ସିଂ ଓ କଳାହାଣ୍ଡିର ବବିତା ବେହେରା ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ସର୍ବଭାରତୀୟ ୧୭ ବର୍ଷରୁ କମ୍ ସ୍କୁଲ ଚେସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ତ୍ରିପୁରାର ଅଗରତାଲାରେ ଚଳିତମାସ ଖେଳାଯିବ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆର୍ବିଟର ସୌମ୍ୟକାନ୍ତ ସାହୁ, ବିଭୁଦତ୍ତ ରଥ, ଶ୍ରବଣ ପ୍ରଧାନ ଓ ସନ୍ତୋଷ ସାହୁ ତାଙ୍କୁ ସହାୟତା କରିଥିଲେ। ଖୋର୍ଦ୍ଧାର ବିଜେବି ହାଇସ୍କୁଲରେ ଏହି ପ୍ରତିଯୋଗିତା ୨ ଦିନ ଧରି ଆୟୋଜିତ ହୋଇଥିଲା। ଖେଳ ଶେଷରେ ଶାରିରୀକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି, ବିଏସ୍‌ଇର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଜିଲ୍ଲା ଶିକ୍ଷାଅଧିକାରୀ ସୋନାମିକା ରାୟ, ସହକାରୀ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଜ୍ଞାପାରମିତା ଜେନା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।

# ଟାର୍ଗେଟ୍- ୨୭୫; ଭାରତ-ଏ ୧୧୯/୪

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଓ ଭାରତ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋଚକସ୍ଥିତିରେ ପହଞ୍ଚିଛି। ୨୭୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ-ଏ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଛି। ଆହତ ସମସ୍ୟାରୁ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ଋଷଭ ପନ୍ତ ୬୪ ରନ ଓ ଆୟୂଷ ବଦୋନୀ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ଭାରତକୁ ବିଜୟ ଲାଗି ବଳକା ୬ ୱିକେଟ୍‌ରେ ଆଉ ୧୫୬ ରନ ଆବଶ୍ୟକ। ୭୫ ରନରେ ଆଗୁଆଥିବା ଦ. ଆଫ୍ରିକା-ଏ ଶନିବାର ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା।

GROOM WANTED
for Business Enturpuneer
Brahmin cast
Bride:- 25year, 5.4 feet,
Post Graduate, Father
Established Industrialist
of Eastern India /
Contact- 8984661780

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS